ବର୍ଷ-୨୫, ସଂଖ୍ୟା-୬୫
ଭୁବନେଶ୍ୱର
୦୭, ମାର୍ଚ୍ଚ, ୨୦୨୫ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 65
Bhubaneswar
07, March, 2025, Friday
Page-08, Rs.: 2.00


# ମହାଭାରତ


RNI Regd. No.: ODIODI2000/03863
Website : www.mahabharataepaper.com

Mahabharat




ଦିନିକିଆକୁ ମୁଶଫିକରଙ୍କ ଅବସର

## ହରିଶ ଟଣ୍ଡନ ହୋଇପାରନ୍ତି ହାଇକୋର୍ଟର ମୁଖ୍ୟ ବିଚାରପତି

**ନୂଆଦିଲ୍ଲୀ,୬।୩:** ୨୦୨୫ ଜାନୁଆରି ୧୯ ତାରିଖରେ ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂହ ଅବସର ନେବା ପରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ପଦବୀ ଖାଲି ପଡ଼ିଥିଲା। ତେଣୁ କଲିକତା ହାଇକୋର୍ଟର ବିଚାରପତି ଜଷ୍ଟିସ ହରିଶ ଟଣ୍ଡନଙ୍କୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ଦେବାକୁ କଲେଜିୟମ ପ୍ରସ୍ତାବ ଦେଇଛି।

ଜଷ୍ଟିସ ହରିଶ ଟଣ୍ଡନ ୨୦୧୦ ଏପ୍ରିଲ ୧୩ରେ କଲିକତାରେ ହାଇକୋର୍ଟର ବିଚାରପତି ଭାବରେ ନିଯୁକ୍ତ ହୋଇଥିଲେ ଏବଂ ସେବେଠାରୁ ସେ ସେଠାରେ କାର୍ଯ୍ୟ କରୁଛନ୍ତି। ମୁଖ୍ୟ ବିଚାରପତିଙ୍କ ସମେତ ହାଇକୋର୍ଟ ବିଚାରପତିଙ୍କ ସର୍ବଭାରତୀୟ ବରିଷ୍ଠତା ତାଲିକାରେ ଜଷ୍ଟିସ୍ ହରିଶ ଟଣ୍ଡନ ୭ ନମ୍ବର ସ୍ଥାନରେ ରହିଛନ୍ତି। ସେ ତାଙ୍କ ମୂଳ ହାଇକୋର୍ଟର ଜଣେ ବରିଷ୍ଠ ବିଚାରପତି ଉଚ୍ଚ ନ୍ୟାୟାଳୟର ବିଚାରପତି ଭାବେ ପଦୋନ୍ନତି ପାଇବା ପୂର୍ବରୁ ସେ ସିଭିଲ୍ ମାମଲାରେ କଲିକତା ହାଇକୋର୍ଟରେ ଅଭ୍ୟାସ କରୁଥିଲେ। ନ୍ୟାୟ ପ୍ରଦାନରେ ତାଙ୍କର ବ୍ୟାପକ ଅଭିଜ୍ଞତା ରହିଛି। ସମସ୍ତ ପ୍ରାସଙ୍ଗିକ ବିଷୟକୁ ଦୃଷ୍ଟିରେ ରଖି ଜଷ୍ଟିସ୍ ହରିଶ ଟଣ୍ଡନ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତ ହେବା ପାଇଁ ସବୁ ଦୃଷ୍ଟିରୁ ଉପଯୁକ୍ତ ବୋଲି କଲେଜିୟମ୍ ମତ ରଖିଛି। ତେଣୁ ଜଷ୍ଟିସ୍ ହରିଶ ଟଣ୍ଡନଙ୍କୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ଦେବାକୁ କଲେଜିୟମ ସୁପାରିସ କରିଛି। ତେବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅନୁମୋଦନ ମିଳିବା ପରେ ଏହା କାର୍ଯ୍ୟକାରୀ ହେବ ବୋଲି ଜଣାପଡିଛି।

## ଜୟଶଙ୍କରଙ୍କୁ ଖଲିସ୍ତାନୀଙ୍କ ଆକ୍ରମଣ ଉଦ୍ୟମ

ଲଣ୍ଡନ,୬।୩(ମହାଭାରତ): ଖାଲିସ୍ତାନୀମାନେ ସେମାନଙ୍କ ଭାରତ ବିରୋଧୀ କାର୍ଯ୍ୟରୁ ବିରତ ହେଉନାହାନ୍ତି। କାନାଡା ହେଉ କି ବ୍ରିଟେନ, ସେମାନେ ସବୁ ସ୍ଥାନରେ ନିଜର କୁତ୍ସିତ ଆଚରଣ ଦେଖାଉଛନ୍ତି। ଏଥର ଖାଲିସ୍ତାନୀମାନେ ଭାରତର ବୈଦେଶିକ ମନ୍ତ୍ରୀଙ୍କୁ ଆକ୍ରମଣ କରିବାକୁ ପଛେଇ ନାହାନ୍ତି।



ଲଣ୍ଡନରେ ଖଲିସ୍ତାନୀ ସମର୍ଥକମାନେ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କରଙ୍କ ସମ୍ମୁଖରେ ଭାରତୀୟ ଜାତୀୟ ପତାକାକୁ ଅପମାନିତ କରିବା ସହ ଚିରି ଦେଇଥିଲେ। ଖାଲି ସେତିକି ନୁହେଁ ସେମାନେ ଜୟଶଙ୍କରଙ୍କ ସହ ଅସଦାଚରଣ କରିବା ସହ ତାଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ।

ଚଥାମ ହାଉସ୍ ଥିଙ୍କଟ୍ୟାଙ୍କରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଜୟଶଙ୍କର ଫେରୁଥିବା ବେଳେ ଏହି ଘଟଣା ଘଟିଥିଲା। ଏହା ଆଶ୍ଚର୍ଯ୍ୟଜନକ ଯେ ବ୍ରିଟିଶ ସରକାରଙ୍କ ପୁଲିସ କେବଳ ଠିଆ ହୋଇ ଏହାକୁ ଦେଖୁଥିଲେ। ପରିସ୍ଥିତି ଗମ୍ଭୀର ହେବା ପରେ ସୈନିକମାନେ ଜୟଶଙ୍କରଙ୍କ କାର୍ ସମ୍ମୁଖରୁ ଖଲିସ୍ତାନୀ ସମର୍ଥକମାନଙ୍କୁ ହଟାଇ ଦେଇଥିଲେ।

ବ୍ରିଟେନ୍ ବୈଦେଶିକ ମନ୍ତ୍ରାଳୟ କହିଛି, ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ. ଜୟଶଙ୍କରଙ୍କ ବ୍ରିଟେନ୍ ଗସ୍ତ ସମୟରେ ଚଥାମ୍ ହାଉସ୍ ବାହାରେ ଘଟିଥିବା ଘଟଣାକୁ ଆମେ ଦୃଢ଼ ନିନ୍ଦା କରୁଛୁ। ବ୍ରିଟେନ୍ ଶାନ୍ତିପୂର୍ଣ୍ଣ ବିକ୍ଷୋଭ କରିବାର ଅଧିକାରକୁ ସମର୍ଥନ କରୁଛି, କିନ୍ତୁ ସାର୍ବଜନୀନ କାର୍ଯ୍ୟକ୍ରମକୁ ଭୟଭୀତ କରିବା, ଧମକ ଦେବା କିମ୍ବା ବାଧା ସୃଷ୍ଟି କରିବାକୁ କୌଣସି ପ୍ରୟାସ ସମ୍ପୂର୍ଣ୍ଣ ଗ୍ରହଣୀୟ ନୁହେଁ। ବ୍ରିଟେନର ବୈଦେଶିକ ମନ୍ତ୍ରାଳୟ କହିଛି ଯେ ମେଟ୍ରୋପଲିଟାନ ପୁଲିସ ପରିସ୍ଥିତିର ପରିଚାଳନା ପାଇଁ ଦ୍ରୁତ ଗତିରେ କାର୍ଯ୍ୟ କରିଛି ଏବଂ ଆମର ଅନ୍ତର୍ଜାତୀୟ ଦାୟିତ୍ୱ ଅନୁଯାୟୀ ଆମର ସମସ୍ତ କୂଟନୈତିକ ପର୍ଯ୍ୟଟକଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ଆମେ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ।

ବ୍ରିଟେନର ବୈଦେଶିକ ମନ୍ତ୍ରାଳୟ କହିଛି ଯେ ମେଟ୍ରୋପଲିଟାନ ପୁଲିସ ପରିସ୍ଥିତିର ପରିଚାଳନା ପାଇଁ ଦ୍ରୁତ ଗତିରେ କାର୍ଯ୍ୟ କରିଛି ଏବଂ ଆମର ଅନ୍ତର୍ଜାତୀୟ ଦାୟିତ୍ୱ ଅନୁଯାୟୀ ଆମର ସମସ୍ତ କୂଟନୈତିକ ପର୍ଯ୍ୟଟକଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ଆମେ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ। କମ୍ୟୁନିଟି ଅର୍ଗାନାଇଜେସନ୍ ଇନସାଇଟ୍ ୟୁକେ ଏହି ଘଟଣାର ଫୁଟେଜ୍ ସୋସିଆଲ ମିଡିଆରେ ଶେୟାର କରି କହିଛି, ଡକ୍ଟର ଏସ୍ ଜୟଶଙ୍କର ବ୍ରିଟେନ୍ ଗସ୍ତରେ ଥିବା ବେଳେ ଏହି ଆକ୍ରମଣ ଘଟିବା ଲଜ୍ଜାଜନକ ଏବଂ ବ୍ରିଟେନ୍ ବୈଦେଶିକ ସଚିବ ଡେଭିଡ୍ ଲାମିଙ୍କ ସହ ସଫଳ ବୈଠକ ହୋଇଥିଲା।

## ସୁଭଦ୍ରା ଯୋଜନା

# ମିଳିଲା ପ୍ରଥମ କିସ୍ତିର ପଞ୍ଚମ ପର୍ଯ୍ୟାୟ

ଭୁବନେଶ୍ୱର,୬।୩(ମହାଭାରତ): ଓଡିଶା ସରକାରଙ୍କର ସର୍ବବୃହତ ମହିଳା କଲ୍ୟାଣକାରୀ ଯୋଜନା "ସୁଭଦ୍ରା"ର ପ୍ରଥମ କିସ୍ତି ବିତରଣର ପଞ୍ଚମ ପର୍ଯ୍ୟାୟ କାର୍ଯ୍ୟକ୍ରମ ଗୁରୁବାର ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ୟୁଟିଉବ ଲାଇଭ ରେ ଓଡ଼ିଶାର ଜନସାଧାରଣଙ୍କ ସହ ସିଧାସଳଖ କଥା ହୋଇ ପ୍ରଥମ କିସ୍ତିର ପଂଚମ ପର୍ଯ୍ୟାୟରେ ୨ ଲକ୍ଷ ୩୪ ହଜାରରୁ ଉର୍ଦ୍ଧ୍ୱ ମା ଓ ଭଉଣୀ ମାନଙ୍କୁ ପ୍ରଥମ କିସ୍ତି ୫୦୦୦ ଟଙ୍କା ଲେଖାଏଁ ମୋଟ ୧୧୭ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଅର୍ଥରାଶି ସେମାନଙ୍କ ବ୍ୟାଙ୍କ ଆକାଉଂଟକୁ ଡ଼ିବିଟି ମାଧ୍ୟମରେ ପ୍ରେରଣ କରିଛନ୍ତି। ମହିଳା ସଶକ୍ତିକରଣର ଏହି ଜନକଲ୍ୟାଣକାରୀ ପ୍ରୟାସରେ ସୁଭଦ୍ରା ହେଉଛି ଏକ ଉଲ୍ଲେଖନୀୟ ପ୍ରୟାସ। ସୁଭଦ୍ରା ମା' ଙ୍କ କୃପାରୁ ଆଜି ଆମେ ସୁଭଦ୍ରା ଯୋଜନାର ଏତେ ବଡ ସଫଳତାକୁ ସମ୍ମାନ ଜଣାଇବା ପାଇଁ ଆସନ୍ତାକାଲି (ଶୁକ୍ରବାର) ଘରେ ଘରେ ଥିବା ସମସ୍ତ ସୁଭଦ୍ରା ତଥା ମା ଓ ଭଉଣୀମାନଙ୍କୁ ଦୀପ ଜଳାଇବା ପାଇଁ ଅନୁରୋଧ କଲେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା।

ଆଭାଷୀ ମାଧ୍ୟମରେ ଉପ- ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ, ସମାଜସେବୀ ଓ ହିତାଧିକାରୀମାନଙ୍କ ସହ ସିଧାସଳଖ କଥାବାର୍ତ୍ତା ହୋଇ ଓଡ଼ିଶାର ମହିଳାମାନଙ୍କ ଆର୍ଥିକ ସମୃଦ୍ଧି ଓ ସମ୍ମାନ ବୃଦ୍ଧି ପାଇଁ 'ସୁଭଦ୍ରା' ଓଡ଼ିଶାରେ ଯୁଗାନ୍ତକାରୀ ଏବଂ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ଯାଉଛି ବୋଲି ଉଲ୍ଲେଖ କରିଥିଲେ। ସୁଭଦ୍ରା ଯୋଜନାକୁ ଆହୁରି ସଶକ୍ତ କରି ମହିଳାମାନଙ୍କ ଦକ୍ଷତା ବିକାଶକୁ ଗୁରୁତ୍ୱ ଦିଆଯିବ ବୋଲି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ମତବ୍ୟକ୍ତ କରିଛନ୍ତି।

ସୂଚନାଯୋଗ୍ୟ ସୁଭଦ୍ରାରେ ପ୍ରଥମ ପର୍ଯ୍ୟାୟ ବିତରଣ କାର୍ଯ୍ୟକ୍ରମ ଭୁବନେଶ୍ୱରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କରକମଳରେ ୨୫,୨୯,୭୨୦ ଜଣ, ଏହିପରି ଦ୍ୱିତୀୟ ପର୍ଯ୍ୟାୟ ବିତରଣ କାର୍ଯ୍ୟକ୍ରମ ମୟୂରଭଞ୍ଜର ବାରିପଦା ଠାରେ ୩୫,୦୦,୦୦୪ ଜଣ, ତୃତୀୟ ପର୍ଯ୍ୟାୟ ବିତରଣ କାର୍ଯ୍ୟକ୍ରମ ସୁନ୍ଦରଗଡଠାରେ ୨୦,୦୦,୦୧୭ ଜଣ ଏବଂ ଚତୁର୍ଥ ପର୍ଯ୍ୟାୟରେ ୧୮ ଲକ୍ଷରୁ ଉର୍ଦ୍ଧ୍ୱ, ଏହିପରି ମୋଟ ୯୮ ଲକ୍ଷରୁ ଉର୍ଦ୍ଧ୍ୱ ଓଡିଶାର ଯୋଗ୍ୟ ମହିଳା ହିତାଧିକାରୀଙ୍କୁ ମାନେ ଏହିଯୋଜନା ରେ ଲାଭାନ୍ୱିତ ହୋଇ ସାରିଛନ୍ତି। ଆଜିର ପଞ୍ଚମ ପର୍ଯ୍ୟାୟର ୨ ଲକ୍ଷ ୩୪ ହଜାର ହିତାଧିକାରୀଙ୍କୁ ପ୍ରଥମ କିସ୍ତି ୫୦୦୦ ଟଙ୍କା ଲେଖାଏଁ ମୋଟ ୧୧୭ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପ୍ରେରଣ କରାଯାଇଛି। ଏହାକୁ ମିଶାଇ "ସୁଭଦ୍ରା"ରେ ଏକ କୋଟି ୬୪ ହଜାର ଉର୍ଦ୍ଧ୍ୱ ମହିଳାଙ୍କ ନିକଟକୁ ୫ ହଜାର ୩୨ କୋଟିରୁ ଅଧିକ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।



### ୧ କୋଟି ସୁଭଦ୍ରା ହିତାଧିକାରୀଙ୍କୁ ମିଳିଲାଣି ୫ ହଜାର

### ଆଜି ଘରେ ଘରେ ଥିବା ସମସ୍ତ ସୁଭଦ୍ରା ତଥା ମା ଓ ଭଉଣୀମାନଙ୍କୁ ଦୀପ ଜଳାଇବା ପାଇଁ ଅନୁରୋଧ

ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଥିବା ଏହି ଅର୍ଥରାଶି ବିତରଣ କାର୍ଯ୍ୟକ୍ରମ ରେ ଉପ-ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ଅଙ୍ଗନବାଡି କର୍ମୀ ଓ ସହାୟିକା ମାନଙ୍କୁ ସୁଭଦ୍ରାର ସଫଳତା ପାଇଁ ସେମାନଙ୍କର ଯୋଗଦାନକୁ ସ୍ୱୀକୃତି ପୂର୍ବକ ସ୍ୱତନ୍ତ୍ର ପ୍ରୋତ୍ସାହନ ରାଶି ଘୋଷଣା କରିଥିଲେ। ଏହି କ୍ରମରେ ପ୍ରତ୍ୟେକ ଅଙ୍ଗନବାଡି କର୍ମୀଙ୍କୁ ୧୫୦୦ ଟଙ୍କା ଏବଂ ପ୍ରତ୍ୟେକ ଅଙ୍ଗନବାଡି ସହାୟିକାଙ୍କୁ ୫୦୦ଟଙ୍କା ପ୍ରଦାନ କରାଯିବ। ରାଜ୍ୟ ସରକାର ଏହା ନିମନ୍ତେ ୧୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଖର୍ଚ୍ଚ ବହନ କରିବେ। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମାଙ୍କ ସହ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଓ ସୁଭଦ୍ରା ଯୋଜନା ପାଇଁ କାର୍ଯ୍ୟ କରୁଥିବା ସମସ୍ତ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

## ଆଜିଠୁ ଦ୍ୱିତୀୟ ପର୍ଯ୍ୟାୟ ବଜେଟ୍ ଅଧିବେଶନ

ଭୁବନେଶ୍ୱର,୬।୩(ମହାଭାରତ): ରାଜ୍ୟ ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନ ଆସନ୍ତାକାଲି (ଶୁକ୍ରବାର) ଠାରୁ ଆରମ୍ଭ ହୋଇ ଏପ୍ରିଲ୍ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅଧିବେଶନ କାଳରେ ଖର୍ଚ୍ଚଦାବି ନେଇ ଆଲୋଚନା ସହିତ ବ୍ୟୟ ମଞ୍ଜୁରୀ ବିଧେୟକ ପାରିତ ହେବାର କାର୍ଯ୍ୟକ୍ରମ ରହିଛି। ମାର୍ଚ୍ଚ ୭ ତାରିଖରେ ବିଭିନ୍ନ ବିଭାଗୀୟ ଷ୍ଟାଣ୍ଡିଂ କମିଟିର ରିପୋର୍ଟ ଉପସ୍ଥାପନ ହେବ। ମାର୍ଚ୍ଚ ୮ ଓ ୯ ତାରିଖ ଦ୍ୱିତୀୟ ଶନିବାର ଓ ରବିବାର ପାଇଁ ଅଧିବେଶନ ବନ୍ଦ ରହିବ। ଏହାପରେ ମାର୍ଚ୍ଚ ୧୦ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ବଜେଟ୍ ଉପରେ ଆଲୋଚନା ହେବ। ୨୯ ତାରିଖରେ ବ୍ୟୟମଞ୍ଜୁରୀ ବିଲ୍ ପାରିତ ହେବ। ସପ୍ତଦଶ ବିଧାନସଭାର ପ୍ରଥମ ପର୍ଯ୍ୟାୟ ବଜେଟ ଅଧିବେଶନ ୨୦୨୫ ଫେବୃୟାରି ୧୩ରୁ ଫେବୃୟାରି ୨୧ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଏହି ସମୟରେ ସରକାର ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୨ ଲକ୍ଷ ୯୦ ହଜାର କୋଟି ଟଙ୍କାର ବଜେଟ ଉପସ୍ଥାପନ କରିଥିଲେ।

# ବେଆଇନ୍ ଚାଲାଣ ଉପରେ ଲାଗିବ ରୋକ୍

**ଭୁବନେଶ୍ୱର,୬।୩(ମହାଭାରତ):** ଆଜି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ସହ ଭିଡିଓ କନଫରେନ୍ସିଂ ଯୋଗେ ବିଭିନ୍ନ ପ୍ରସଙ୍ଗ ଆଲୋଚନା କରିଥିଲେ। ଆଲୋଚିତ ଅନ୍ୟାନ୍ୟ ବିଷୟ ମଧ୍ୟରେ ଲଘୁ ଖଣିଜ ପଦାର୍ଥର ବେଆଇନ ଖନନ ମାମଲା ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବିଷୟ ଥିଲା। ରାଜ୍ୟରେ ସମସ୍ତ ବେଆଇନ ଖଣି ଖନନ ଓ ପରିବହନକୁ ରୋକିବା ପାଇଁ ପ୍ରବର୍ତ୍ତନ ଅଭିଯାନକୁ ବ୍ୟାପକ କରିବାକୁ ସମସ୍ତ ଜିଲ୍ଲା କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ବେଆଇନ୍ ବାଲି ଓ ପଥର ଖାଦାନରେ ଚଢ଼ାଉ କରିବା, ଉତ୍ସସ୍ଥଳରେ ବେଆଇନ ଖଣି ଖନନ ଉପରେ ରୋକ୍ ଲଗାଇବା ଏବଂ ଅଭିଯୁକ୍ତଙ୍କ ବିରୋଧରେ ଆଇନ ଅନୁଯାୟୀ ମାମଲା ରୁଜୁ କରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଇ-ଟ୍ରାନଜିଟ୍ ପାସ୍ ବିନା, ବେଆଇନ ଭାବେ ଖଣିଜ ପଦାର୍ଥ ପରିବହନ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁଠି ବେଆଇନ ଖଣିଜ ପରିବହନରେ କୌଣସି ଗାଡ଼ି ସମ୍ପୃକ୍ତ ବୋଲି ପ୍ରାଥମିକ ସ୍ତରରେ ପ୍ରମାଣିତ ହୁଏ, ସେଠାରେ ସେହି ବାହନକୁ ଆଇନ ଅନୁଯାୟୀ ତୁରନ୍ତ ଜବତ କରାଯିବ। ଜିଲ୍ଲାପାଳ ଓ ଏସପି ମିଳିତ ଭାବେ ପ୍ରବର୍ତ୍ତନ ଅଭିଯାନ ପାଇଁ ରଣନୀତି ସ୍ଥିର କରିବେ। ଉପଖଣ୍ଡ ସ୍ତରୀୟ ଟିମ୍ ଏବଂ ରାଜସ୍ୱ, ଖଣି, ପୋଲିସ ଏବଂ ଅନ୍ୟାନ୍ୟ ଅଧିକାରୀଙ୍କୁ ନେଇ ଗଠିତ ତହସିଲସ୍ତରୀୟ ଟିମ୍ ପ୍ରବର୍ତ୍ତନ କାର୍ଯ୍ୟ କରିବେ। ବାଲି, କଳାପଥର ଆଦିର ନୂତନ ଉତ୍ସ ଗୁଡ଼ିକର ସର୍ଭେ କରି ଚିହ୍ନଟ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତ୍ୟେକ ଜିଲ୍ଲାକୁ ସେମାନଙ୍କର ବର୍ତ୍ତମାନର ଉତ୍ସର ୧୫୦ ଗୁଣ ନୂତନ ଉତ୍ସ ଚିହ୍ନଟ କରିବାକୁ ପରାମର୍ଶ ଦିଆଯାଇଛି। ଏହି ନୂତନ ଉତ୍ସଗୁଡିକ ପାଇଁ ଜିଲ୍ଲା ସର୍ଭେ ରିପୋର୍ଟ ଚଳିତ ବର୍ଷ ଅଗଷ୍ଟ ମାସ ସୁଦ୍ଧା ପ୍ରସ୍ତୁତ କରାଯିବ ଏବଂ ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ଉତ୍ସଗୁଡିକ ନିଲାମ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାର ଉଦ୍ଦେଶ୍ୟ ହେଉଛି। ସଇରାତ ଉତ୍ସ ସଂଖ୍ୟା ବୃଦ୍ଧି କରିବା, ଯାହା ଫଳରେ ଲଘୁ ଖଣିଜ ପଦାର୍ଥର ଉପଲବ୍ଧତାକୁ ସହଜ କରିବ। ଏହାଦ୍ୱାରା ବେଆଇନ ଖଣି ଖନନକୁ ରୋକିବାରେ ସାହାଯ୍ୟ ହେବ ଏବଂ ଲଘୁ ଖଣିଜ ପଦାର୍ଥର ମୂଲ୍ୟକୁ କମା ଯାଇପାରିବ। ବୈଠକରେ ଅନ୍ୟ ଅଧିକାରୀମାନଙ୍କ ମଧ୍ୟରେ ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ତଥା ଇସ୍ପାତ ଓ ଖଣି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ଉପସ୍ଥିତ ଥିଲେ।

## ମହିଳା ଦିବସରେ ଜାତୀୟ ସମ୍ମିଳନୀକୁ ଉଦଘାଟନ କରିବେ ରାଷ୍ଟ୍ରପତି

ନୂଆଦିଲ୍ଲୀ/ଭୁବନେଶ୍ୱର, ୬।୩ (ମହାଭାରତ): ଚଳିତ ମାସ ୮ ତାରିଖରେ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ନୂଆଦିଲ୍ଲୀରେ ଆୟୋଜିତ ଜାତୀୟ ସମ୍ମିଳନୀକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦଘାଟନ କରିବେ। ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ନାରୀ ଶକ୍ତି ସେ ବିକଶିତ ଭାରତ ଶୀର୍ଷକରେ ଏହି ସମ୍ମିଳନୀ ଆୟୋଜନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ସଶସ୍ତ୍ର ବାହିନୀ ଓ ଅର୍ଦ୍ଧସାମରିକ ବାହିନୀ, ଦିଲ୍ଲୀ ପୁଲିସ, ମାଇଁ ଭାରତ ସ୍ୱେଚ୍ଛାସେବୀ, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କ ସମେତ ବିଭିନ୍ନ କ୍ଷେତ୍ରର ମହିଳାମାନେ ଅଂଶଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମରେ ବିଶ୍ୱବ୍ୟାଙ୍କ, ୟୁନିସେଫ୍, ଜାତିସଂଘ ମହିଳା, ୟୁଏନଡ଼ିପି ଏବଂ ୟୁଏନ୍ଏଫପିଏ ଭଳି ଆନ୍ତର୍ଜାତିକ ସଂଗଠନର ପ୍ରତିନିଧିମାନେ ଉପସ୍ଥିତ ରହିବେ ହ୍ୟାଶଟ୍ୟାଗ୍ ସହ ଏକ ସୋସିଆଲ ମିଡିଆ। ଅଭିଯାନର ମଧ୍ୟ ଆୟୋଜନ କରାଯାଉଛି। ଅନ୍ତର୍ଜାତୀୟ ମହିଳା ଦିବସ ସମ୍ପର୍କରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ କହିଛନ୍ତି ଯେ ଏହି ଦିବସ ମହିଳାଙ୍କ ବହୁମୁଖୀ ବିକାଶ ଉପରେ ଆଲୋଚନା କରିବା ଏବଂ ଏହା ହାସଲ କରିବାରେ ଥିବା ପ୍ରତିବନ୍ଧକକୁ ଦୂର କରିବାର ସୁଯୋଗ ପ୍ରଦାନ କରିବ।

## ଦେବ୍ରିଗଡ଼-ଭୀମମଣ୍ଡଳୀ-ହୀରାକୁଦକୁ ପର୍ଯ୍ୟଟନ ସର୍କିଟ ଘୋଷଣା କରିବାକୁ ଧର୍ମେନ୍ଦ୍ରଙ୍କ ଚିଠି

**ନୂଆଦିଲ୍ଲୀ/ଭୁବନେଶ୍ୱର, ୬।୩(ମହାଭାରତ):** ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ଏବଂ ଐତିହ୍ୟ ପର୍ଯ୍ୟଟନର କେନ୍ଦ୍ର ଭାବରେ ଭାରତର ସ୍ଥାନକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତଙ୍କୁ ପତ୍ର ଲେଖି ଦେବ୍ରିଗଡ଼-ଭୀମମଣ୍ଡଳୀ-ହୀରାକୁଦକୁ ପର୍ଯ୍ୟଟନ ସର୍କିଟ ଭାବେ ଘୋଷଣା କରିବା ପାଇଁ ଅନୁରୋଧ କରିଛନ୍ତି। ଏହାସହ ଐତିହ୍ୟ ସ୍ଥାନ ଭୀମମଣ୍ଡଳୀର ସୁରକ୍ଷା ଓ ସଂରକ୍ଷଣ କରିବା ପାଇଁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସଆଇ)କୁ ଦାୟିତ୍ୱ ଦେବାକୁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଚିଠିରେ ଭୀମମଣ୍ଡଳୀ, ଦେବ୍ରିଗଡ଼ ଏବଂ ହୀରାକୁଦର ଐତିହ୍ୟ, ଇତିହାସ ଏବଂ ପର୍ଯ୍ୟଟନ କ୍ଷେତ୍ରରେ ଥିବା ଅପାର ସମ୍ଭାବନା ଉପରେ ଉପରେ ବର୍ଣ୍ଣନା କରିଛନ୍ତି। ସେ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ହୀରାକୁଦ ଡ୍ୟାମ ଠାରୁ ମାତ୍ର ୧୦୦ କିମି ଦୂରରେ ଅବସ୍ଥାପିତ ଭୀମମଣ୍ଡଳୀ ସ୍ଥାନୀୟ ଅଂଚଳରେ ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ ସ୍ଥାନ। ଏହି ଭୀମମଣ୍ଡଳୀରେ ହଜାର ହଜାର ବର୍ଷ ପୂର୍ବର ପଥର ଚିତ୍ର ଓ ଶିଳାଲେଖ ରହିଛି। ଓଡ଼ିଶାର ପୁରାତନ ରକ୍ ଆର୍ଟ୍ ଅଂଚଳ ହୋଇଥିବାରୁ ଏହି ଅଂଚଳର ବଡ ବଡ



ପଥରରେ ହରିଣ, ହାତୀ, ବିଭିନ୍ନ ପଶୁଙ୍କ ପାଦଚିହ୍ନ ଓ ମହୁମାଛି ଆଦି ଚିତ୍ରାଙ୍କନ ରହିଛି। ଏହା ପ୍ରମାଣିତ କରୁଛି ଯେ, ଏହି ଅଂଚଳରେ ପୂର୍ବରୁ ଜନବସତି ଗଢି ଉଠିଥିଲା। ମହାଭାରତର ପାଣ୍ଡବଙ୍କ ସହ ଏହାର ସମ୍ପର୍କ ଥିବାରୁ ଭୀମଙ୍କ ନାମରେ ଏହି ସ୍ଥାନର ନାମକରଣ ହୋଇଥିବା ବିଶ୍ୱାସ ରହିଛି। ଐତିହାସିକ ଦୃଷ୍ଟିକୋଣ, ଅପରୂପ ସୌନ୍ଦର୍ଯ୍ୟ ଏବଂ ପୌରାଣିକ ସମ୍ପର୍କ ସହ ଜଡ଼ିତ ଅଂଚଳ ଭାବେ ଭୀମମଣ୍ଡଳୀ ଜଣାଶୁଣା, ଯାହା ଇତିହାସକାର, ପ୍ରକୃତି ପ୍ରେମୀ, ଶ୍ରଦ୍ଧାଳୁ, ପର୍ଯ୍ୟଟକ ଏବଂ ଦୁଃସାହସିକ ପ୍ରବର୍ତ୍ତକମାନଙ୍କୁ ଆକର୍ଷିତ କରିଛି।

ତେବେ ଭୀମମଣ୍ଡଳୀର ରକ୍ଷଣାବେକ୍ଷଣ ଓ ସଂରକ୍ଷଣ ଅଭାବରୁ ଏହି ପ୍ରାଚୀନ ରକ୍ ଆର୍ଟ୍ ସ୍ଥଳୀ ଅବକ୍ଷୟ ଅବସ୍ଥାରେ ରହିଛି। ଅଧିକାଂଶ ରକ୍ ଆର୍ଟ ଏବେ ଲିଭିଯାଇଛି।

## ଅଗ୍ନିକାଣ୍ଡରେ ଜଳିଗଲା ୧୦ରୁ ଅଧିକ ବୋଟ୍

**ପାରାଦୀପ, ୬।୩ (ମହାଭାରତ) :** ପାରାଦୀପ ନେହରୁ ବଙ୍ଗଳା ମାଛଧରା ବନ୍ଦରରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ନିଆଁ ୧୦ରୁ ଅଧିକ ବୋଟ ଜଳିଯାଇଛି। ଖବରପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ହେଲେ ବୋଟ୍ ଗୁଡିକ ସମ୍ପୂର୍ଣ୍ଣ ଭାବେ ଜଳିଯାଇଛି। ତେବେ ଅଗ୍ନିକାଣ୍ଡରେ କେହି ମୃତାହତ ହୋଇଥିବା ଏପର୍ଯ୍ୟନ୍ତ ଜଣାପଡିନାହିଁ। ସୂଚନା ମୁତାବକ, କୌଣସି କାରଣରୁ ପ୍ରଥମେ ଗୋଟିଏ ବୋଟରେ ହଠାତ ନିଆଁ ଲାଗିଯାଇଥିଲା। ଏହାପରେ ଲଗାଲଗି ହୋଇ ଥିବାରୁ ଧିରେ ଧିରେ ଅନ୍ୟ ବୋଟରେ ନିଆଁ ଧରିଥିଲା। ବୋଟରେ ଡିଜେଲ ଥିବାରୁ ନିଆଁ ତୀବ୍ର ବେଗରେ ପାଖରେ ଥିବା ବୋଟରେ ଲାଗିଯାଇଥିଲା। ଘଟଣାସ୍ଥଳରେ ୬ଟି ଅଗ୍ନିଶମ ବାହିନୀ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ତେବେ ନିଆଁ କିଭଳି ଲାଗିଲା ସେନେଇ କିଛି ସ୍ପଷ୍ଟ ସୂଚନା ନାହିଁ। ଏଥିରେ ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ଘଟଣାସ୍ଥଳରେ ପୋଲିସ ମୁତୟନ ହୋଇଛନ୍ତି।

# ଉତ୍ତରାଖଣ୍ଡକୁ ସବୁ ଦିନିଆ ପର୍ଯ୍ୟଟନ ଉପରେ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱ



ନୂଆଦିଲ୍ଲୀ,୬।୩(ପିଆଇବି): ଉତ୍ତରାଖଣ୍ଡର ହର୍ଷିଲରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରମସାଧ ଯାତ୍ରା ଓ ବାଇକ ରାଲି ଉଦଘାଟନ କରିବା ପରେ ଶୀତ ପର୍ଯ୍ୟଟନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ମୁଖବାରେ ମା ଗଙ୍ଗାଙ୍କ ସେ ପୂଜା ଓ ଦର୍ଶନ କରିଥିଲେ। ସମବେତ ଜନତାକୁ ଉଦବୋଧନ ଦେଇ ମାନା ଗାଁରେ ହୋଇଥିବା ଦୁଃଖଦ ଘଟଣା ପ୍ରତି ସେ ସମବେଦନା ଜଣାଇଥିଲେ ଓ ମୃତକଙ୍କ ପରିବାରକୁ ସାନ୍ତ୍ୱନା ଜଣାଇଥିଲେ। ଏପରି ସଂକଟ ସମୟରେ ସାରା ଦେଶ ସେମାନଙ୍କ ସହ ରହିଥିବା ପ୍ରଧାନମନ୍ତ୍ରୀ କହିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଦେବଭୂମି ଭାବେ ପରିଚିତ ଉତ୍ତରାଖଣ୍ଡ ଧାର୍ମିକ ଉର୍ଜାରେ ଭରପୂର ଓ ଚାରି ଧାମ ଦ୍ୱାରା ଆଶୀର୍ବାଦ ପ୍ରାପ୍ତ ହୋଇଛି। ଜୀବନ ପ୍ରଦାୟନକାରୀ ମା ଗଙ୍ଗାଙ୍କ ଶୀତୁଆ ସ୍ଥଳ ଭାବରେ ଏହି ଦେବଭୂମିର ତାତ୍ପର୍ଯ୍ୟ ରହିଛି। ଏହି ସ୍ଥାନକୁ ପୁଣିଥରେ ଆସି ଏଠାକାର ବାସିନ୍ଦାଙ୍କୁ ସାକ୍ଷାତ କରିଥିବାରୁ ସେ କୃତଜ୍ଞତା ଜ୍ଞାପନ କରିଥିଲେ।

ମା ଗଙ୍ଗାଙ୍କ ଆଶୀର୍ବାଦରୁ ଶତାବ୍ଦୀ ଧରି ଉତ୍ତରାଖଣ୍ଡ ବାସିନ୍ଦାଙ୍କ ସେ ସେବା କରିଆସୁଥିବା କହିଥିଲେ। ମା ଗଙ୍ଗାଙ୍କ ଆଶୀର୍ବାଦରୁ ସେ କାଶୀ ଆସିଛନ୍ତି ଓ ସେଠାରୁ ସେ ସଂସଦକୁ ପ୍ରତିନିଧିତ୍ୱ କରୁଥିବା କହିଥିଲେ। ମା ଗଙ୍ଗାଙ୍କର ତାଙ୍କ ପ୍ରତି ରହିଥିବା ଭଲ ପାଇବା ପାଇଁ ସେ ମୁଖବା ଗାଁକୁ ଆସିପାରିଛନ୍ତି ଓ ମୁଖିମଠରେ ପୂଜାର୍ଚ୍ଚନା କରିଥିବା ପ୍ରଧାନମନ୍ତ୍ରୀ କହିଥିଲେ। ହର୍ଷିଲ ଗାଁକୁ ଆସି ସ୍ଥାନୀୟ ମହିଳା ବା ଦିଦି-ଭୂଲିୟାମାନଙ୍କ ଆତିଥ୍ୟକୁ ପ୍ରଧାନମନ୍ତ୍ରୀ ଭୂରିଭୂରି ପ୍ରଶଂସା କରିଥିଲେ। ପ୍ରଧାନମନ୍ତ୍ରୀଙ୍କୁ ହର୍ଷିଲ ରାଜମା ପ୍ରଦାନ କରିଥିବାରୁ ସେ ସ୍ଥାନୀୟ ମହିଳାମାନଙ୍କୁ ଧନ୍ୟବାଦ ଦେଇଥିଲେ।

ବାବା କେଦାରନାଥଙ୍କ ପୀଠ ଗସ୍ତ କରିଥିବା ସ୍ମୃତିକୁ ପ୍ରଧାନମନ୍ତ୍ରୀ ମନେ ପକାଇଥିଲେ। ଏହି ଶତାବ୍ଦୀ ବାବା କେଦାରନାଥଙ୍କ ଶତାବ୍ଦୀ ଭାବେ ପରିଚିତ ହେବ ବୋଲି ସେ କହିଥିଲେ। ନୂଆ ରାଜ୍ୟ ଗଠନ ହେବା ପରେ ଉତରାଖଣ୍ଡର ବିକାଶ ପାଇଁ ରାସ୍ତା ଫିଟୁଛି। ରାଜ୍ୟର ଅର୍ଥନୈତିକ ବିକାଶ ପାଇଁ ଶୀତକାଳୀନ ପର୍ଯ୍ୟଟନ ଏ କ୍ଷେତ୍ରରେ ଏକ ବଳିଷ୍ଠ ପଦକ୍ଷେପ। ରାଜ୍ୟର ବିକାଶ ପାଇଁ ଉତରାଖଣ୍ଡ ସରକାରଙ୍କର ଉଦ୍ୟମକୁ ସେ ପ୍ରଶଂସା କରିଥିଲେ।

ରାଜ୍ୟରେ ବର୍ଷ ସାରା ପର୍ଯ୍ୟଟନ କ୍ଷେତ୍ରରେ କାର୍ଯ୍ୟକ୍ରମ ଚାଲୁ ରହିଲେ ରାଜ୍ୟର ଅର୍ଥନୀତିରେ ବିକାଶ ଘଟିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ପ୍ରତିଟି ଋତୁରେ ପର୍ଯ୍ୟଟନ ଭିତ୍ତିକ କାର୍ଯ୍ୟକ୍ରମ ଚାଲୁ ରହିବା ଉଚିତ ବୋଲି ସେ କହିଥିଲେ। ସାଧାରଣତଃ ମାର୍ଚ୍ଚ, ଏପ୍ରିଲ, ମେ ଓ ଜୁନରେ ଏଠାକୁ ବିଭିନ୍ନ ପର୍ଯ୍ୟଟକ ବୁଲିବାକୁ ଆସିଥାନ୍ତି। ଶୀତ ଦିନରେ ଏତେଟା ପର୍ଯ୍ୟଟକ ଆସୁନଥିବାରୁ ହୋଟେଲ, ରିସର୍ଟ, ହୋମ ଷ୍ଟେ ପ୍ରାୟତଃ ଖାଲି ପଡିଥାଏ। ଏଥିପାଇଁ ଅର୍ଥନୈତିକ ବିକାଶ ବାଧା ପ୍ରାପ୍ତ ହୋଇଥାଏ ଓ ପରିବେଶ ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି କରିଥାଏ। ଶୀତ ଦିନରେ ଉତରାଖଣ୍ଡ ପରିଦର୍ଶନ କଲେ ଏହି ଦେବଭୂମିର ସୁନ୍ଦରତାକୁ ଅନୁଭବ କରିହେବ। ଏହି ଅଂଚଳରେ ଉପଲବ୍ଧ ଟ୍ରେକିଂ ଓ ସ୍କାଇଂର ଭରପୂର ମଜା ନେବା ଉଚିତ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଏହି ସମୟରେ ଏଠାରେ ଅନୁଷ୍ଠିତ ବିଭିନ୍ନ ପୂଜାପାଠର ଲାଭ ଉଠାଇବା ଦରକାର ବୋଲି ସେ ଅଭିହିତ କରିଥିଲେ। ବିଶେଷକରି ମୁଖବା ଗାଁରେ ଅନୁଷ୍ଠିତ ଧାର୍ମିକ ଉତ୍ସବ ଏହି ଅଂଚଳର ପ୍ରାଚୀନ ଓ ଗୌରବାବହ ଐତିହ୍ୟକୁ ପ୍ରତିପାଦିତ କରିଥାଏ। ବର୍ଷ ସାରା ରାଜ୍ୟ ସରକାରଙ୍କର ପର୍ଯ୍ୟଟନ ଭିତ୍ତିକ କାର୍ଯ୍ୟକ୍ରମ ଲୋକମାନଙ୍କୁ ଦିବ୍ୟ ଅନୁଭୂତି ଦେବାରେ ସହାୟକ।

## ୮୭ ଲକ୍ଷ ଠକେଇ, ମହିଳା ଗିରଫ

**କଟକ,୬।୩ (ମହାଭାରତ) :** ଓଡ଼ିଶା ପୁଲିସର କ୍ରାଇମବ୍ରାଞ୍ଚ ସାଇବର ୟୁନିଟ୍ ୮୭ ଲକ୍ଷ ଟଙ୍କାର ଅନଲାଇନ୍ ନିବେଶ ଠକେଇ ଅଭିଯୋଗରେ ଜଣେ ମହିଳାଙ୍କୁ ଗିରଫ କରିଛି। ଗିରଫ ମହିଳା ଜଣକ ଦକ୍ଷିଣ ଦିଲ୍ଲୀର ବନ୍ଦନା ବାଓ୍ୱା ବୋଲି ଚିହ୍ନଟ କରାଯାଇଛି।

କ୍ରାଇମବ୍ରାଞ୍ଚ ସୂଚନା ଅନୁଯାୟୀ, ଭୁବନେଶ୍ୱରର ଶୈଳଶ୍ରୀ ବିହାରରୁ ଜଣେ ଅଭିଯୋଗକାରୀଙ୍କ ଲିଖିତ ରିପୋର୍ଟ ଆଧାରରେ ସୂଚନା ପ୍ରଯୁକ୍ତିବିଦ୍ୟା ଆଇନର ଧାରା ୬୬(ସି)/୬୬(ଡି) ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଥିଲା। ତଦନ୍ତରୁ ଜଣାପଡିଛି ଯେ, ଏକ ଘରୋଇ ସଂସ୍ଥାର କର୍ମଚାରୀଙ୍କୁ ୧୦୧ ଷ୍ଟକ୍ ଆଲୋଚନା ଗୋଷ୍ଠୀ ନାମକ ଏକ ଅଜଣା ହ୍ୱାଟ୍ସଆପ୍ ଗ୍ରୁପରେ ଯୋଡା ଯାଇଥିଲା, ଯାହାର ନେତୃତ୍ୱ ଜଣେ ବ୍ୟକ୍ତି ନେଉଥିଲେ। ସେ ନିଜକୁ ପ୍ରଫେସର ଭାବରେ ପରିଚୟ ଦେଉଥିଲେ। ଠକମାନେ ଷ୍ଟକ୍ ଟ୍ରେଡିଂ ଟିପ୍ସ, ଆଇପିଓ ମାର୍ଗଦର୍ଶନ ଏବଂ ନିବେଶ ରଣନୀତି ପ୍ରଦାନ କରିବା ବାହାନାରେ, ପୀଡିତଙ୍କୁ ଦୁଇଟି ସେୟାର ୱେବ୍ ଲିଙ୍କରେ ପଞ୍ଜିକରଣ କରିବାକୁ କହି ତାଙ୍କର ନିବେଶ ଟଙ୍କା ହେରଫେର କରିଥିଲେ।

ଠକ ଧୀରେ ଧୀରେ ତାଙ୍କର ବିଶ୍ୱାସ ହାସଲ କଲେ ଏବଂ ତାଙ୍କୁ ବିଭିନ୍ନ ତାରିଖରେ ଅନେକ କାରବାର ମାଧ୍ୟମରେ ଇଣ୍ଡସଇଣ୍ଡ ବ୍ୟାଙ୍କ, ପିଏନବି ଏବଂ ଅନ୍ୟାନ୍ୟ ବ୍ୟାଙ୍କରେ ଥିବା ଠକମାନଙ୍କ ବିଭିନ୍ନ ଆକାଉଣ୍ଟରେ ପ୍ରାୟ ୮୭ ଲକ୍ଷ ଟଙ୍କା ଜମା କରିବାକୁ ପ୍ରବର୍ତ୍ତାଇଥିଲେ। ସେମାନଙ୍କ ଠକାମିର ଶିକାର ହୋଇ, ପୀଡିତ ବ୍ୟକ୍ତି ତାଙ୍କ କଠିନ ପରିଶ୍ରମର ଟଙ୍କାକୁ ଏକ ବୈଧ ନିବେଶ ସୁଯୋଗ ବୋଲି ବିଶ୍ୱାସ କରି ସ୍ଥାନାନ୍ତର କରିଥିଲେ। ମାମଲାର ବର୍ତ୍ତମାନ ତଦନ୍ତ କରାଯାଉଛି। ଅତିରିକ୍ତ ଏସପି ରିତେଶ କୁମାର ମହାପାତ୍ରଙ୍କ ନେତୃତ୍ୱରେ ତଦନ୍ତକାରୀ ଦଳ, କାରବାର ବିବରଣୀ ବିଶ୍ଳେଷଣ କରିବା ପରେ ଏବଂ ଅନ୍ୟାନ୍ୟ ଡିଜିଟାଲ୍ ପ୍ରମାଣ ଉପରେ କାର୍ଯ୍ୟ କରିବା ପରେ, ନୂଆଦିଲ୍ଲୀରେ ଡେରା ପକାଇଥିଲେ ଏବଂ ସ୍ଥାନୀୟ ଅଞ୍ଚଳରେ ବିବରଣୀ ଯାଞ୍ଚ କରିବା ପରେ, ଦକ୍ଷିଣ ଦିଲ୍ଲୀର ବନ୍ଦନା ବାଓ୍ୱା ନାମକ ଅପରାଧୀକୁ ସଫଳତାର ସହ ଚିହ୍ନଟ କରି ଗିରଫ କରିଛନ୍ତି।

# ଅଣ୍ଡା ଚିକେନ ଫ୍ରାଏ

ସାମଗ୍ରୀ: ଚିକେନ ,ଅଣ୍ଡା , ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଅଦା ରସୁଣ ବଟା , ଲୁଣ , ଜିରା ଗୁଣ୍ଡ, ଧନିଆ ଗୁଣ୍ଡ , ଗୋଟା ଗରମ ମସଲା , ଜିରା , କଟା ଟମାଟୋ ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚିକନେକୁ ଭଲ ଭାବେ ଧୋଇ ସେଥିରେ ଲଙ୍କା ଗୁଣ୍ଡ , ହଳଦୀ ଗୁଣ୍ଡ , ଅଦା – ରସୁଣ ବଟା ଓ ଲୁଣ ପକାନ୍ତୁ। ଏବେ ସେଥିରେ ଜିରା ଗୁଣ୍ଡ , ଧନିଆ ଗୁଣ୍ଡ ଓ ଅଣ୍ଡା ପକାଇ ମ୍ୟାରିନେଟ କରି ରଖନ୍ତୁ।

କିଛି ସମୟ ପରେ କଡ଼େଇରେ ତେଲ ଗରମ କରି ଗୋଟା ଗରମ ମସଲା , ଜିରା , କଟା ଟମାଟୋ, ଅଣ୍ଡା , ଲୁଣ ଓ ହଳଦୀ ପକାଇ ଭଲ ଭାବେ କଷନ୍ତୁ। ଅଣ୍ଡା ମସଲା କଷି ହୋଇଗଲେ ସେଥିରେ ମ୍ୟାରିନେଟ ହୋଇଥିବା ଚିକେନ ପକାଇ କଷନ୍ତୁ। ଏବେ ଅଳ୍ପ ପାଣିଦେଇ ଘୋଡ଼େଇ ଦିଅନ୍ତୁ। ଏବେ ଚିକନେ୍‌କୁ ସିଝିବାକୁ ଛାଡ଼ି ଦିଅନ୍ତୁ। ତେବେ କିଛି ସମୟ ଅନ୍ତରରେ ଘୋଡ଼ଣୀ କାଢି ଦେଖି ଥାଆନ୍ତୁ। ନ ହେଲେ ଚିକେନ ଲାଗି ଯାଇପାରେ। ଚିକେନ ସିଝି ଗଲା ପରେ ଓ ପାଣି ପୂରା ମରିଗଲା ପରେ ସେଥିରେ ଟମାଟୋ ସସ୍ , ଚିଲି ସସ୍ ପକାଇ ଆଉ ଅଳ୍ପ ସମୟ ଚୁଲିରେ ବସାନ୍ତୁ। ଏହାପରେ କଡ଼େଇକୁ ଓହ୍ଲାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ଅଣ୍ଡା ଚିକେନ ଫ୍ରାଏ' ।



## ଖବର

# 'ତୁମକୋ ମେରି କସମ' ଟ୍ରେଲର: କୋର୍ଟର ଚକ୍କର କାଟୁଛନ୍ତି ଅନୁପମ ଖେର







ବିକ୍ରମ ଭଟ୍ଟଙ୍କ ଆଗାମୀ ଚଳଚ୍ଚିତ୍ର 'ତୁମକୋ ମେରି କସମ'ର ଟ୍ରେଲର ରିଲିଜ୍ ହୋଇଛି। ଏହି ଫିଲ୍ମରେ ଅନୁପମ ଖେର, ଅଦା ଶର୍ମା, ଈଶା ଦେଓଲ ଓ ଇଶ୍ୱାକ ସିଂହ ପ୍ରମୁଖ କଳାକାର ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ଯଦିଓ ବିକ୍ରମ ଭଟ୍ଟ ହରର ଚଳଚ୍ଚିତ୍ର ନିର୍ମାଣ ପାଇଁ ଜଣାଶୁଣା, କିନ୍ତୁ ଏଥର ସେ ଏକ ଜୋରଦାର କୋର୍ଟ ରୁମ୍ ଡ୍ରାମା ନେଇ ଆସୁଛନ୍ତି।୨ ମିନିଟ୍ ୫୧ ସେକେଣ୍ଡର ଟ୍ରେଲରରେ ଅନୁପମ ଖେର ମୁଖ୍ୟ ଭୂମିକାରେ ନଜର ଆସିଛନ୍ତି। ତାଙ୍କ ବିରୋଧରେ ହତ୍ୟା ଅଭିଯୋଗ ହୋଇଛି ଏବଂ ସେ ନିଜକୁ ନିର୍ଦୋଷ ସାବ୍ୟସ୍ତ କରିବାକୁ ଚେଷ୍ଟା କରୁଛନ୍ତି। ଅପରପକ୍ଷେ ଅଦା ଶର୍ମା ତାଙ୍କ ସ୍ୱାମୀଙ୍କ ସ୍ୱପ୍ନ ପୂରଣ କରିବାରେ ବ୍ୟସ୍ତ ଅଛନ୍ତିଫ ଟ୍ରେଲରରେ ଈଶା ଦେଓଲଙ୍କୁ ଓକିଲ ଭୂମିକାରେ ଦେଖିବାକୁ ମିଳିଛି। ଚଳଚ୍ଚିତ୍ରର କାହାଣୀ ଏକ ଆଇଭିଏଫ୍ ସେ□ର ଉପରେ ଆଧାରିତ। ପ୍ରଶଂସକ ଟ୍ରେଲରକୁ ଖୁବ୍ ପସନ୍ଦ କରିଛନ୍ତି। କମେ□ ମାଧ୍ୟମରେ ଟ୍ରେଲରର ପ୍ରଶଂସା କରିଛନ୍ତି। ଚଳିତ ମାସ ୨୧ ତାରିଖରେ ପରଦାକୁ ଆସିବ 'ତୁମକୋ ମେରି କସମ'।

# ସୋମବାର ବିଶେଷ : ପ୍ରଭୁଙ୍କୁ ଅର୍ପଣ କରନ୍ତୁ ଅରୁଆ ଚାଉଳି



ସୋମବାର ପ୍ରଭୁ ଶଙ୍କରଙ୍କୁ ସମର୍ପିତ। ଏହି ଦିନ ପ୍ରଭୁ ମହାଦେବଙ୍କ ବିଶେଷ ଭାବେ ପୂଜାର୍ଚ୍ଚନା କରାଯାଇଥାଏ। ମାତ୍ର କିଛି ସରଳ ଉପାୟ ରହିଛି, ଯାହାକୁ ଆପଣାଇବା ଦ୍ୱାରା ଆର୍ଥିକ ସମସ୍ୟା ଦୂର ହୋଇଥାଏ। ଜାଣନ୍ତୁ.. ପ୍ରଭୁ ଶିବଶଙ୍କରଙ୍କୁ ଅକ୍ଷତ କିମ୍ବା ଏକ ମୁଠା ଗୋଟା ଅରୁଆ ଚାଉଳ ଅର୍ପଣ କରନ୍ତୁ। ଏହାଦ୍ୱାରା ଆର୍ଥିକ ସମସ୍ୟା ଦୂର ହୋଇ ଧନ ବୃଦ୍ଧି ହୋଇଥାଏ। ପ୍ରଭୁ ଶଙ୍କରଙ୍କୁ କଳା ରାଶି ଅର୍ପଣ କରନ୍ତୁ। ଏହାଦ୍ୱାରା ମାନସିକ ଓ ଶାରୀରିକ ଶାନ୍ତି ମିଳିଥାଏ। ରୋଗ ଦୂର ହୋଇଥାଏ। ପ୍ରଭୁଙ୍କ ନିକଟରେ ହରଡ ଡାଲି ଅର୍ପଣ କରିବା ଦ୍ୱାରା ସୁଖସମୃଦ୍ଧି ପ୍ରାପ୍ତି ହୋଇଥାଏ। ବିବାହରେ ବିଳମ୍ବ ହେଉଥିଲେ ପ୍ରଭୁଙ୍କ ନିକଟରେ ଗହମ ଅର୍ପଣ କରନ୍ତୁ। ଶିବ ଲିଙ୍ଗରେ ହଳଦିଆ ମୁଗ ଅର୍ପଣ କଲେ ଶ୍ରଦ୍ଧାଳୁଙ୍କ ମନସ୍କାମନା ପୂରଣ ହୋଇଥାଏ।

# କେଶ ଝଡ଼ିବା କମ୍ କରେ ପେଜ

ଭାତ ଗାଳି ସାରିବା ପରେ ଏହାର ପେଜକୁ ଅଦରକାରୀ ଭାବି ଆମେ ଫିଙ୍ଗି ଦେଇଥାଉ। ଏହାକୁ ନଫିଙ୍ଗି ଘରୋଇ ଉପଚାର ଭାବରେ ଆପଣ ବ୍ୟବହାର କରିପାରିବେ୤ ତ୍ୱଚା ଓ କେଶକୁ ସୁନ୍ଦର କରିବା ପାଇଁ ପେଜକୁ ବ୍ୟବହାର କରାଯାଇଥାଏ। ଚାଉଳ ପାଣି ବା ପେଜ ଆପଣଙ୍କ ତ୍ୱଚାକୁ ଟାଇଟ୍ କରି କେଶକୁ ସୁସ୍ଥ ରଖିଥାଏ। କେବଳ ଏତିକି ନୁହେଁ, ପେଜ ଆପଣଙ୍କ ଶରୀରରେ ବ୍ଲଡ୍ ସର୍କୁଲେସନକୁ ବୃଦ୍ଧି କରିଥାଏ। ତା'ହେଲେ ଆସନ୍ତୁ ଜାଣିବା ପେଜକୁ କିପରି କେଶରେ ବ୍ୟବହାର କରାଯାଇଥାଏ।



୧. ଗୋଟିଏ ଗ୍ଲାସ୍ ପେଜରେ କିଛି ବୁନ୍ଦା ଗୋଲାପ ଜଳ, ଲାଭେଣ୍ଡର ଓ ଏସେନସିଆଲ୍ ଅଏଲ୍ ମିଶାନ୍ତୁ।

୨. ଏହାପରେ କେଶରେ ଶାମ୍ପୁ ଲଗାଇ ପେଜ ପାଣିରେ ଧୁଅନ୍ତୁ। କେଶରେ ଏହି ପାଣିକୁ ୨୦ ମିନିଟ୍ ପର୍ଯ୍ୟନ୍ତ ରହିବାକୁ ଦିଅନ୍ତୁ।

୩. କେଶରେ ପେଜ ପାଣି ଲଗାଇ ଭଲ ଭାବରେ ମାଲିସ କରନ୍ତୁ।

୪. ଏହାପରେ କେଶକୁ ଧୋଇ ଦିଅନ୍ତୁ। ଏହିପରି ସପ୍ତାହକୁ ଥରେ କେଶରେ ପେଜ ପାଣି ଲଗାନ୍ତୁ୤ ଦେଖିବେ କେଶ ଝଡ଼ିବା କମ୍ ହୋଇଯିବ।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତ ଅନୁସାରେ ପେଜ ବା ଚାଉଳ ପାଣିରେ ଇନୋସିଟୋଲ ଓ କାର୍ବୋହାଇଡ୍ରେଟ୍ ରହିଛି। ତେଣୁ ଏହାକୁ କେଶରେ ଲଗାଇ ସାରିବା ପରେ ମଧ୍ୟ ଇନୋସିଟୋଲ ଆପଣଙ୍କ କେଶରେ ରହିଥାଏ ଏବଂ କେଶକୁ ନଷ୍ଟ ହେବାରୁ ରକ୍ଷା କରିଥାଏ।ଏହା ବ୍ୟତୀତ ପେଜରେ ଆମିନୋ ଏସିଡ୍ ରହିଛି, ଯାହା କେଶ ମୂଳକୁ ମଜବୁତ କରି ଘନକଳା କରିଥାଏ। ଯାହା ଯୋଗୁଁ ଆପଣଙ୍କ କେଶ ସାଇନ୍ କରିଥାଏ୤ ଏଥିପାଇଁ ଚାଉଳ ପାଣି ବା ପେଜ ଖୁବ୍ ଲାଭକାରୀ ଓ ସୁରକ୍ଷିତ୤ ପେଜର କୌଣସି ସାଇଡ୍ ଇଫେକ୍ଟ ମଧ୍ୟ ନାହିଁ।

# ଈଶ୍ୱରଙ୍କ ପ୍ରକୃତ ଉପାସନା



କୌଣସି ଦେବାଦେବୀଙ୍କୁ ପ୍ରସନ୍ନ କରିବା ଲାଗି ମୂଲ୍ୟବାନ ଧନରତ୍ନ ଦାନ କରିବାର ଆବଶ୍ୟକତା ନାହିଁ କିମ୍ବା ଅନେକ ଟଙ୍କା ଖର୍ଚ୍ଚ କରି ପୂଜାର୍ଚ୍ଚନା ମଧ୍ୟ କରିବା ଦରକାର ନାହିଁ । କେବଳ ସେହି ଦେବତାଙ୍କୁ ଖୁବ୍ ସରଳ ଭାବେ ନିଜ ହୃଦୟରେ ସ୍ମରଣ କରିବା ଆବଶ୍ୟକ । ଆମେ କୌଣସି ମାତୃଶକ୍ତିଙ୍କୁ ପ୍ରସନ୍ନ କରିବା ପୂର୍ବରୁ ପ୍ରଥମେ ନିଜ ଜନ୍ମଦାତ୍ରୀ ମାତାଙ୍କୁ ପ୍ରସନ୍ନ କରିବା ଆବଶ୍ୟକ । ମା'ର ସ୍ଥାନ ବହୁ ଉପରେ । ଧର୍ମଗ୍ରନ୍ଥରେ କୁହାଯାଇଛି ଯେ ଜନ୍ମଭୂମି ଏବଂ ଜନ୍ମ ମାଟି ସ୍ୱର୍ଗଠାରୁ ମଧ୍ୟ ଶ୍ରେଷ୍ଠ । ନିକିତିର ଗୋଟିଏ ପାର୍ଶ୍ୱରେ ସ୍ୱର୍ଗ ସୁଖ ଏବଂ ଅନ୍ୟ ପାର୍ଶ୍ୱରେ ମା'ର ମମତାକୁ ତଉଲିଲେ, ମମତା ଥିବା ପାର୍ଶ୍ୱଟି ଅଧିକ ଭାରୀ ହେବ । ଛୋଟ ଛୋଟ କଥାରେ ମା'କୁ ଅପମାନିତ କରି ହଜାର ଥର ଦେବୀ ଧାମ ଗଲେ ବି କିଛି ଫଳ ମିଳିବ ନାହିଁ । ଆତ୍ମୀୟସ୍ୱଜନଙ୍କ ଅଧିକାର ଛଡ଼ାଇ ନେବା, ଅନ୍ୟାୟପୂର୍ବକ ଅନ୍ୟର ଭାଗ ହାତେଇନେବା ପରେ ଯଜ୍ଞ-ହୋମ କରିବାରେ କୌଣସି ଲାଭ ନାହିଁ । ଏପରି କରୁଥିବା ଲୋକ ଯଜ୍ଞ-ହୋମ, ପୂଜାପାଠ କଲେ, ତା'ର ଓଲଟା ଫଳ ପାଇପାରେ । ଏପରି ଲୋକ ଯାହାର ଅଧିକାର ଛଡ଼ାଇ ନେଇଥିବ ପୂଣ୍ୟ ଫଳ ତା'କୁ ହିଁ ମିଳିଯିବ ।

ଅନେକ ଲୋକ କହିଥାନ୍ତି, ବହୁତ ତୀର୍ଥଯାତ୍ରା କଲି, ଯଜ୍ଞ-ଅନୁଷ୍ଠାନ କଲି, କିନ୍ତୁ କିଛି ଲାଭ ମିଳିଲା ନାହିଁ । ଆରେ! ଫଳ ତ' ମିଳିସାରିଛି । ହେଲେ ତୁମକୁ ନୁହେଁ, ଯାହା ପ୍ରତି ତୁମେ ଅନ୍ୟାୟ କରିଛ, ତା'କୁ! ଅନ୍ୟ କୌଣସି ସମ୍ବଳ ଦ୍ୱାରା ଭଗବାନଙ୍କୁ ପ୍ରଭାବିତ କରିହେବ ନାହିଁ । କାରଣ ସେ ସବୁକିଛି ଜାଣନ୍ତି । ତୁମେ ତାଙ୍କୁ ପ୍ରଲୋଭିତ କରିପାରିବ କି ? ଈଶ୍ୱରଙ୍କୁ ପାଇବାକୁ ହେଲେ କେବଳ ଉତ୍ତମ ଆଚରଣ କରିବାକୁ ପଡ଼ିବ, ପ୍ରଲୋଭନ ନୁହେଁ । ଗୋଟିଏ ଲୋଟା ଜଳ ହେଲେ ଭଗବାନ ଶଙ୍କରଙ୍କୁ ପ୍ରସନ୍ନ କରିହେବ । କୁଟିଳତାର ପରିଚୟ ଦେଉଥିବା ଲୋକଟି ଯଦି ଚାହେଁ ଯେ ସମସ୍ତେ ତା'କୁ ଭଲ ପାଆନ୍ତୁ ବୋଲି, ତାହା କିପରି ସମ୍ଭବ ହେବ ?

ଯଜ୍ଞ-ଅନୁଷ୍ଠାନ ଏବଂ ଦାନ କରିବା ତ' ଠିକ୍ ଅଛି । ତେବେ ମନ୍ଦ ଉଦ୍ଦେଶ୍ୟ ନେଇ ଏସବୁ କରିବା ଅନୁଚିତ୍ । ପ୍ରେମ, ସହଯୋଗ, ସଦ୍ଭାବ, କରୁଣା ଆଦି ବାଣ୍ଟିଲେ, ପରିବାର ଏବଂ ସମାଜରେ ଅଧିକ ଖୁସି ମିଳିପାରିବ । ସମାଜରେ ବ୍ୟକ୍ତିର ସମ୍ମାନ ବୃଦ୍ଧି ପାଇବ । ଉତ୍ତମ ସଂସ୍କାର ପ୍ରତି ସମର୍ପଣ ଭାବ ନେଇ ପୂଜା-ପାଠ କରିବା ଉଚିତ୍ । ଚାକିରି, ଜମି-ବାଡ଼ି, ଝଗଡ଼ା, ମୋକଦ୍ଦମା ଆଦିରେ ବିଜୟ ହାସଲ କରିବା ଲାଗି ପୂଜାର୍ଚ୍ଚନା କରିବାରୁ କ'ଣ ଲାଭ ମିଳିବ? କେବଳ ସ୍ୱାର୍ଥ ହାସଲ ପାଇଁ ଏସବୁ କରିବା କ'ଣ ଉଚିତ୍? ମନ୍ଦିର ଯାଉଥିବା ସମୟରେ ଆହତ ବ୍ୟକ୍ତି ଦେଖିଲେ ଛାଡ଼ି ଦେଇ ଦିଅଁ ଦର୍ଶନ ପାଇଁ ଯିବା ହୃଦୟହୀନତା । ଅତଏବ୍ ନିଜ କାର୍ଯ୍ୟ, ଚିନ୍ତାଧାରା, ଚାଲିଚଳନକୁ ସତ୍‌ମାର୍ଗରେ ପରିଚାଳିତ କଲେ ଭଗବାନଙ୍କ କୃପା ଲାଭ ହୋଇଥାଏ । ସେଥିପାଇଁ ଧର୍ମାତ୍ମା ହେବାର ଆତ୍ମପ୍ରଚାର, ଆଡ଼ମ୍ବର ଆଦି ନକାରାତ୍ମକ ମାନସିକତାର ପରିଚାୟକ ବୋଲି ବିଦ୍ୱାନମାନେ କହିଛନ୍ତି ।

# ଓଜନ ହ୍ରାସ କରେ କଞ୍ଚା ଲଙ୍କା

ଅଧିକାଂଶ ଲୋକଙ୍କୁ ରାଗ ଖାଇବା ବେଶ ପସନ୍ଦ। ଖାଇବା ସମୟରେ ଅନେକ ୨ ରୁ ୩ଟି କଞ୍ଚାଲଙ୍କା ଖାଇବାକୁ ପସନ୍ଦ କରିଥାଆନ୍ତି। ତେବେ ଜାଣିଛନ୍ତି କି ? କଞ୍ଚାଲଙ୍କା ଖାଇବା ଦ୍ୱାରା ଆମ ସ୍ୱାସ୍ଥ୍ୟ ପାଇଁ କିଭଳି ଉପକାରୀ ହୋଇଥାଏ।



ଏହାକୁ କେଉଁ ଉପାୟରେ ସେବନ କଲେ ଲାଭ ମିଳେ ଜାଣନ୍ତୁ। କଞ୍ଚାଲଙ୍କାରେ ଅନେକ ପୋଷକ ତତ୍ତ୍ୱ ରହିଛି। ଏଥିରେ ଭିଟାମିନ୍ ଏ, ଭିଟାମିନ୍ ବି୬, ଭିଟାମିନ ସି, ଆଇରନ, ପୋଟାସିୟମ, ପ୍ରୋଟିନ୍ ଭଳି ଅନେକ ପୋଷକ ତତ୍ତ୍ୱ ରହିଛି। କଞ୍ଚା ଲଙ୍କା ସେବନ ଦ୍ୱାରା ମନ ଓ ମସ୍ତିଷ୍କ ସୁସ୍ଥ ରହିବା ସହ ମାନସିକ ଦୁଶ୍ଚିନ୍ତା ଦୂର ହୋଇଥାଏ। ସେହିଭଳି ଅଧିକାଂଶ ଲୋକଙ୍କୁ ରାଗ ଖାଇବା ବେଶ ପସନ୍ଦ। କଞ୍ଚାଲଙ୍କା ସୀମିତ ମାତ୍ରାରେ ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ପାଇଁ ଖୁବ ଲାଭଦାୟକ ହୋଇଥାଏ। ଭିଟାମିନ ସିରେ ଭରପୁର କଞ୍ଚାଲଙ୍କାର ନିୟମିତ ଭାବେ ସେବନ କରିବା ଉଚିତ। କଞ୍ଚାଲଙ୍କାରେ ଥିବା ପୋଷକ ତତ୍ତ୍ୱ ମୋଟାପଣ ହ୍ରାସ କରିବାରେ ସହାୟକ ହୋଇଥାଏ। ଏହା କର୍କଟ ରୋଗ ହେବାର ଆଶଙ୍କାକୁ କମ କରିଥାଏ। ନିୟମିତ ଅଳ୍ପ ପରିମାଣରେ ଏହାର ସେବନ ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ। ହୃଦୟକୁ ସୁସ୍ଥ ରଖିବା ପାଇଁ ମଧ୍ୟ କଞ୍ଚା ବେଶ ଉପକାରୀ। ଏହା ହୃଦୟ ଜନିତ ସମସ୍ୟା ଦୂର କରିବା ସହ ସୁରକ୍ଷିତ ରଖିଥାଏ। ଭିଟାମିନ ସିରେ ଭରପୁର କଞ୍ଚାଲଙ୍କା ତ୍ୱଚା ପାଇଁ ମଧ୍ୟ ବେଶ ଲାଭଦାୟକ। ଏହା ତ୍ୱଚାକୁ ସୁସ୍ଥ ରଖିଥାଏ। ତ୍ୱଚାରେ କୁଞ୍ଚନ ଆସିବାକୁ ଦେଇନଥାଏ। ତ୍ୱଚା ଯୁବା ଓ ସୁନ୍ଦର ଦେଖାଯାଏ। ପାଚନ କ୍ରିୟାକୁ ସୁଚାରୁ ରୂପେ କରିବା ପାଇଁ ମଧ୍ୟ କଞ୍ଚାଲଙ୍କାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କଞ୍ଚାଲଙ୍କା ସେବନ ଦ୍ୱାରା ଖାଦ୍ୟ ଭଲ ଭାବେ ହଜମ ହୋଇଥାଏ। ଥଣ୍ଡା ସମୟରେ କଞ୍ଚାଲଙ୍କା ସେବନ ଦ୍ୱାରା ଥଣ୍ଡା ଶୀଘ୍ର ଭଲ ହୋଇଥାଏ। ଉଚ୍ଚ ରକ୍ତଚାପ, ହୃଦୟ ଜନିତ ସମସ୍ୟା ସହ ସ୍ୱାସ୍ଥ୍ୟ ଜନିତ ଅନେକ ସମସ୍ୟା ସୃଷ୍ଟି କରିଥାଏ। କଞ୍ଚାଲଙ୍କାରେ ଥିବା ପୋଷକ ତତ୍ତ୍ୱ ରକ୍ତଚାପକୁ କମ୍ କରିବା ସହ ଏହାକୁ ନିୟନ୍ତ୍ରଣରେ ରଖିଥାଏ।

# ‘ଅଙ୍କୁର’ ମାଧ୍ୟମରେ ସହର ଅଭିବୃଦ୍ଧି ଯୋଜନା



**ଭୁବନେଶ୍ୱର,୬।୩ (ମହାଭାରତ):** ସ୍ଥାୟୀ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ସହର ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ଏଚ୍‌ୟୁଡିଇ ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀଙ୍କ ଅଧ୍ୟକ୍ଷତାରେ ଅଟଳ ନେଟୱାର୍କ ଫର୍ ନଲେଜ୍, ଅର୍ବାନାଇଜେସନ୍ ଆଣ୍ଡ୍ ରିଫର୍ମସ୍ (ଅଙ୍କୁର) ଉପରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହା ସହର ନବସୃଜନ, ସହଯୋଗ ଏବଂ ସୁଶାସନକୁ ପ୍ରୋତ୍ସାହିତ କରିବା ଓ ଆଗେଇନେବା ଦିଗରେ ଏକ ପରିବର୍ତ୍ତନକାରୀ ପଦକ୍ଷେପ। ଏହି ବୈଠକରେ ବରିଷ୍ଠ ଅଧିକାରୀ, ସହର ବିଶେଷଜ୍ଞ ଏବଂ ସହଭାଗୀ ସଂଗଠନମାନଙ୍କୁ ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ର ବ୍ୟାପକ ଦୃଷ୍ଟିକୋଣ ସହିତ ସମନ୍ୱୟ ରକ୍ଷା କରି ଓଡ଼ିଶାର ସହରାଞ୍ଚଳ ବିକାଶକୁ ତ୍ୱରାନ୍ୱିତ କରିବାର ରଣନୀତି ପ୍ରସ୍ତୁତ କରିବା ପାଇଁ ଏକତ୍ରିତ କରାଯାଇଥିଲା। ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ର ବ୍ୟାପକ ଦୃଷ୍ଟିକୋଣ ସହିତ ସମନ୍ୱୟ ରକ୍ଷା କରିବା, ଭିତ୍ତିଭୂମି ସ୍ଥିରତାକୁ ସୁଦୃଢ଼ କରିବା ଏବଂ ଅନ୍ତର୍ଭୁକ୍ତ ଶାସନକୁ ପ୍ରୋତ୍ସାହିତ କରିବା ଉପରେ ଆଲୋଚନା ହୋଇଥିଲା - ସ୍ଥାୟୀ ସହରୀକରଣର ପ୍ରମୁଖ ସ୍ତମ୍ଭ।

ଶ୍ରୀମତୀ ପାଢୀ , ନୀତି ନବସୃଜନ ଏବଂ ଜ୍ଞାନ-ବଣ୍ଟନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବିଶେଷଜ୍ଞତାକୁ ସଂଯୋଗ କରିବା, ସହଭାଗୀତାକୁ ପ୍ରୋତ୍ସାହିତ କରିବା ଏବଂ ଆଗୁଆ। ଚିନ୍ତାଧାରା ଥିବା ସହର ସମାଧାନ କାର୍ଯ୍ୟକାରୀ କରିବାରେ ଇଘକଟଜ ର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ପ୍ରୟାସ ଦ୍ୱାରା ତଥ୍ୟ-ଚାଳିତ ନିଷ୍ପତ୍ତି ଗ୍ରହଣ, ସ୍ମାର୍ଟ ଶାସନ ଏବଂ ଗୋଷ୍ଠୀ ଅଂଶଗ୍ରହଣକୁ ବୃଦ୍ଧି କରାଯାଇପାରିବ, ଯାହା ସହରଗୁଡ଼ିକୁ ଦକ୍ଷ, ସମାନ ଏବଂ ଜଳବାୟୁ-ସ୍ଥାପକ କରିବ।

ସର୍ବୋତ୍ତମ ଅଭ୍ୟାସଗୁଡ଼ିକୁ ସ୍କେଲିଂ କରିବା, ପ୍ରତିଷ୍ଠାନଗୁଡ଼ିକୁ ମଜବୁତ କରିବା ଏବଂ ପ୍ରଯୁକ୍ତିବିଦ୍ୟାକୁ ଉପଯୋଗ କରିବା ପାଇଁ ଏକ ସ୍ୱଷ୍ଟ ରୋଡମ୍ୟାପ୍ ସହିତ, ଅଙ୍କୁର ପରିବର୍ତ୍ତନକାରୀ ସହରାଞ୍ଚଳ ସଂସ୍କାର ପାଇଁ ଏକ ବାହକ ହେବାକୁ ପ୍ରସ୍ତୁତ। ଏହି ପ୍ରୟାସ କ୍ଷମତା-ନିର୍ମାଣ, ସ୍ଥାୟୀ ଭିତ୍ତିଭୂମି ଏବଂ ଡିଜିଟାଲ୍ ହସ୍ତକ୍ଷେପକୁ ପ୍ରେରଣା ଦେବ, ଯାହା ଓଡ଼ିଶାର ସହରାଞ୍ଚଳ ବିକାଶକୁ ତ୍ୱରାନ୍ୱିତ କରିବ। ନବସୃଜନ-ନେତୃତ୍ୱାଧୀନ ସହରାଞ୍ଚଳ ବିକାଶ ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନଃ ଦୃଢ଼ କରି, ଓଡ଼ିଶା ପ୍ରଗତି, ଅନ୍ତର୍ଭୁକ୍ତି ଏବଂ ସ୍ଥାୟୀତ୍ୱର ଇଞ୍ଜିନ୍ ସହରଗୁଡ଼ିକ ପାଇଁ ପଥ ପ୍ରଶସ୍ତ କରୁଛି।

## ଚାକିରୀ ବିକ୍ରି ରୋକିବା ଦାବିରେ ଯୁବ କଂଗ୍ରେସର ବିକ୍ଷୋଭ




**ଭୁବନେଶ୍ୱର,୬।୩ (ମହାଭାରତ):** ସରକାରୀ ଚାକିରି ବିକ୍ରି ଉପରେ ରୋକ୍ ଲଗାଇବା ଦାବିରେ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିଛି ଯୁବ କଂଗ୍ରେସ। ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ଯୁବ କଂଗ୍ରେସର ଏକ ରାଲି କଂଗ୍ରେସ ଭବନରୁ ବାହାରି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ପର୍ଯ୍ୟନ୍ତ ଯାଇଥିଲା।

ଏହି ପରିପ୍ରେକ୍ଷିରେ ଯୁବ କଂଗ୍ରେସ ପକ୍ଷରୁ ରଞ୍ଜିତ ପାତ୍ର କହିଛନ୍ତି ଯେ ଆଗାମୀ ମାର୍ଚ୍ଚ ୮ ଓ ୯ ତାରିଖରେ ଓଡ଼ିଶା ପୁଲିସ୍ ଏସ୍.ଆଇ. ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ରେ ନିଯୁକ୍ତି ପାଇଁ ଆଇ.ଟି. ଆଇ.ଏ.ଏଲ ମାଧ୍ୟମ ଯେଉଁ ଠକ କମ୍ପାନୀ ରିଚ୍‌ମାଇଣ୍ଡ ଡିଜିଟାଲ ପ୍ରାଇଭେଟ୍ ଲିମିଟେଡ୍‌କୁ ପରୀକ୍ଷା ପରିଚାଳନା ପାଇଁ ଦାୟିତ୍ୱ ନ୍ୟସ୍ତ କରାଯାଇଛି ସେଥିରେ ଅଧିକାଂଶ ପଦବୀ ଖୋଲାଖୋଲି ବିକ୍ରି ହୋଇଯିବ। କାରଣ ଏହି କମ୍ପାନୀର କଳାକାରନାମା ସଂପର୍କରେ ଦେଶବାସୀ ଜାଣନ୍ତି। ପୂର୍ବରୁ ଭୁବନେଶ୍ୱର ମେଟ୍ରୋ ରେଳବାଇ ନିର୍ମାଣ ଦାୟିତ୍ୱ ମଧ୍ୟ ସେହିଭଳି ଏକ ଠକ କମ୍ପାନୀ ରଞ୍ଜିତ ବିଲ୍ଡକନ୍‌କୁ ଦିଆଯାଇଛି। ଶ୍ରୀ ପାତ୍ର କହିଛନ୍ତି ଯେ ଯୁବ କଂଗ୍ରେସ ସବୁବେଳେ ସରକାରୀ ନିଯୁକ୍ତିରେ ଦୁର୍ନୀତିରେ ଶିକାର ହୋଇଥିବା ପରୀକ୍ଷାର୍ଥୀ ମାନଙ୍କ ପାଇଁ ସଂଗ୍ରାମ କରି ଆସୁଛି। ଏହି ପରୀକ୍ଷା ଆୟୋଜନ ପୂର୍ବରୁ ଅଧିକାଂଶ ପଦବୀ ବିକ୍ରୀ ହେବାପାଇଁ ଷଡ଼ଯନ୍ତ୍ର ଆରମ୍ଭ ହୋଇସାରିଛି। କାର୍ଯ୍ୟକ୍ରମରେ ମହମ୍ମଦ ଇନ୍‌ଦାଦ, ଯାସିର ନୱାଜ, ନିହାର ବେହେରା, ସୁଦୀପ ସାମଲ, ଗୋପନ ମାର୍ଥା, ଉଦିତ ପ୍ରଧାନ,ସ୍ୱାଗତ କର,ମହମ୍ମଦ ପରଭେଜ, ସ୍ପନ୍ଦନ ସ୍ୱାଇଁ ଓ ବାଦଲ ନାୟକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## କଫି ବୋର୍ଡ଼ ଚେୟାରମ୍ୟାନଙ୍କ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନଙ୍କ ଆଲୋଚନା



**ଭୁବନେଶ୍ୱର,୬।୩ (ମହାଭାରତ):** ଆଜି ଲୋକସେବା ଭବନସ୍ଥିତ କାର୍ଯ୍ୟାଳୟରେ କଫି ବୋର୍ଡ ଚେୟାରମ୍ୟାନ ଏମ୍‌ଜେ ଦିନେଶ, ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ସାକ୍ଷାତ କରି ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ଏହି ଅବସରରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ ଉପସ୍ଥିତ ରହି ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

ଓଡ଼ିଶାର କୋରାପୁଟ ଜିଲ୍ଲାରେ ପ୍ରାକୃତିକ ପରିବେଶରେ ବର୍ତ୍ତମାନ ବିଭିନ୍ନ ସ୍ୱାଦର କଫି ଚାଷ କରାଯାଉଛି। ଏହାର ସ୍ୱାଦ ଓ ଗୁଣବତ୍ତା ଦୃଷ୍ଟିରୁ ଲୋକଙ୍କ ଦ୍ୱାରା ଖୁବ ଆଦୃତ ହେଉଛି ଏବଂ ଏବେ ବୈଶ୍ୱିକ କଫି ମାନଚିତ୍ରରେ ଓଡ଼ିଶାର କୋରାପୁଟ କଫି ସ୍ଥାନ ପାଇପାରିଛି। କେବଳ କୋରାପୁଟ ନୁହେଁ ବର୍ତ୍ତମାନ ରାୟଗଡ଼ା, ଗଜପତି, କଳାହାଣ୍ଡି, କନ୍ଧମାଳ ଓ କେନ୍ଦୁଝରରେ ମଧ୍ୟ କଫି ଚାଷ କରାଯାଉଛି। ଏସବୁର ବଜାର ସଂଯୋଗୀକରଣ ଏବଂ ଉତ୍ପାଦନ ବୃଦ୍ଧି ପାଇଁ ନିଆଯାଉଥିବା ପଦକ୍ଷେପ ବିଷୟରେ କଫି ବୋର୍ଡ଼ ଚେୟାରମ୍ୟାନ ଶ୍ରୀ ଦିନେଶ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କ ସହ ଆଲୋଚନା କରିଥିଲେ। କଫିର ଉତ୍ପାଦନ ବୃଦ୍ଧି, ଭିତ୍ତିଭୂମି ବିକାଶ ଓ ଅଧିକ ସଂଖ୍ୟକ ଆଉଟଲେଟ ଖୋଲିବା ଉପରେ ଶ୍ରୀ ସିଂହଦେଓ ଗୁରୁତ୍ୱାରୋପ କରିଥିଲେ। ଉପହାର ସ୍ୱରୂପ ଏକ କଫି ପ୍ୟାକେଟ ଓ କଫି ତଥ୍ୟ ସମ୍ବଳିତ ଏକ ପୁସ୍ତକ ଶ୍ରୀ ସିଂହଦେଓଙ୍କୁ ପ୍ରଦାନ କରିଥିଲେ। ଏହି ସାକ୍ଷାତକାର ସମୟରେ କଫି ବୋର୍ଡ଼ ଯୁଗ୍ମ ନିର୍ଦ୍ଦେଶକ ଶିବକୁମାର ସ୍ୱାମୀ, ଓଡ଼ିଶାର ନୋଡ଼ାଲ ଅଫିସର ଉପେନ୍ଦ୍ର କୁମାର ଶାହା, କଫି ବୋର୍ଡ଼ ସଦସ୍ୟ ମନୋଜ ଦୁବେ, ପିଆରଏମ ରବିଚନ୍ଦ୍ରନ ପ୍ରମୁଖ ଉପସ୍ଥିତ ଥିଲେ।

## ଦାୟିତ୍ୱ ନେଲେ ଭୁବନେଶ୍ୱର ଡିସିପି

**ଭୁବନେଶ୍ୱର,୬।୩ (ମହାଭାରତ):** ରାଜଧାନୀର ନୂଆ। ଡିସିପି ଭାବେ ଦାୟିତ୍ୱ ନେଲେ ଜଗମୋହନ ମୀନା। ଆଜି କଟକ ଛାଡ଼ି ଭୁବନେଶ୍ୱର ଡିସିପି ଭାବେ ବିଧିବଦ୍ଧ ଭାବେ ଦାୟିତ୍ୱ ନେଇଛନ୍ତି ଡିସିପି ମୀନା। ଦାୟିତ୍ୱ ନେବା ପରେ ନିଜର ଅଭିଭାଷଣରେ ମୀନା କହିଛନ୍ତି, ଅପରାଧ ତଦନ୍ତ, ଅଭିଯୁକ୍ତକୁ ତୁରନ୍ତ ଗିରଫ କରିବାକୁ ଗୁରୁତ୍ୱ ଦିଆଯିବ। ସାଧାରଣ ଲୋକଙ୍କ ପ୍ରତି ଯତ୍ନବାନ ହେବୁ। ଏଥିସହିତ ସିସିଟିଭି ସର୍ଭିଲାନ୍ସ ବଢ଼ାଯିବ, ସାଇବର ଥାନାଗୁଡିକୁ ସୁଦୃଢ଼ କରାଯିବ। ନବ ନିଯୁକ୍ତ କନଷ୍ଟେବଲଙ୍କୁ ବ୍ୟବହାର କରି ସିସିଟିଏନଏସ୍‌କୁ ସୁଦୃଢ଼ କରାଯିବ ବୋଲି ମତ ରଖିଛନ୍ତି ନୂଆ। ଡିସିପି। ଦାୟିତ୍ୱ ନେବା ପରେ ଶ୍ରୀ ମିନା ସାମ୍ବାଦିକ ମାନଙ୍କୁ କହିଛନ୍ତି ଯେ, ବର୍ତ୍ତମାନ ରାଜଧାନୀର ଆଇନଶୃଙ୍ଖଳା ଠାରୁ ଆରମ୍ଭ କରି ଟ୍ରାଫିକ୍ ସମସ୍ୟା, ନିଶା କାରବାର, ଅପରାଧ ନିୟନ୍ତ୍ରଣ, ଭିଭିଆଇପି ସୁରକ୍ଷା ଆଦି ପ୍ରସଙ୍ଗ ବଡ଼ ଆହ୍ୱାନ ରହିଥିବା ବେଳେ ଏହାକୁ କିପରି ଦମନ କରାଯିବ ସେ ଦିଗରେ ଦୃଷ୍ଟି ଦିଆଯିବ। ଅପରାଧୀ ମାନଙ୍କୁ କୌଣସି ପ୍ରକାରରେ ପ୍ରଶ୍ରୟ ଦିଆଯିବ ନାହିଁ କିମ୍ବା ଚୋରି, ଡ଼କାୟିତି ଓ ହତ୍ୟାକାଣ୍ଡ ସମ୍ପର୍କରେ କିଭଳି ତଦନ୍ତକୁ ତ୍ୱରାନ୍ୱିତ କରାଯାଇ ଆସାମୀ ମାନଙ୍କୁ ଗିରଫ କରାଯିବ ସେ ଦିଗରେ ସେ କାର୍ଯ୍ୟ କରିବେ। କୌଣସି କ୍ଷେତ୍ରରେ ରାଜଧାନୀର ଜନସାଧାରଣ ପୋଲିସ ଠାରୁ ଯଦି ସହାୟତା ନ ପାଆନ୍ତି କିମ୍ବା ସେମାନଙ୍କ କଥା କେହି ନ ଶୁଣନ୍ତି ତେବେ ଯେ କୌଣସି ନାଗରିକ ତାଙ୍କୁ ତାଙ୍କର ହ୍ୱାଟ୍ସଆପ ନମ୍ବର ୮୨୮୦୩୩୮୩୦୨ରେ ହ୍ୱାଟ୍ସଆପରେ ମେସେଜ ପଠାଇ ପାରିବେ ତା ତାଙ୍କ ସହିତ କଥା ହୋଇ ପାରିବେ।

## ସୁଭଦ୍ରା ହିତାଧିକାରୀ ଚିହ୍ନଟ ପାଇଁ ଘର ଘର ବୁଲିବେ ଅଧିକାରୀ

**ଭୁବନେଶ୍ୱର,୬।୩ (ମହାଭାରତ):** ସୁଭଦ୍ରା ଯୋଜନାରୁ ବାଦ୍ ପଡ଼ିଥିବା ହିତାଧିକାରୀମାନଙ୍କୁ ଚିହ୍ନଟ କରାଯିବ। ଏଥିପାଇଁ ସରକାରୀ ଅଧିକାରୀମାନେ ଘର ଘର ବୁଲି ସର୍ଭେ କରିବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ସେ କହିଛନ୍ତି ଓଡ଼ିଶା ସରକାର ସୁଭଦ୍ରା ଯୋଜନାର ଲାଭ ପାଇଁ ଆବେଦନ କରିବାର ଶେଷ ତାରିଖ ମାର୍ଚ୍ଚ ୩୧ ତାରିଖ ଘୋଷଣା କରିଥିଲେ। କିନ୍ତୁ କେତେକ ହିତାଧିକାରୀ ଆବେଦନ କରିବାରେ ସମସ୍ୟାରେ ପଡ଼ିଥିବା ଖବର ଦୃଷ୍ଟିକୁ ଆସିଛି। ଏବେ ସରକାରୀ ଅଧିକାରୀମାନେ ଘରକୁ ଘର ବୁଲି ସର୍ଭେ କରି ବାଦ୍ ପଡ଼ିଥିବା ସୁଭଦ୍ରା ହିତାଧିକାରୀଙ୍କୁ ଚିହ୍ନଟ କରି ସେମାନଙ୍କୁ ସାମିଲ କରିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। କ୍ଷେତ୍ର ଯାଂଚ ପରେ, ଅବଶିଷ୍ଟ ମହିଳା ହିତାଧିକାରୀମାନେ ରକ୍ଷା ବନ୍ଧନରେ ଏକାଥରକେ ତିନୋଟି କିସ୍ତି ପାଇବେ। ଅନ୍ୟପକ୍ଷରେ ମାର୍ଚ୍ଚ ୮ ତାରିଖ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ, ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ କିସ୍ତି ଟଙ୍କା ବଂଟନ କରାଯିବ। ସେ କହିଛନ୍ତି ଏବେ ସୁଦ୍ଧା ସୁଭଦ୍ରାରେ ୧ କୋଟି ୮ଲକ୍ଷ ମହିଳା ଆବେଦନ କରିଛନ୍ତି । ସେଥିରୁ ୫ଟି ପର୍ଯ୍ୟାୟରେ ପ୍ରାୟ କୋଟିଏ ୨୦ ହଜାର ମହିଳାଙ୍କୁ ପ୍ରଥମ କିସ୍ତି ଦିଆଯିବ। ଆସନ୍ତାକାଲି ୧ କୋଟି ପାର କରିବ ସୁଭଦ୍ରା ହିତାଧିକାରୀ ସଂଖ୍ୟା।

## ଆଇଆଇଏମ୍‌ସିରେ ଓଡ଼ିଆ ସାମ୍ବାଦିକତା ପାଠ୍ୟକ୍ରମ ପାଇଁ ନାମଲେଖା

**ଭୁବନେଶ୍ୱର,୬।୩ (ମହାଭାରତ):** ଢେଙ୍କାନାଳସ୍ଥିତ ଭାରତୀୟ ଜନ ସଂଚାର ସଂସ୍ଥାନ (ଆଇଆଇଏମ୍‌ସି)ଠାରେ ‘ଓଡ଼ିଆ ସାମ୍ବାଦିକତାରେ ସ୍ନାତକୋତର ଡିପ୍ଲୋମା ପାଠ୍ୟକ୍ରମ’ ପାଇଁ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ବର୍ଷିକିଆ ପାଠ୍ୟକ୍ରମରେ ଓଡ଼ିଆ ଭାଷାକୁ ଅଧିକ ଗୁରୁତ୍ୱ ଦିଆଯିବା ସହିତ ଛାତ୍ରଛାତ୍ରୀଙ୍କୁ ସାମ୍ବାଦିକତା, ଗଣମାଧ୍ୟମ ଲିଖନ, ରିପୋର୍ଟିଂ, ସମ୍ପାଦନା, ଡିଜିଟାଲ ଯୋଗାଯୋଗ ଓ ଲୋକସମ୍ପର୍କ ଆଦି ବିଭିନ୍ନ ବିଷୟରେ ଶିକ୍ଷା ପ୍ରଦାନ କରାଯିବ।

ଏନେଇ ସଂସ୍ଥାନର ଆଂଚଳିକ ନିର୍ଦ୍ଦେଶକ ଡ. ଆନନ୍ଦ ପ୍ରଧାନ କହିଛନ୍ତି, ୨୦୨୫ ମାର୍ଚ୍ଚ ୩ ତାରିଖଠାରୁ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ଆଶାୟୀ ଛାତ୍ରଛାତ୍ରୀ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ମାଧ୍ୟମରେ ଏଥିପାଇଁ ଆବେଦନ କରିପାରିବେ। ଆବେଦନ ଫର୍ମ ପହଂଚିବାର ଶେଷ ତାରିଖ ହେଉଛି ଏପ୍ରିଲ ୩୦ ତାରିଖ। ପ୍ରବେଶିକା ପରୀକ୍ଷା ମେ’ ୧୮ ତାରିଖ ଦିନ ଭୁବନେଶ୍ୱର, ଢେଙ୍କାନାଳ, ବ୍ରହ୍ମପୁର, ସମ୍ବଲପୁର ଓ ବାଲେଶ୍ୱରରେ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି। ପ୍ରବେଶିକା ପରୀକ୍ଷାରେ ଶିକ୍ଷାର୍ଥୀଙ୍କ ଓଡ଼ିଆ ଭାଷାରେ ବ୍ୟବହାରିକ ପାରଦର୍ଶିତା, ଲିଖନ ଦକ୍ଷତା, ସାଧାରଣ ଜ୍ଞାନ ଓ ସାମ୍ବାଦିକତା ପ୍ରତି ଆଗ୍ରହ ଆଦିର ମୂଲ୍ୟାୟନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଡ. ପ୍ରଧାନ ଆହୁରି କହିଛନ୍ତି, ଓଡ଼ିଆ ସାମ୍ବାଦିକତା ପାଠ୍ୟକ୍ରମ ୨୫ ବର୍ଷରେ ପହଂଚିଛି। ଏହି ସମୟରେ ସଂସ୍ଥାନରୁ ଶତାଧିକ ଶିକ୍ଷାର୍ଥୀ ସଫଳତାର ସହ ଉତୀର୍ଣ୍ଣ ହୋଇ ରାଜ୍ୟ ତଥା ଦେଶ ବିଦେଶର ବିଭିନ୍ନ ଗଣମାଧ୍ୟମ ସଂସ୍ଥା, କର୍ପୋରେଟ୍ ସଂସ୍ଥା ଏବଂ ସରକାରୀ ସଂସ୍ଥାନର ବିଭିନ୍ନ ପଦପଦବୀରେ ପ୍ରତିଷ୍ଠିତ ହୋଇପାରିଛନ୍ତି। ଆଗାମୀ ଦିନରେ ମଧ୍ୟ ସାମ୍ବାଦିକତା ଓ ଗଣଯୋଗାଯୋଗ କ୍ଷେତ୍ରରେ ଅନେକ ନିଯୁକ୍ତି ସୁଯୋଗ ରହିବ ବୋଲି ସେ ପ୍ରକାଶ କରିଛନ୍ତି। ଏହି ପାଠ୍ୟକ୍ରମ ପାଇଁ ମୋଟ ୩୦ଟି ଆସନ ରହିଛି । ଏଥିମଧ୍ୟରୁ ଭାରତ ସରକାରଙ୍କ ନିୟମାନୁସାରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ଅନ୍ୟାନ୍ୟ ପଛୁଆ ବର୍ଗ, ଆର୍ଥିକ ଅନଗ୍ରସର ବର୍ଗ, ଦିବ୍ୟାଙ୍ଗ ବର୍ଗ ପାଇଁ ଆସନ ସଂରକ୍ଷିତ ରହିଛି । ଯେଉଁ ଆଶାୟୀ ଛାତ୍ରଛାତ୍ରୀ ସ୍ନାତକ ସମାପ୍ତ କରିସାରିଥିବେ କିମ୍ବା ସ୍ନାତକ ଶେଷ ବର୍ଷରେ ଅଧ୍ୟୟନରତ ରହିଛନ୍ତି ସେମାନେ ଏହି ପାଠ୍ୟକ୍ରମରେ ନାମଲେଖା ପାଇଁ ଆବେଦନ କରିପାରିବେ।

## ଓଡ଼ିଶୀ ସଙ୍ଗୀତ ଓ ଲଘୁ ସଙ୍ଗୀତ ସମାରୋହ ଉଦ୍‌ଯାପିତ

**ଭୁବନେଶ୍ୱର,୬।୩ (ମହାଭାରତ):** ଭୁବନେଶ୍ୱରର ଏକ ଅଗ୍ରଣୀ ଓଡ଼ିଶୀ ସଙ୍ଗୀତ ଅନୁଷ୍ଠାନ ଶ୍ରୁତି ଦ୍ୱାରା ୨୦ତମ ଓଡ଼ିଶୀ ସଙ୍ଗୀତ ଓ ଲଘୁ ସଙ୍ଗୀତ ସମାରୋହ ୨୦୨୫ ବୁଧବାର ରବିନ୍ଦ୍ର ମଣ୍ଡପରେ ଏକ ବର୍ଣ୍ଣାଢ୍ୟ ଓ ମନୋଜ୍ଞ ପରିବେଶ ମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି। ଶେଷ ସଂଧ୍ୟାରେ ଲଘୁ ସଙ୍ଗୀତ ଗାୟନ କରିଥିଲେ ଗୁରୁ ଡ଼ ବିଜୟ କୁମାର ଜେନାଙ୍କ ଦ୍ୱାରା ମା ନାମ ମଧୁର ଅତୀ, ରବି ନାରାୟଣ ଦାସଙ୍କ ଦ୍ୱାରା ଅଜଣା ଏଇ ନଇ, ହରପିୟା ସ୍ୱାଇଁଙ୍କ ଦ୍ୱାରା ହେ ଫଗୁଣ କାନ୍ଦନା ରେ, ଗୁରୁ ଚନ୍ଦନ କୁମାର ଜେନାଙ୍କ ଦ୍ୱାରା ତୁମକୁ ପାରୁନିତ ଭୁଲି, ଶୁଭଲକ୍ଷ୍ମୀ ଓଝାଙ୍କ ଦ୍ୱାରା ଏ ମଧୁରାତି ଯାଏ ବିତି, ଗୁରୁ ନିମକାନ୍ତ ରାଉତରାୟଙ୍କ ଦ୍ୱାରା ସୁଅ ତ ସୁଅ ବୟସ ସୁଅ, ଗୀତାମଞ୍ଜରୀ ବେହେରାଙ୍କ ଦ୍ୱାରା ଯା ଯା ଯାରେ ଯା ଫୁଲ ରସିଆ, ହିମାଂଶୁ ଶେଖର ସ୍ୱାଇଁଙ୍କ ଦ୍ୱାରା ମୋ ପାଇଁ ଜଳେ ସିଏ, ଗୁରୁ ଡ଼ ସଙ୍ଗୀତା ଗୋସାଇଁଙ୍କ ଦ୍ୱାରା ନକହି ନକହି କହିଦେଲି, ରାଜେନ୍ଦ୍ର କୁମାର ବାରିକଙ୍କ ଦ୍ୱାରା ଚନ୍ଦ୍ର ତୁ ଭଲ କିରଣକୁ ନେଇ, ଅନୁଜା ତାରିଣୀ ମିଶ୍ରଙ୍କ ଦ୍ୱାରା ହେ ମୋର ଆଖି ଲୁହ ପରିବେଷିତ ହୋଇଥିଲା। ଉଦ୍‌ଯାନପନୀ ସଂଧ୍ୟାର ଅତିଥିମାନେ ଥିଲେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ପୂର୍ବତନ ସଚିବ ପ୍ରଦୀପ ମିଶ୍ର, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଅନୁଜା ତାରିଣୀ ମିଶ୍ର, ବିଶିଷ୍ଟ କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ଗୁରୁ ନିମକାନ୍ତ ରାଉତରାୟ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ଗୁରୁ ଡ଼ ବିଜୟ କୁମାର ଜେନା ଏବଂ ଶ୍ରୁତି ଅନୁଷ୍ଠାନର ସମ୍ପାଦିକା ହରପ୍ରିୟା ସ୍ୱାଇଁ।

## ବିଜୁ ପଟ୍ଟନାୟକଙ୍କ ଆଦର୍ଶର ମୃତ୍ୟୁ ନାହିଁ

**ଭୁବନେଶ୍ୱର,୬।୩ (ମହାଭାରତ):** ମହାନ ଜନନାୟକ ପ୍ରବାଦ ପୁରୁଷ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟାନନ୍ଦ ପଟ୍ଟନାୟକ ଓରଫ ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବିଜେଡି ପକ୍ଷରୁ ସ୍ଥାନୀୟ ଜିଲ୍ଲାପାଳ କାର୍ଯ୍ୟାଳୟ ନିକଟରେ ବିଜୁ ପଟ୍ଟନାୟକ ପାର୍କ ପରିସରରେ ଥିବା ପୂର୍ଣ୍ଣାବୟବ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା। ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ବିଜୁ ଯୁବ ପ୍ରେମୀମାନେ ଏକ ବାଇକ୍ ଶୋଭାଯାତ୍ରାରେ କରିଥିଲେ। ପରେ ଇଗଲ କ୍ଲବ ଠାରେ ପୂର୍ବତନ ବିଧାୟକ ଶ୍ରୀ ସାହୁଙ୍କ ଅଧ୍ୟକ୍ଷତାରେ ଏକ ଶ୍ରଦ୍ଧାଞ୍ଜଳୀସଭା କରାଯାଇଥିଲା। ଶ୍ରୀ ସାହୁ କହିଥିଲେ ଓଡିଆ ସ୍ୱାଭିମାନ ଓ ସଂକଳ୍ପର କିମ୍ବଦନ୍ତୀ ପୁରୁଷ ବିଜୁ ପଟ୍ଟନାୟକ। ସେ ଥିଲେ ଓଡିଆଙ୍କ ଗର୍ବ ଏବଂ ଗୌରବ। ନୂଆ ଓଡ଼ିଶା ଗଠନ କରିବାରେ ତାଙ୍କର ଥିଲା ପ୍ରମୁଖ ଭୂମିକା। ସାହସୀ ଓ ନିର୍ଭିକ ବ୍ୟକ୍ତିତ୍ୱ ଭାବେ ପ୍ରତିଟି ଓଡ଼ିଆଙ୍କ ମନରେ ସେ ରହିଛନ୍ତି। କେହି ଚାହିଁଲେ ବି ବିଜୁ ବାବୁଙ୍କୁ ଓଡିଶା ବାସୀଙ୍କ ମନରୁ ଲିଭାଇପାରିବ ନାହିଁ। ଜିଲ୍ଲା ପରିଷଦ ସଭ୍ୟ




ବିଜୟ ପାଲଟାସିଂହ ଯୋଗଦେଇ ନବ ଉତ୍କଳର ଅନ୍ୟତମ ପୁରୋଧା ଥିଲେ ବିଜୁ ବାବୁ। ସେ ଥିଲେ ଓଡିଆ ଜାତିର ସ୍ୱାଭିମାନର ପ୍ରତୀକ। ଏକାଧାରରେ ସେ ଜଣେ ସ୍ୱାଧିନତା ସଂଗ୍ରାମୀ, ଦୁଃସାହସିକ ରାଜନିତିଜ୍ଞ, ଦୁର୍ଦ୍ଦଶ ପାଇଲଟ, ଯୁଗସ୍ରଷ୍ଟା ଓ ଦୂରଦ୍ରଷ୍ଟା ରାଜନେତା ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ସେହିପରି ଟାଙ୍ଗୀ ବ୍ଲକ ଅଧକ୍ଷା ରିସ୍ମା ମାନଧାତା ସ୍ୱାଧୀନତା ପରେ ଓଡ଼ିଶାକୁ ଏକ ବିଭବଶାଳୀ ରାଜ୍ୟ ଭାବେ ଗି ତୋଳିବାକୁ ସ୍ୱପ୍ନ ଦେଖିଥିବା ନେତା ଥିଲେ ବିଜୁ ପଟ୍ଟନାୟକ। ୧୯୬୧ରେ ମାତ୍ର ୪୫ ବର୍ଷ ବୟସରେ ବିଜୁ ପଟ୍ଟନାୟକ ହୋଇଥିଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ।

## ରେଳପଥ ସୁରକ୍ଷା ବାଡ଼ କାର୍ଯ୍ୟ ପାଇଁ ୧୦୦୦ କୋଟି ମଞ୍ଜୁର

**ଭୁବନେଶ୍ୱର,୬।୩ (ମହାଭାରତ):** ରେଳୱେ ସୁରକ୍ଷାକୁ ବୃଦ୍ଧି କରିବା ଏବଂ ଟ୍ରେନର ଚଳାଚଳ ଗତିରେ ଉନ୍ନତି ଆଣିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ପୂର୍ବତଟ ରେଳପଥ କ୍ଷେତ୍ରାଧିକାରରେ ବିଭିନ୍ନ ରେଳ ସେକ୍ସନର ସମ୍ବେଦନଶୀଳ ଅଞ୍ଚଳ ମାନଙ୍କରେ ସୁରକ୍ଷା ବାଡ଼ ପ୍ରକଳ୍ପ ଆରମ୍ଭ କରାଯାଇଛି।

ସୁରକ୍ଷାକୁ ବୃଦ୍ଧି କରିବା ପାଇଁ ପୂର୍ବତଟ ରେଳପଥ ମଧ୍ୟରେ ୮୬୫ କୋଟି ଟଙ୍କା ବ୍ୟୟରେ ମୋଟ ୨୭୯୨ କିଲୋମିଟର ସୁରକ୍ଷା ବାଡ଼ କାର୍ଯ୍ୟ କରାଯାଉଛି। ଏହି କାର୍ଯ୍ୟଗୁଡ଼ିକର ଲକ୍ଷ୍ୟ ହେଉଛି ସୁରକ୍ଷିତ ଟ୍ରେନ ପରିଚାଳନା ସୁନିଶ୍ଚିତ କରିବା, ଅନଧିକୃତ ଅନୁପ୍ରବେଶକୁ ବନ୍ଦ କରିବା ଏବଂ ରେଳ ଟ୍ରାକ୍ ନିକଟରେ ଗୃହପାଳିତ ପଶୁ ଏବଂ ବନ୍ୟ ପ୍ରାଣୀଙ୍କ ଗତିବିଧିକୁ ପ୍ରତିବନ୍ଧିତ କରିବା। ଏହି ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରି, ପୂର୍ବତଟ ରେଳପଥ ଏକ ସୁରକ୍ଷିତ ଏବଂ ଦକ୍ଷ ରେଳପଥ ନେଟୱାର୍କ ପ୍ରଦାନ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି । ଏହା ବ୍ୟତୀତ, ଟିଟିଲାଗଡ଼ ଏବଂ ଲାଖୋଲି ମଧ୍ୟରେ ଏବଂ ବଲାଙ୍ଗୀର-ଥେରୁବାଲି-ସିଙ୍ଗାପୁର ରୋଡ୍ ରେଳ ସେକ୍ସନ ମଧ୍ୟରେ ଟ୍ରାକ୍ ସେଫ୍ଟି ଫେନ୍ସିଂ କାର୍ଯ୍ୟ ପାଇଁ ୨୦୭ କୋଟି ମଞ୍ଜୁର କରାଯାଇଛି।

ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ: ଭଦ୍ରକ-ପଲାସା ଏବଂ ଖୋର୍ଦ୍ଧା ରୋଡ୍-ପୁରୀ ରେଳ ସେକ୍ସନରେ ୭୯୭.୩ କିଲୋମିଟର ଏବଂ ନିର୍ଗୁଣ୍ଡି-କେରଜଙ୍ଗ ରେଳ ସେକ୍ସନରେ ୨୨୮ କିଲୋମିଟର ସମେତ ୧୦୨୫.୩ କିଲୋମିଟର ଦୈର୍ଘ୍ୟ ରେଳ ଧାରଣା ସୁରକ୍ଷା ବାଡ଼ (ଟ୍ରାକ୍ ସେଫ୍ଟି ଫେନ୍ସିଂ) କାର୍ଯ୍ୟ ପାଇଁ ୩୮୮.୮୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ପରବର୍ତୀ ପର୍ଯ୍ୟାୟରେ, ଜଖପୁରା-କେନ୍ଦୁଝରଗଡ଼-ନୟାଗଡ଼ ରେଳ ସେକ୍ସନ ଏବଂ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର ଅନ୍ୟାନ୍ୟ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ସୁରକ୍ଷା ଫେନ୍ସିଂ ପାଇଁ ପ୍ରସ୍ତାବ ରହିଛି।

ସମ୍ବଲପୁର ରେଳମଣ୍ଡଳର ମୋଟ ୮୩୦ କିଲୋମିଟର ରେଳ ଧାରଣା କଡରେ ସୁରକ୍ଷା ବାଡ଼ କାର୍ଯ୍ୟ ମଧ୍ୟରୁ ୪୬୮.୨୩ କିଲୋମିଟର ଦୈର୍ଘ୍ୟ ଟ୍ରାକ୍ ସେଫ୍ଟି ଫେନ୍ସିଂ କାର୍ଯ୍ୟ ପାଇଁ ୨୮୮.୦୪୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିରେ ସରଲଓ ରୋଡ୍-ବଲାଙ୍ଗିର ରେଳ ଲାଇନ ସେକ୍ସନରେ ୧୨୪.୧୫ କିଲୋମିଟର ଏବଂ ଝାରସୁଗୁଡା ରୋଡ୍-ସମ୍ବଲପୁର ସିଟି-କେରଜଙ୍ଗ ରେଳ ସେକ୍ସନରେ ୩୪୪.୦୮ କିଲୋମିଟର ଅନ୍ତର୍ଭୁକ୍ତ। ଏହି କାର୍ଯ୍ୟ ପାଇଁ ଚୁକ୍ତିନାମା ଚୂଡ଼ାନ୍ତ ପର୍ଯ୍ୟାୟରେ ଅଛି। ଏହା ବ୍ୟତୀତ, ବଲାଙ୍ଗୀର-ଥେରୁବାଲି-ସିଙ୍ଗାପୁର ରୋଡ଼ ମଧ୍ୟରେ ୧୮୮.୮୯ କିଲୋମିଟର ମଞ୍ଜୁରୀ ପ୍ରାପ୍ତ ହେଉଛି ଏବଂ ଟିଟିଲାଗଡ଼ ଓ ଲାଖୋଲି ମଧ୍ୟରେ ୧୭୨.୭୮୧ କିଲୋମିଟର ପ୍ରସ୍ତାବିତ ଅନ୍ତର୍ଭୁକ୍ତ। ପଲାସା-ବିଶାଖାପାଟନମ୍-ଦୁଭାଡା ଏବଂ ବିଜୟନଗରମ୍-ସିଙ୍ଗାପୁର ରୋଡ୍ ରେଳ ସେକ୍ସନରେ ୬୦୦ କିଲୋମିଟର ଦୈର୍ଘ୍ୟ ରେଳ ମାର୍ଗ ମଧ୍ୟରେ ସମ୍ବେଦନଶୀଳ ରେଳ ଧାରଣା କଡରେ ସୁରକ୍ଷା ବାଡ଼ ପାଇଁ ୧୮୭.୧୯ କୋଟି ଟଙ୍କା ମଞ୍ଜୁର କରାଯାଇଛି।

## ପ୍ରତିଟି ଗ୍ରାମପଞ୍ଚାୟତର ବିକାଶ ଆମର ଉତରଦାୟିତ୍ୱ

**ଭୁବନେଶ୍ୱର,୬।୩ (ମହାଭାରତ):** ଲୋକସେବା ଭବନସ୍ଥିତ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ସମ୍ମିଳନୀ କକ୍ଷରେ ପଂଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।



ଏହି ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ସରକାରଙ୍କ ଆଭିମୁଖ୍ୟ ବିଷୟରେ ଆଲୋଚନା କରିବା ସହ ପ୍ରତିଟି ଗ୍ରାମପଂଚାୟତର ବିକାଶ ବିଭାଗର ଉତ୍ତରଦାୟିତ୍ୱ ବୋଲି ପ୍ରକାଶ କରିଥିଲେ।

ସମୀକ୍ଷା ବୈଠକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିକଶିତ ଗାଁ ବିକଶିତ ଓଡ଼ିଶା, ମେଗା ପାଇପ ପାନୀୟ ଜଳ ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟ ନେଇ ସବିଶେଷ ସମୀକ୍ଷା ହୋଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସର୍ଭେରେ ଯେପରି ଉଚିତ ତଥ୍ୟ ସଂଗ୍ରହ କରାଯାଇ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇପାରିବ ସେଥିପ୍ରତି ଯତ୍ନବାନ ହେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର କାର୍ଯ୍ୟାନ୍ୱୟନକୁ ସମୀକ୍ଷା କରି ବହୁମୁଖୀ ଭିତ୍ତିଭୂମି ନିର୍ମାଣ ଉପରେ ଗୁରୁତ୍ୱ ଦେବାକୁ ମାନ୍ୟବର ମନ୍ତ୍ରୀ କହିଥିଲେ । ଗ୍ରୀଷ୍ମପ୍ରବାହର ମୁକାବିଲା ପାଇଁ ସମସ୍ତ ନଳକୂପର ଆଗୁଆ ମରାମତି ସହ ଏଗୁଡ଼ିକର ରକ୍ଷଣାବେକ୍ଷଣ, ପାନୀୟ ଜଳ ଯୋଗାଣ, ନୂତନ ନଳକୂପ ଖନନ ଉପରେ ସବିଶେଷ ଆଲୋଚନା ହୋଇଥିଲା। ଏଥି ସହ ଆନ୍ତ୍ୟୋଦାୟ ଗୃହ ଯୋଜନାକୁ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଂଚାଇବା ପ୍ରକ୍ରିୟା ବିଷୟରେ ମନ୍ତ୍ରୀ ଦିଗ୍‌ଦର୍ଶନ ଦେଇଥିଲେ।

ସମୀକ୍ଷା ବୈଠକରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଏସ୍. ଏନ୍. ଗିରୀଶ, ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ଦାସ, ପାନୀୟ ଜଳ ନିର୍ଦ୍ଦେଶକ ଭିନିତ୍ ଭାରଦ୍ୱାଜ, ଅତିରିକ୍ତ ଶାସନ ସଚିବ ଚକ୍ରବର୍ତି ସିଂ ରାଠୋର, ପଂଚାୟତିରାଜ ନିର୍ଦ୍ଦେଶକ ଡ. ମହେଶ୍ୱର ସ୍ୱାଇଁ, ସର୍ବୋଚ୍ଚ ଯନ୍ତ୍ରୀ, ବିଭାଗର ସମସ୍ତ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଜିଲ୍ଲାର ମୁଖ୍ୟ ଉନ୍ନୟନ ଅଧିକାରୀ ଓ ସମସ୍ତ ବ୍ଲକ୍‌ର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ବିଭାଗୀୟ ଯନ୍ତ୍ରୀମାନେ ଆଭାସି ମାଧ୍ୟମରେ ବୈଠକରେ ଯୋଗଦେଇଥିଲେ।

## ଭୁବନେଶ୍ୱର-କୋଣାର୍କ-ପୁରୀକୁ ଚାଲିବ ସବୁଜ ହାଇଡ୍ରୋଜେନ୍ ବସ୍

**ଭୁବନେଶ୍ୱର,୬।୩ (ମହାଭାରତ):** କେନ୍ଦ୍ର ସରକାରଙ୍କ ମହତ୍ୱାକାଂକ୍ଷୀ ଜାତୀୟ ସବୁଜ ହାଇଡ୍ରୋଜେନ୍ ମିସନ ଅନ୍ତର୍ଗତ ପରୀକ୍ଷାମୂଳକ ଭାବରେ ଓଡ଼ିଶାରେ ଖୁବ୍ ଶୀଘ୍ର ସବୁଜ ହାଇଡ୍ରୋଜେନ୍ ବସ୍ ପ୍ରଚଳନ କରାଯିବ। ନୂତନ ଏବଂ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟ (ଏମଏନଆରଇ) ଭୁବନେଶ୍ୱର-କୋଣାର୍କ-ପୁରୀ ରୁଟ୍ ସମେତ ଦେଶର ବିଭିନ୍ନ ରୁଟ୍ରେ ମୋଟ ୩୭ଟି ଯାନ (ବସ୍ ଏବଂ ଟ୍ରକ୍) ଚଳାଚଳ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏହା ସହିତ ନଅଟି ହାଇଡ୍ରୋଜେନ୍ ରିଫ୍ୟୁଏଲ୍ ଷ୍ଟେସନ୍ ସହିତ ପାଞ୍ଚଟି ପାଇଲଟ୍ ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି।

ଅଟୋମୋଟିଭ୍ ରିସର୍ଚ୍ଚ ଆସୋସିଏସନ୍ ଅଫ୍ ଇଣ୍ଡିଆ (ଏଆରଏଆଇ) ପକ୍ଷରୁ ଏନେଇ ପଦକ୍ଷେପ ଗ୍ରହଣ କରାଯାଇଛି। ୧୯.୫ କୋଟି ଟଙ୍କା ନିବେଶରେ ଓଡ଼ିଶାରେ ସବୁଜ ହାଇଡ୍ରୋଜେନ୍ ବସ୍ କାର୍ଯ୍ୟକାରୀ କରିବ ବୋଲି ସୂତ୍ରରୁ ଜଣାପଡ଼ିଛି।

ପରୀକ୍ଷାମୂଳକ ଭାବରେ ସବୁଜ ହାଇଡ୍ରୋଜେନ୍ ବସ୍ ପ୍ରଚଳନ କରାଯିବା ପାଇଁ ଅନ୍ୟ ଯେଉଁ ରୁଟ୍ଗୁଡ଼ିକ ରହିଛି ସେଗୁଡ଼ିକ ହେଉଛି ଗ୍ରେଟର ନୋଏଡା-ଦିଲ୍ଲୀ-ଆଗ୍ରା, ଅହମ୍ମଦାବାଦ-ବଡୋଦରା-ସୁରଟ, ସାହିବାବାଦ-ଫରିଦାବାଦ-ଦିଲ୍ଲୀ, ପୁଣେ-ମୁମ୍ବାଇ, ଜାମସେଦପୁର-କଳିଙ୍ଗ ନଗର, ତିରୁବନନ୍ତପୁରମ-କୋଚି, କୋଚି-ଏଡାପାଲି, ଜାମନଗର-ଅହମ୍ମଦାବାଦ, ଏବଂ ଏନଏଚ-୧୬ ବିଶାଖାପାଟଣା-ବାୟାଭରମ।

## ଓଡ଼ିଶାର ବିକାଶ

ପୂର୍ବାପେକ୍ଷା ବଜେଟରେ ଓଡ଼ିଶା ପାଇଁ ଅଧିକ ଅର୍ଥ ବରାଦ କରାଯାଇଛି ବୋଲି ରେଳବାଇ ମନ୍ତ୍ରୀ କହିଛନ୍ତି। କିନ୍ତୁ ଏତିକି ଅର୍ଥ ବରାଦ ସନ୍ତୋଷଜନକ ନୁହେଁ। ଓଡ଼ିଶାରେ ଅନେକ ଜିଲ୍ଲା ଏବେ ବି ରେଳ ଲାଇନ ସହ ସଂଯୁକ୍ତ ନୁହେଁ। ଏଥିଲାଗି ବଜେଟରେ ପର୍ଯ୍ୟାପ୍ତ ଅର୍ଥ ବରାଦର ଆବଶ୍ୟକତା ରହିଛି। କିଛି ମାସ ତଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୟୂରଭଞ୍ଜ ଜିଲ୍ଲାରେ ୩ଟି ନୂଆ ରେଳପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏହା ଦ୍ୱାରା ମୟୂରଭଞ୍ଜ ଜିଲ୍ଲା ସହ ସମଗ୍ର ଉତ୍ତର ଓଡ଼ିଶାରେ ରେଳ ନେଟୱର୍କ ବିକଶିତ ଏବଂ ସୁଦୃଢ଼ ହେବ ବୋଲି ଆଶା କରାଯାଉଛି। ଯାତ୍ରୀ ପରିବହନ ସହ ଖଣିଜ ସାମଗ୍ରୀ ପରିବହନରେ ଏହା ବିଶେଷ ସହାୟକ ହୋଇପାରିବ। ତେବେ ନୂଆ ପ୍ରକଳ୍ପ ଶେଷ ହେବାକୁ କେତେ ବର୍ଷ ଲାଗିବ ତାହା ସବୁଠାରୁ ବଡ଼ କଥା। କାରଣ ରେଳ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ହେଉଛି ସବୁଠାରୁ ବଡ଼ ସମସ୍ୟା। ମୟୂରଭଞ୍ଜ ଏକ ଆଦିବାସୀ ବହୁଳ ଜିଲ୍ଲା ଏବଂ ଜଙ୍ଗଲରେ ପରିପୂର୍ଣ୍ଣ। ରେଳ ପ୍ରକଳ୍ପ ପାଇଁ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ମଞ୍ଜୁରୀ କେବେ ମିଳିବ ତାହା ଦେଖିବାର କଥା। ସେହିପରି ସାଧାରଣ ଜନତା ମଧ୍ୟ ପ୍ରକଳ୍ପ ପାଇଁ ନିଜ ଜମି ଛାଡ଼ିବାକୁ ନାରାଜ ହେଉଛନ୍ତି। ତେଣୁ ଖାଲି ପ୍ରକଳ୍ପର ଶିଳାନ୍ୟାସ କରିଦେଲେ ଆପେ ଆପେ ଏହା କାର୍ଯ୍ୟକାରୀ ହୋଇଯିବ ବୋଲି ଭାବିବା ଭୁଲ। ଏଥିପାଇଁ ନିୟମିତ ଉଦ୍ୟମ ଜାରି ରଖିବାକୁ ପଡ଼ିବ। ଖୋର୍ଦ୍ଧାରୋଡ-ବଲାଙ୍ଗୀର ରେଳ ପ୍ରକଳ୍ପ ଆରମ୍ଭ ହେବାର ଅନେକ ବର୍ଷ ବିତିଗଲାଣି। କିନ୍ତୁ ଏହା ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରିଲାନି। କାରଣ ଏବେ ବି ପୁରା ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ହୋଇପାରିଲାନି। ମୟୂରଭଞ୍ଜ ଜିଲ୍ଲାରେ ପ୍ରସ୍ତାବିତ ରେଳପ୍ରକଳ୍ପ କେବେ କାର୍ଯ୍ୟକାରୀ ହେବ ତାହା କହିବା ମୁସ୍କିଲ। କିନ୍ତୁ ଥରେ ପ୍ରକଳ୍ପ କାର୍ଯ୍ୟ ଶୁଭାରମ୍ଭ ହେବା ଅର୍ଥ ଏହା ନିଶ୍ଚିତ ଭାବେ ଦିନେ ଶେଷ ହେବ। ଏବେ ଉଭୟ ରାଜ୍ୟ ଏବଂ କେନ୍ଦ୍ରରେ ବିଜେପି ସରକାର। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡ଼ିଶାର ପ୍ରତିନିଧିତ୍ୱ କରୁଛନ୍ତି। ସେ ମଧ୍ୟ ଜଣେ ଦକ୍ଷ ମନ୍ତ୍ରୀ। ତାଙ୍କ ସମୟରେ ଓଡ଼ିଶାରେ ନୂଆ ରେଳପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହେବ ଏବଂ ଯଥାସମୟରେ ପ୍ରକଳ୍ପ କାର୍ଯ୍ୟ ଶେଷ ହେବ ବୋଲି ଆଶା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଏଥିଲାଗି ସବୁ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦଇଛନ୍ତି। ଦେଶର ବିକାଶରେ ଭିତ୍ତିଭୂମି ବିକାଶର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପ୍ରଧାନମନ୍ତ୍ରୀ ମୋଦି ଭିତ୍ତିଭୂମି ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ଗତି ଶକ୍ତି ଯୋଜନା ଆରମ୍ଭ କରିଛନ୍ତି। ରାଷ୍ଟ୍ରପତି ମୟୂରଭଞ୍ଜର ଝିଅ। ତେଣୁ ସେ ନିଶ୍ଚିତ ଭାବେ ଏହି ପ୍ରକଳ୍ପ ଶୀଘ୍ର ଶେଷ ହେଉ ବୋଲି ଚାହିଁବା ସ୍ୱାଭାବିକ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଓଡ଼ିଶାର ବିକାଶ ନିମନ୍ତେ କେନ୍ଦ୍ରରୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ପାଉଛନ୍ତି। ଜଣେ ନିଷ୍ଠାପର ବ୍ୟକ୍ତି ଭାବେ ପରିଚିତ ମୋହନ ଚରଣ ମାଝୀ ନୂଆ ରେଳପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପ୍ରୟାସ କରିବା ଆଶା ରହିଛି। ନିକଟରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏକ ମହତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ତାଙ୍କ କହିବାନୁଯାୟୀ ଚଳିତ ବର୍ଷ ଓଡ଼ିଶାକୁ ରେଳବଜେଟରେ ୭୩ ହଜାର କୋଟି ଟଙ୍କା ମିଳିଛି। ରେଳବଜେଟରେ ଓଡ଼ିଶା ପାଇଁ ଏହା ସର୍ବାଧିକ ବ୍ୟୟ ବରାଦ। ଆଗାମୀ ବଜେଟରେ ଏହାଠାରୁ ମଧ୍ୟ ଅଧିକ ବ୍ୟୟ ବରାଦ କରାଯିବ ବୋଲି ଆଶା। ଗୋଟିଏ ବାକ୍ୟରେ କହିଲେ ୨୦୧୪ପରଠାରୁ ଓଡ଼ିଶାରେ ରେଳବିକାଶର ଏକ ସୁବର୍ଣ୍ଣ ଯୁଗ ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିପାଇଁ ଧନ୍ୟବାଦର ପାତ୍ର। ଓଡ଼ିଶାର ବିକାଶ ନିମନ୍ତେ ତାଙ୍କର ଉଦ୍ୟମ ଅତୀତରେ କୌଣସି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟରେ ଅନୁଭବ କରାଯାଇନଥିଲା।

## ବ୍ୟାଙ୍କ ଗୁଡ଼ିକର ଅସରନ୍ତି ଏନପିଏ ବୋଝ

॥ ଯୁଧିଷ୍ଠିର ମହାରଣା ॥

"ଭାରତରେ ୨୦୦୮ ପର୍ଯ୍ୟନ୍ତ ବ୍ୟବସାୟରେ ବିଶାଳ ସୁଯୋଗ ଓ ସମ୍ଭାବନା ସୃଷ୍ଟି ହେବା ସହିତ ଅର୍ଥନୈତିକ ଅଭିବୃଦ୍ଧି ଉତ୍ସାହଜନକ ଭାବେ ଦୁଇ ଅଙ୍କ ପାଖାପାଖି ଛୁଇଁଥିଲା। ଏହି ଧାରାକୁ ଦୃଷ୍ଟିରେ ରଖି ବ୍ୟାଙ୍କମାନେ ବିପୁଳ ପରିମାଣରେ ଋଣ ମଞ୍ଜୁର କରିବାରେ ଲାଗିଲେ। କିନ୍ତୁ ୨୦୦୮ରେ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ପରେ ଏହି ସୁଯୋଗ ଓ ସମ୍ଭାବନା କ୍ରମଶଃ ସଙ୍କୁଚିତ ହୋଇଆସିଲା ଏବଂ ଉଭୟ ବ୍ୟବସାୟ ଓ ଅର୍ଥନୀତି ପ୍ରଭାବିତ ହେଲା।

ଭାରତରେ ବର୍ଷକୁ ବର୍ଷ ଅନାଦାୟ ବ୍ୟାଙ୍କଋଣ ଉଦବେଗଜନକ ଭାବେ ବୃଦ୍ଧି ପାଇବାରେ ଲାଗିଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦର ଚଳିତ ଶୀତ ଅଧିବେଶନରେ ଦେଇଥିବା ତଥ୍ୟାନୁଯାୟୀ ଗତ ପାଞ୍ଚ ବର୍ଷ ଭିତରେ ଭାରତର ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କ ଗୁଡ଼ିକର ଏନପିଏ ପାଖାପାଖି ୧୦.୫୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକ ଗ୍ରାହକଙ୍କୁ ଦେଇଥିବା ଋଣ ଅସୁଲ ନକରିପାରିବା ସମ୍ପୃକ୍ତ ବ୍ୟାଙ୍କର ପରିଚାଳନାଗତ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଥିଲେ ହେଁ ସେଥିପାଇଁ ପରିଚାଳନା ଓ ନିର୍ଦ୍ଦେଶକ ମଣ୍ଡଳୀକୁ ସିଧାସଳଖ ଦଣ୍ଡିତ କରାଯିବାର ନିୟମ ଆମ ଦେଶରେ ନାହିଁ। ଅପରପକ୍ଷରେ ବ୍ୟାଙ୍କ ଅଧିକାରୀମାନଙ୍କ ପାଇଁ ଯେଉଁ ବ୍ୟବସାୟିକ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥାଏ ତାହାକୁ ପୂରଣ କରିବା ପାଇଁ କିପରି ଅଧିକରୁ ଅଧିକ ଋଣ ମଞ୍ଜୁର କରାଯାଇପାରିବ ତାହାକୁ ଅଗ୍ରାଧିକାର ଦିଆଯାଏ। ବିଡ଼ମ୍ବନା ହେଲା ଜରୁରୀ ସମ୍ବଳ ଆବଶ୍ୟକ କରୁଥିବା ସାଧାରଣ ଗ୍ରାହକଟିଏ ଋଣ ପାଇବାକୁ ନୟାନ୍ତ ହୋଇପଡୁଥିଲେ ମଧ୍ୟ ତାହାକୁ ନେଇ ସେ ଚିନ୍ତାରେ ପଡ଼ିଯାଏ। ସୁଧ ଓ କିସ୍ତି ପୈଠରେ ସାମାନ୍ୟ ଖିଲାପ ହେଲେ ଋଣଦାତା ବ୍ୟାଙ୍କ ବିଚରା ଋଣ ଗ୍ରହୀତାର ଘରବାଡ଼ି ସମ୍ପତ୍ତି ଜବତ କରିଦେବାର ଉଦାହରଣ ବହୁଳ। ଅପରପକ୍ଷରେ ଥିଲାବାଲା ବା ଅତ୍ୟୁଚ୍ଚ ଧନୀମାନେ କିସ୍ତି ଓ ସୁଧ ପୈଠରେ ଉଦ୍ଦେଶ୍ୟମୂଳକ ଖିଲାପ କରି ଆସୁଥିଲେ ମଧ୍ୟ ସେମାନଙ୍କୁ ବ୍ୟାଙ୍କ କର୍ତ୍ତୃପକ୍ଷ ଅକୁଣ୍ଠ ଚିତ୍ତରେ ହଜାର ହଜାର କୋଟି ଟଙ୍କାର ଋଣ ପୁନଃ ମଞ୍ଜୁର କରିବାରେ ଅବହେଳା କରନ୍ତିନାହିଁ। ଏଥିରେ ଉଚ୍ଚ ରାଜନୈତିକ ମହଲରୁ ଚାପ ମଧ୍ୟ ପଡ଼ିବାର ନଜିର ରହିଛି। ଏଥିପାଇଁ ବିଜୟ ମାଲ୍ୟା, ନିରବ ମୋଦି, ମେହୁଲ ଚୋକ୍ସିଙ୍କ ଭଳି ଅନେକ ଅଭ୍ୟାସଗତ ଋଣ ଖିଲାପୀବାଲାଙ୍କ ଉଦାହରଣ ନିଆଯାଇପାରେ। ଭାରତରେ ବ୍ୟାଙ୍କ ଏନପିଏ ଉଦବେଗଜନକ ଭାବେ ବୃଦ୍ଧି ପାଇବା ପଛରେ ଏହା ଏକ ବଡ଼ କାରଣ।

ବାଣିଜ୍ୟିକ ବ୍ୟାଙ୍କର ମୂଳ ଲକ୍ଷ୍ୟ ହେଲା ଋଣ ସହାୟତା ଜରିଆରେ ଦେଶର ବ୍ୟବସାୟ କ୍ଷେତ୍ରକୁ ସହାୟତା ତଥା ଦେଶର ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା। ବ୍ୟାଙ୍କ ଦେଉଥିବା ଋଣ ତାହାର ଆସେଟ ବା ସମ୍ପଦ ଭାବରେ ପରିଗଣିତ ହୁଏ। କାରଣ ଋଣଦାତା ବ୍ୟାଙ୍କ ଏହି ଋଣରୁ ସୁଧ ଆକାରରେ ନିୟମିତ ଆୟ କରିଥାଏ। ବ୍ୟବସାୟ ଆରମ୍ଭ କରୁଥିବା କିମ୍ବା ସମ୍ପ୍ରସାରଣ କରିବାକୁ ଚାହୁଁଥିବା ବ୍ୟବସାୟୀ ଯେପରି ଠିକ ସମୟରେ ଋଣ ପାଇବାରେ ଅସୁବିଧା ନ ଭୋଗନ୍ତି ବା ପାତର ଅନ୍ତରର ଶିକାର ନହୁଅନ୍ତି ସେଥିପାଇଁ କେନ୍ଦ୍ର ସରକାର ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକର ଜାତୀୟକରଣ କରିଥିଲେ। କିନ୍ତୁ ଅସଲରେ ବ୍ୟାଙ୍କ ଜାତୀୟକରଣର ମହତ ଲକ୍ଷ୍ୟ ଯେ ପରାହତ ହୋଇଛି ତାହା ପ୍ରାୟ ୫ ଦଶନ୍ଧି ପରେ ସ୍ପଷ୍ଟ ହୋଇଛି। ବ୍ୟାଙ୍କର ଆଉ ଏକ ଦାୟିତ୍ୱ ହେଉଛି ଯେ ଠିକ ସମୟରେ ଋଣ ଗ୍ରହୀତାଙ୍କ ଠାରୁ ସୁଧ ସମେତ କିସ୍ତି ଅସୁଲ କରିବା। ଏଥିରେ ଖିଲାପ ହେଲେ ଋଣ ରାଶି ଏନପିଏ ବା ନନ ପରଫର୍ମିଂ ଆସେଟ ଭାବରେ ଗଣାଯାଏ। ବ୍ୟାଙ୍କ ଖାତାରେ କୌଣସି ଋଣ ପରିଶୋଧ ତାରିଖର ୯୦ ଦିନ ପର୍ଯ୍ୟନ୍ତ ଅନାଦାୟ ରହିଲେ ତାହାକୁ ଏନପିଏ ଭାବରେ ଘୋଷିତ କରାଯାଏ।

ଭାରତରେ ୨୦୦୮ ପର୍ଯ୍ୟନ୍ତ ବ୍ୟବସାୟରେ ବିଶାଳ ସୁଯୋଗ ଓ ସମ୍ଭାବନା ସୃଷ୍ଟି ହେବା ସହିତ ଅର୍ଥନୈତିକ ଅଭିବୃଦ୍ଧି ଉତ୍ସାହଜନକ ଭାବେ ଦୁଇ ଅଙ୍କ ପାଖାପାଖି ଛୁଇଁଥିଲା। ଏହି ଧାରାକୁ ଦୃଷ୍ଟିରେ ରଖି ବ୍ୟାଙ୍କମାନେ ବିପୁଳ ପରିମାଣରେ ଋଣ ମଞ୍ଜୁର କରିବାରେ ଲାଗିଲେ। କିନ୍ତୁ ୨୦୦୮ରେ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ପରେ ଏହି ସୁଯୋଗ ଓ ସମ୍ଭାବନା କ୍ରମଶଃ ସଙ୍କୁଚିତ ହୋଇଆସିଲା ଏବଂ ଉଭୟ ବ୍ୟବସାୟ ଓ ଅର୍ଥନୀତି ପ୍ରଭାବିତ ହେଲା। ତେଣୁ ସ୍ୱାଭାବିକ ଭାବରେ ଅନାଦାୟ ଋଣ ସମସ୍ୟା ସୃଷ୍ଟି ହେଲା। ବିଶେଷକରି ୨୦୧୪ ପରେ ଏନପିଏ ପରିମାଣ ବୃଦ୍ଧି ପାଇ ଏକ ବିଶାଳ ପାହାଡ଼ ଆକାରରେ ଦେଶର ଅର୍ଥନୀତି ଆଗରେ ଉଭା ହୋଇଥିଲା। ଭାରତରେ ଏନପିଏ ବୃଦ୍ଧି ପାଇବା ପଛରେ ଆଉ ଏକ କାରଣ ହେଉଛି ଋଣ ନେଇଥିବା ବୃହତ ଶିଳ୍ପ ସଂସ୍ଥାଗୁଡ଼ିକର ଆର୍ଥିକ ସ୍ଥିତି ଓ ଋଣ ପରିଶୋଧ କରିବାର କ୍ଷମତା ନିୟମିତ ଆକଳନ କରାଗଲା ନାହିଁ। ଅଧିକନ୍ତୁ ଶିଳ୍ପାୟନ ଆଳରେ ଶିଳ୍ପପତିମାନଙ୍କୁ ଋଣ ନିୟମକୁ କୋହଳ କରିଦିଆଗଲା। ଏହାଛଡ଼ା ଅତୀତରେ ଉଦ୍ୟୋଗପତିମାନଙ୍କ ବିପୁଳ ଋଣ ଚାହିଦା ମେଣ୍ଟାଇବା ପାଇଁ ଏକାଧିକ ବ୍ୟାଙ୍କ ମିଳିତ କନ୍ସୋର୍ଟିୟମ ଗଠନ କରାଗଲା। ମାଲ୍ୟାଙ୍କର କିଙ୍ଗଫିସର ପରି କମ୍ପାନୀମାନେ ବିଶାଳ ପରିମାଣର ଋଣ ପରିଶୋଧରେ କ୍ରମାଗତ ଅସଫଳ ହେବା ପରେ ଋଣଦାତା ବ୍ୟାଙ୍କ କନ୍ସୋଟିୟମ ସହିତ ଦେଶର ସାମଗ୍ରିକ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ତାହା ପ୍ରଭାବିତ କଲା। ଏଥିସହିତ ମରୁଡ଼ି, ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ଯୋଗୁଁ କୃଷି ଋଣ ମଧ୍ୟ ଅନାଦାୟ ହୋଇପଡ଼ିଲା। କେତେଜଣ ଶିଳ୍ପପତି ଜାଲ କାଗଜପତ୍ର ପ୍ରସ୍ତୁତ କରି ଅସାଧୁ ବ୍ୟାଙ୍କ କର୍ମଚାରୀଙ୍କ ସହାୟତାରେ ବିପୁଳ ପରିମାଣର ଋଣ ରାଶି ବିଦେଶରେ ଥିବା ଆକାଉଣ୍ଟକୁ ସ୍ଥାନାନ୍ତରିତ କରିଦେଲେ। ଏହିସବୁ ଘଟଣା ପ୍ରତି ଯଦି କେନ୍ଦ୍ର ସରକାର ପ୍ରାରମ୍ଭରୁ ଯତ୍ନଶୀଳ ହୋଇଥାନ୍ତେ ତେବେ ଆଜି ଭାରତୀୟ ଅର୍ଥନୀତିକୁ ଏନପିଏର ପାହାଡ଼ ମୁଣ୍ଡାଇବାକୁ ପଡ଼ିନଥାନ୍ତା। ମେହୁଲ ଚୋକ୍ସି, ନିରବ ମୋଦୀ, ବିଜୟ ମାଲ୍ୟାଙ୍କୁ ପଳାତକ ଘୋଷଣା କରାଯିବା ସହିତ ଅନାଦାୟ ଋଣ ବା ଏନପିଏ ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ସରକାର ବିଳମ୍ବରେ ହେଲେ ମଧ୍ୟ ଉଦ୍ୟମ ଆରମ୍ଭ କଲେ। ଏହି ଉଦ୍ୟମର ଏକ ଅଂଶସ୍ୱରୂପ ଇନ୍ସଲଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି କୋଡ଼ରେ ଆବଶ୍ୟକୀୟ ସଂଶୋଧନ କରାଗଲା। ବ୍ୟାଡ଼ ବ୍ୟାଙ୍କ ଗଠନ ପାଇଁ ମଧ୍ୟ ବାଟ ଫିଟିଲା। ଏହାଦ୍ୱାରା ସମ୍ପୂର୍ଣ୍ଣ ନ ହେଲେ ମଧ୍ୟ ବ୍ୟାଙ୍କର ଏନପିଏ ସମସ୍ୟା କେତେକାଂଶରେ ସମାଧାନ ହେବାର ଦେଖାଗଲା। ଏହି ବ୍ୟବସ୍ଥାର ସୁଫଳ ପାଇବାକୁ ହୁଏତ ଅନେକ ବର୍ଷ ଲାଗିଯାଇପାରେ।

ଶେଷରେ କୁହାଯାଇପାରେ ଯେ କୌଣସି ଦେଶର ଅର୍ଥନୈତିକ ଅଭିବୃଦ୍ଧି ଓ ବିକାଶରେ ବ୍ୟାଙ୍କିଙ୍ଗ କ୍ଷେତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯଦି ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ ତେବେ କେବଳ ଦେଶ ଦେବାଳିଆ ହେବନାହିଁ ବରଂ ଏହାର ପ୍ରଭାବ ବିଶ୍ୱ ଅର୍ଥନୀତି ଉପରେ ପଡ଼ିବ। ଆମେରିକାର ଲେହମ୍ୟାନ ବ୍ରଦରସ୍ ଓ ମେରିଲ ଲିଞ୍ଚ ବ୍ୟାଙ୍କ ଭୁଶୁଡ଼ି ଯିବା ପରେ ବିଶ୍ୱ ଅର୍ଥନୀତିରେ ଯେଉଁ ମାନ୍ଦାବସ୍ଥା ସୃଷ୍ଟି ହୋଇଥିବାର ତାହାର ପ୍ରଭାବକୁ ଆଜି ମଧ୍ୟ ଅନେକ ଦେଶ ସମ୍ପୂର୍ଣ୍ଣ ଦୂର କରିବାରେ ସକ୍ଷମ ହୋଇପାରିନାହାନ୍ତି। ତେଣୁ ଭାରତ ସରକାର ମଝିରେ ମଝିରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗୁଡ଼ିକୁ ବିପୁଳ ପୁଞ୍ଜି ନିବେଶ ଯୋଗାଇ ଆସୁଛନ୍ତି, ଯାହା ସିଧାସଳଖ ଦେଶର ଜନସାଧାରଣ ଦେଉଥିବା ଟିକସରୁ ଭରଣା ହେଉଛି। ଅନ୍ୟ ଅର୍ଥରେ କହିଲେ ଏନପିଏ ବୃଦ୍ଧି ସହିତ ଅତ୍ୟୁଚ୍ଚ ଧନୀ ଶିଳ୍ପପତିମାନେ ଉପକୃତ ହେଉଥିବାବେଳେ ଦେଶର ଜନସାଧାରଣ କ୍ଷତିଗ୍ରସ୍ତ ହେଉଛନ୍ତି। ତେଣୁ ଏହାର ଦୀର୍ଘସ୍ଥାୟୀ ନିରାକରଣ ଦିଗରେ ସରକାର ତତ୍ପରତା ପ୍ରକାଶ କରିବା ଦରକାର। ଏନପିଏ ସମସ୍ୟାର ସମାଧାନ ପାଇଁ କେବଳ ବ୍ୟାଡ଼ ବ୍ୟାଙ୍କ ଗଠନ କିମ୍ବା ଅତିରିକ୍ତ ପୁଞ୍ଜି ସହାୟତା ଯଥେଷ୍ଟ ନୁହେଁ। ସମ୍ପୃକ୍ତ ବ୍ୟାଙ୍କ ଅଧିକାରୀମାନଙ୍କୁ ମଧ୍ୟ ଆଇନତଃ ଉତ୍ତରଦାୟୀ କରିବା ପାଇଁ କଠୋର ନିୟମ ପ୍ରଣୟନ ହେବା ଦରକାର।


ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ଦୂରଭାଷ : ୯୪୩୭୧୬୩୫୨୮


## ମୋ ଜୀବନର କଳ୍ପବୃକ୍ଷ

॥ ଅନୀତା ପଟ୍ଟନାୟକ ॥

କୁହାଯାଏ 'ପିତା ଧର୍ମ, ପିତା ସ୍ୱର୍ଗ, ପିତା ହିଁ ପରମ ତପ। ପିତରି ପ୍ରୀତିମାପନ୍ନେ ପ୍ରୀୟନ୍ତେ ସର୍ବଦେବତା।' ଏହାର ଅର୍ଥ ପିତା ହେଉଛି ଧର୍ମ, ସ୍ୱର୍ଗ ଓ ଜୀବନର ତପସ୍ୟାର ଫଳ। ପିତା ଯଦି ସନ୍ତୁଷ୍ଟ ହୁଅନ୍ତି ସର୍ବ ଦେବତାମାନେ ପ୍ରୀତ ହୋଇଥାନ୍ତି। ମୋର ପିତା ଜଣେ ନିଆରା ଶିକ୍ଷକ ଥିଲେ। ସେ ସକାଳ ହେଲେ ଆମ ଭାଇ ଭଉଣୀ ମାନଙ୍କୁ ଉଠାଇ ଚଲାଇ ଚଲାଇ କିଛି ବାଟ ନେଇ ବିଭିନ୍ନ ମନ୍ଦିର ପ୍ରଭୃତି ଦେଖାଇ ଗାଈର କ୍ଷୀର, ଦହି ଗଉଡଘରୁ ଧରି ଘରକୁ ଫେରୁଥିଲେ। ବାପା କେବେ ଚାହାପି ପିଇବା କିମ୍ବା କ୍ଷୀର ପିଇବା ମୁଁ ଦେଖିନାହିଁ। ବରଂ ମାକୁ ପ୍ରେମପୂର୍ଣ୍ଣ ଶବ୍ଦରେ କୁହନ୍ତି ଆଜି ମୋ ପିଲାମାନେ ସମସ୍ତେ କ୍ଷୀର ପିଇଛନ୍ତିତ ? ବାପା ସବୁ ପିଲାମାନଙ୍କୁ ପାଠ ପଢ଼ିବାକୁ ପ୍ରୋତ୍ସାହିତ କରୁଥିଲେ। ତାଙ୍କର ସମସ୍ତ ଉପାର୍ଜିତ ଧନ ଆମର ସ୍କୁଲ ଡ୍ରେସ, ପାଠପଢ଼ା ଉପକରଣ, ଆମର ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ଖର୍ଚ୍ଚ କରିଦେଉଥିଲେ। ନିଜେ ଦୁଇହଳ ପୋଷାକରେ ଜୀବନ ଅତିବାହିତ କରିଦେଉଥିଲେ। ହଳେ ପୋଷାକ ଚିରିଗଲେ ବା ନଷ୍ଟ ହୋଇଗଲେ ଆଉ ଗୋଟିଏ ହଳ ତିଆରି କରାଉଥିଲେ।

ମୁଁ ମୋର ବାପାଙ୍କୁ କେବେ କାହାଠାରୁ କିଛି ହାତପାତି କୌଣସି ପଦାର୍ଥ ଗ୍ରହଣ କରିବା ଦେଖିନାହିଁ। ସେ ତାଙ୍କର କଷ୍ଟ ଉପାର୍ଜିତ ଧନକୁ ଅକୁଣ୍ଠିତ ହୋଇ ଦାନ କରି ଦେଉଥିଲେ। ମତେ ଉଦାହରଣ ଦେଇ ବୁଝାଇ କହୁଥିଲେ ଗ୍ରହଣ କରିଥିବା ପାପୁଲି ତଳକୁ ଥାଏ କିନ୍ତୁ ଦାନ କରୁଥିବା ପାପୁଲି ସର୍ବଦା ଉପରେ ଥାଏ। ବାପା ଆମକୁ ଶକ୍ତି, ଧନ, ବାକ୍ୟ ଓ ଖାଦ୍ୟକୁ କିପରି ସଞ୍ଚୟ କରିବାକୁ ହେବ ତାହାକୁ ସେ ଶିଖାଉଥିଲେ। ମୋ ବାପା ସ୍କୁଲରେ ସବୁ ପିଲାଙ୍କୁ ନିଜର ପିଲାପରି ଭଲ ପାଉଥିଲେ। ମୋ ଆଗରେ ଅନ୍ୟ ପିଲାଙ୍କୁ ପ୍ରଶଂସା କରୁଥିଲାବେଳେ ମୁଁ ଯେତେବେଳେ ଈର୍ଷାନ୍ୱିତ ହେଉଥିଲି, ସେ ମତେ କହୁଥିଲେ ସମସ୍ତ ଈଶ୍ୱରଙ୍କର ସନ୍ତାନ। ଈଶ୍ୱରଙ୍କର ସାନ୍ନିଧ ଲାଭ କରିବାର ସୁଯୋଗ ସମସ୍ତଙ୍କର ଅଛି। କିନ୍ତୁ ବାପାଙ୍କ ଠାରୁ ଯଦି ଠିକ ଭାବରେ ଅଧିକ ସ୍ନେହ ଦାବିକରି ମଧ୍ୟ ପାଇନଥାଏ ତାର ମନର ଅବସ୍ଥା ଯାହାହୁଏ ମୁଁ ଅଧିକ ସ୍ନେହ ପାଉନଥିଲା ବେଳେ ମୋର ଅବସ୍ଥା ସେପରି ହୁଏ। ଆମ ପିଲାମାନଙ୍କର ଟିକେ ଦେହ ଖରାପ ହେଲେ ସେ ସଙ୍ଗେ ସଙ୍ଗେ ଡାକ୍ତରଙ୍କ ପରାମର୍ଶ କରି ଚିକିତ୍ସା କରାଇଥାନ୍ତି। ସେ ଆମ ସବୁ ପିଲାମାନଙ୍କୁ ସକାଳ ସଞ୍ଜରେ ପ୍ରାର୍ଥନା, ଖାଦ୍ୟ ଗ୍ରହଣ ଓ ଶୋଇବା ପୂର୍ବରୁ ପ୍ରାର୍ଥନା, ଗୋଶାଳାକୁ ଯାଇ ଗାଇ ମାନଙ୍କର ସେବା ନିଜେ କରନ୍ତି। ଦୀନଦରିଦ୍ରଙ୍କର ସେବା କରିବାକୁ ଓ ମାଙ୍କୁ ଖାଦ୍ୟ ପୁଡ଼ିଆ ତିଆରି କରି ଦେବା ପାଇଁ ଶିକ୍ଷା ଦେଇଥାନ୍ତି। ମୋର ବାପା ମାଧବଙ୍କର ଭଜନ ଗାନ କରିବାକୁ ଭଲ ପାଉଥିଲେ। ସେ ଏପରି କାହିଁକି କରୁଛନ୍ତି ଦିନେ ପଚାରିବାରୁ ସେ କହିଥିଲେ ମାର ଅର୍ଥ ମାୟା, ଧବର ଅର୍ଥ ପ୍ରଭୁ ସେ ଜାତ ହେଉଛନ୍ତି, ନାଶ ହେଉଛନ୍ତି, ଜୀବନ ମାୟାର ଅଂଶ। ସାଧକ ହେଉଛନ୍ତି ସର୍ବମୟ କର୍ତ୍ତା। ଏତେ ବଡ଼ ବଡ଼ କଥା ମୋ ମୁଣ୍ଡରେ ପଶୁନଥିଲା।

ଖରା ଦିନେ ସହରର ବିଭିନ୍ନ କେନ୍ଦ୍ରକୁ ନେଇ ମାଟି ହାଣ୍ଡିରେ ପାଣି ରଖି ପଥିକମାନଙ୍କୁ ସେ ପାଣି ଯୋଗାଇ ଥାନ୍ତି। ସେ ଧନାଢ଼୍ୟ ବ୍ୟକ୍ତିଙ୍କ ସହାୟତାରେ ଅନେକ ଗରୀବ ଝିଅମାନଙ୍କର ବାହାଘର କରି ତାଙ୍କର ଘର ବସାଇଛନ୍ତି। ଜାନୁଆରୀ ୨୬, ଅଗଷ୍ଟ ପନ୍ଦର ପ୍ରଭୃତି ଦିନ ମାନଙ୍କରେ ସେ ଦେଶପ୍ରେମର ବାର୍ତ୍ତା ସ୍କୁଲର ପିଲାମାନଙ୍କୁ ଦେଉଥିଲେ। ପୂଜାପାର୍ବଣ ଗୁଡ଼ିକରେ ଭଜନ, ଧ୍ୟାନ, ନୀରବତା, ସଞ୍ଚୟ ଅଭ୍ୟାସ ପ୍ରଭୃତିର ମହତ୍ୱ ଅକ୍ଷରେ ଅକ୍ଷରେ ବୁଝାଇ ଦେଉଥିଲେ। ତାଙ୍କୁ ଘରେ ବାହାରେ ସମସ୍ତେ ଏକ ପ୍ରାଣରେ ଭଲ ପାଉଥିଲେ। ମୋ ବାପା ମୋ ପାଇଁ ଏକରନମ୍ବର ଭଗବାନ ଥିଲେ କାରଣ ସେ ସଚରାଚର ଜଗତରେ ଭଗବାନ ଦିବ୍ୟମାନ ଅଛନ୍ତି ବୋଲି ବୁଝାଇବା ସହିତ ଇତର ଜଗତର ସେବା କରୁଥିଲେ। ଭଗବାନଙ୍କ ପ୍ରଦତ୍ତ ପଞ୍ଚମହାଭୂତର (ଆକାଶ, ବାୟୁ, ଜଳ, ପୃଥିବୀ, ଅଗ୍ନି) କିପରି ବ୍ୟବହାର କରିବାକୁ ହୁଏ ତାହାକୁ ଶିକ୍ଷା ଦେଉଥିଲେ। ସମସ୍ତଙ୍କୁ ଭଲ ପାଇବା ଓ ସର୍ବଦା ଆନନ୍ଦରେ ରହିବାକୁ ଉପଦେଶ ଦେଉଥିଲେ। ମୋର କାଲିପରି ମନେ ଅଛି ଯେଉଁଦିନ ମୋ ରବାପା ତାଙ୍କର ଅବସର ନେବା ବିଷୟରେ ଘୋଷଣା କଲେ, ମାଙ୍କ ମନ ଦୁଃଖି ହୋଇଯାଇଥିଲା। ଏତେ ବଡ଼ ସଂସାର ଅଧା ପଇସାରେ ଚଳିବ କିପରି ବାପା କିନ୍ତୁ ଅବସର କଥାରେ ଖୁବ ଖସି। ଡାକ୍ତର, ଇଂଜିନିୟର, ଓକିଲ ଏପରିକି ଭାରତର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ସମସ୍ତେ ଅବସର ନିଅନ୍ତି କିନ୍ତୁ ତାଙ୍କର ଅବସର ନେବାର ଦିନର ଆସିଯାଉଥିବା ସମୟକୁ ନେଇ ପରିବାରର ଲୋକମାନେ ଏତେ ଦୁଃଖିତ କାହିଁକି ? ଏହାର କାରଣ ଥିଲା ବାପା ଥିଲେ ଆମର କଳ୍ପବୃକ୍ଷ। ଆମେ ଜାଣିଥିଲୁ ଆମେ ମାଗିବା ମାତ୍ରେ ଆମର ଉଚିତ ପ୍ରାର୍ଥନା ଗୁଡ଼ିକୁ ସେ ଶୁଣୁଥିଲେ ଓ ପୂରଣ କରୁଥିଲେ ଓ ଅବସର ପରେ ସେ ସବୁ ଊଣା ହୋଇଯିବାର ଆଶଙ୍କାରେ ଆମେ ଶଙ୍କିତ ଥିଲୁ। ମୁଁ କିନ୍ତୁ ମୋର ମନର ଭାବନାକୁ କାହା ଆଗରେ ପ୍ରକାଶ କରିନଥିଲି। ବାପାଙ୍କ ଶେଷ ସମୟ ଉପସ୍ଥିତ ହେଲା। ଭାଇ, ବନ୍ଧୁ, କୁଟୁମ୍ବ ତାଙ୍କର ଛାତ୍ର ସମାଜର ବିଭିନ୍ନ ବର୍ଗର ଲୋକ ଉପସ୍ଥିତ ଥାଇ କ୍ରନ୍ଦନ କରୁଥାନ୍ତି। ସମସ୍ତଙ୍କ ପାଟିରେ ଗୋଟିଏ କଥା, 'ଆପଣ କାହିଁକି ଆମକୁ ଛାଡ଼ି ଚାଲିଯାଉଛନ୍ତି। ଆପଣଙ୍କୁ ଖୁସି କରିବାରେ କେବେ ଅବହେଳା କରିଛୁକି ? ଆପଣ କୁହନ୍ତୁ ଆପଣଙ୍କୁ ଖୁସି କରିବାକୁ ଆମେ କଣ କରିବୁ ? ଦରକାର ପଡ଼ିଲେ ଆମର ସ୍ତ୍ରୀ ପିଲା ସମସ୍ତଙ୍କୁ ଛାଡ଼ି ତୁମ ପାଖକୁ ଚାଲି ଆସିବୁ। ଆମେ ଆମର ଚକ୍ଷୁ, ବୃକକ, ହୃଦୟ ସବୁ କିଛି ଦାନ କରିବାକୁ ରାଜି ଅଛୁ। ଦରକାର ପଡ଼ିଲେ ସମସ୍ତ ଧନ ମଧ୍ୟ ଆପଣଙ୍କୁ ଦେଇଦେବୁ ହେଲେ ଆପଣ ଆମକୁ ଛାଡ଼ି ଯାଆନ୍ତୁ ନାହିଁ। ମୋର ବାପା ଚିରନିଦ୍ରାରେ ଶୋଇଯିବା ପୂର୍ବରୁ ଯେଉଁ କେତୋଟି କଥା କହିଥିଲେ ତାହା ଆଜି ମଧ ମୋ ମନରେ ଝଙ୍କୃତ ହେଉଛି ତାହାଥିଲା 'ମୁଁ ତୁମକୁ କଷ୍ଟ ଦେବା ପାଇଁ ତୁମର ବାପା ହୋଇନଥିଲି। ମୁଁ ତୁମର ଧନ ସମ୍ପତ୍ତି କିଛି ଚାହୁଁ ନଥିଲି। ତୁମର ସ୍ତ୍ରୀ, ପିଲାଙ୍କୁ ଦୁଃଖ ପହଞ୍ଚାଇବା ପାଇଁ ମୁଁ ଆସି ନଥିଲି। ମୁଁ ତୁମ ମାନଙ୍କ ଠାରୁ ଏତିକି ଚାହୁଁଥିଲି, ତୁମେ ସବୁବେଳେ ସବୁ ସମୟରେ ଆନନ୍ଦରେ ରୁହ। ନିଃସ୍ୱାର୍ଥ ପ୍ରେମ ଓ ସେବାରେ ବ୍ରତୀ ହୁଅ।'


ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬


## କ'ଣ ବିଶ୍ୱରେ ସ୍ଥାୟୀ ଶାନ୍ତି ସମ୍ଭବ ?

॥ ମୌଲାନା ଫଜଲ ହକ ଖାଁ ॥

ସେ ଦିନ ଥିଲା ୨୨ ଜାନୁଆରୀ ୨୦୨୩ । ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂଗଠନ ପକ୍ଷରୁ ଭୁବନେଶ୍ୱରର ତାରକା ହୋଟେଲ ପାଲ୍ ହାଇଟ୍ସ ଠାରେ ଏକ ଶାନ୍ତି ସମ୍ମିଳନୀରେ ଯୋଗଦେବାର ସୌଭାଗ୍ୟ ପାଇଥିଲି । ଦେଖିବାକୁ ପାଇଲି, ସେଠିକାର ପରିବେଶ, ପରିଭାଷା, ମନ ଓ ମତାମତ ଶାନ୍ତିକୁ ଖୋଜୁଛି । ଏହି ମହାନ ସମ୍ମିଳନୀରେ ସ୍ୱୟଂ ମହାମହିମ ରାଜ୍ୟପାଳ ପ୍ରୋଫେସର ଶ୍ରୀ ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ମଂଚରେ ବିରାଜିତ ଥିଲେ। ତାଙ୍କ ଗହଣରେ ଥିଲେ, କେତେକ ୟୁନିଭରସିଟିର ଉପକୁଳପତିମାନେ ଏବଂ ବୁଦ୍ଧିଜୀବୀମାନେ, ରାଜନେତାମାନେ । ସେହିଭଳି ହଲ୍‌ରେ ଭରି ରହିଥିଲେ ଅନେକ ପୂର୍ବତନ ସାମରିକ ଅଫିସରମାନେ, ଶିକ୍ଷା କ୍ଷେତ୍ରରେ ଥିବା ମେଧାବୀ ଛାତ୍ର-ଛାତ୍ରୀମାନେ, ରିସର୍ଚ୍ଚ ସ୍କଲାରମାନେ, ଆଇନଜୀବୀମାନେ, ଡ଼ାକ୍ତରମାନେ, ଇଂଜିନିୟରମାନେ, ସମାଜସେବୀମାନେ, ସର୍ବଭାରତୀୟ ସ୍ତରର ଅନେକ ଖେଳାଳିମାନେ, ସକଳ ଧର୍ମର ପ୍ରତିନିଧିମାନେ ତଥା ସାମ୍ବାଦିକମାନେ । ତାଙ୍କ ଭିତରେ ଚାଲିଥିଲା ଆଲୋଚନା କି କାହିଁକି ଏଭଳି ଗୋଟିଏ ବିଷୟ ଉପରେ ଚର୍ଚ୍ଚାର ଆବଶ୍ୟକ ଅନୁଭୂତ ହେଲା । ସତରେ କ'ଣ ଏମିତି ଗୋଟିଏ ଆଲୋଚନାର ପ୍ରାସଙ୍ଗିକତା ରହିଛି। ଏକ ବିକଶିତ ସମାଜରେ କାହିଁକି ଏହାର ଦରକାରିତା ସମସ୍ତଙ୍କୁ ବ୍ୟତିବ୍ୟସ୍ତ କରିପାରିଛି ।

ପ୍ରକୃତରେ ଆଜି ଆମେ ଯେଉଁ ଦିଗକୁ ଦୃଷ୍ଟି ପକାଉଛେ, କେଉଁଠି ଅଘଟଣ, ଦୃଘଟଣା ତ କେଉଁଠି ବିପଦ ଆପଦ । ଆଉ କେଉଁଠି ଅସ୍ଥିରତା ତ କେଉଁଠି ଅରାଜକତା। କେଉଁଠି ହଣା-କଟା ତ କେଉଁଠି ଟଣା-ଓଟରା । କେହି କାହାର ନେଇଗଲାଣି ତ କେହି କାହାରିକୁ ଦେଉନାହିଁ । ଏହିଭଳି ବ୍ୟକ୍ତିଗତ ଅବସ୍ଥାରୁ ଆରମ୍ଭ କରି ରାଷ୍ଟ୍ରୀୟ ଓ ଅନ୍ତରାଷ୍ଟ୍ରୀୟ ସ୍ତରରେ ବି ଦୈନନ୍ଦିନ ଜୀବନରେ ଆମେ ବ୍ୟସ୍ତ ବିବ୍ରତ ହୋଇଯିବାର ଦେଖୁଛେ । ଆମେ ସମସ୍ତେ ଶାନ୍ତିର ଆଶାରେ ଧାଉଁଛେ, ହେଲେ ତାହା ମରୀଚିକା ପରି ଆମର ହାତରେ ଧରା ପଡୁ ନାହିଁ । ବିଶୃଙ୍ଖଳା ଓ ହିଂସା ସାରା ପୃଥିବୀକୁ ଗିଳିବାକୁ ଲାଗିଛି । ଏପରି କି ଜାତିଭେଦ, ବର୍ଣ୍ଣଭେଦ, ଧର୍ମଭେଦର ବିଦ୍ୱେଷ ଦିନକୁ ଦିନ ବଢିବାରେ ଲାଗିଛି । ଧନୀ ଓ ଦରିଦ୍ରଙ୍କ ମଧ୍ୟରେ ତଫାତ ବହୁତ ବଢିବାରେ ଲାଗିଛି । ଏହିଭଳି ପରିସ୍ଥିତିରେ ଗୋଟିଏ ଶାନ୍ତ, ସରଳ ଓ ସାଧାରଣ ମଣିଷଟି ଆଜି ବେସାହାରା ହୋଇଯାଇଛି । ଠିକ-ଭୁଲ ବିଚାର କରିବାରେ ଏହି ନିରୀହ ମଣିଷଟି ଦ୍ୱନ୍ଦରେ ପଡ଼ିଯାଇଛି । ବିଶ୍ୱର ଅନେକ ସ୍ଥାନରେ ଯେଉଁ ସରକାର ସାଧାରଣ ଲୋକଙ୍କର ଭଲ କରିବାର ପ୍ରତିଶୃତି ଦେଉଛି, ଶାସନ କ୍ଷମତାକୁ ଆସିବା କ୍ଷଣେ ସେହି ନିରୀହ ଲୋକଙ୍କ ସ୍ୱାର୍ଥ ବିରୁଦ୍ଧରେ କାମ କରୁଛି। ସଂଖ୍ୟାଲଘୁ ଉପରେ ସଂଖ୍ୟା ଗରିଷ୍ଠଙ୍କର ପ୍ରାଦୁର୍ଭାବ ବଢୁଛି । ତେବେ ଏଭଳି ଏକ ପରିସ୍ଥିତିରେ ଆମେ କ'ଣ ଚୁପ ବସିବା । କାହିଁକି ଆମେ ଏକ ସୁସ୍ଥ ଓ ଆଦର୍ଶ ସମାଜର ପରିକଳ୍ପନା କରିପାରିବା ନାହିଁ । କାହିଁକି ବିକାଶର ଫଳ କେବଳ କେତେକ ମୁଷ୍ଟିମେୟ ଲୋକଙ୍କ ପାଖରେ ସୀମିତ ରହିଯାଉଛି । ତେବେ ଏକ ସଭ୍ୟ ସମାଜରେ ସମସ୍ତଙ୍କ ମନ ଓ ସ୍ୱାର୍ଥକୁ ନେଇ ଏକ ବିକଶିତ ସମାଜ କାହିଁକି ଗଠନ ହୋଇପାରିବ ନାହିଁ। କାହିଁକ ଆମେ ନିଜ ସ୍ୱାର୍ଥରୁ ଉପରକୁ ଉଠି ଏକ ସୁସ୍ଥ ସମାଜର ସ୍ୱପ୍ନ ଦେଖିପାରିବା ନାହିଁ । ଏହି ପ୍ରଶ୍ନର ଉତର ଖୋଜିବା ପାଇଁ ତଥା ବିଶ୍ୱରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ସେଠି ସମସ୍ତେ ଏକତ୍ରିତ ହୋଇ ପାରିଥିଲେ। ଅହମଦୀୟା ମୁସଲିମ ସଂଗଠନର ଦୃଢ ବିଶ୍ୱାସ ଯେ ଏହିଭଳି ଏକ ପୃଥିବୀ ବା ଶାନ୍ତିର ରାଜ୍ୟ ନିଶ୍ଚିତ ସମ୍ଭବ ।

ଉତ୍କୃଷ୍ଟ କଳାର ଦେଶ ଉତ୍କଳ ବା ଆମ ରାଜ୍ୟ ଓଡ଼ିଶା । ଓଡ଼ିଶାର ଅଧିବାସୀ ଯୁଗେଯୁଗେ ଶାନ୍ତିର ପର୍ବକୁ ବଜାୟ ରଖିବାକୁ ସର୍ବଦା ଚେଷ୍ଟା କରିଆସୁଛନ୍ତି । ଚଣ୍ଡାଶୋକ ଧର୍ମାଶୋକ ହୋଇପାରୁଛି । ସେହି ଭଳି ଭକ୍ତ ସାଲବେଗ ହୁଅନ୍ତୁ ବା ଦାଶିଆ ବାଉରୀ ହୁଅନ୍ତୁ, ମନ୍ଦିର ମାଳୀନୀ ସହର ଏହି ଏକାମ୍ର ସହର ହେଉ, ବା ଜଗନ୍ନାଥ ସଂସ୍କୃତିର ଦେଶ, ଓଡ଼ିଆ ସମାଜ ସବୁ ଭେଦଭାବକୁ ଭୁଲି ସବୁଠି ଶାନ୍ତିର ପ୍ରୟାସ ଜାରି ରଖିଛି । ବିଶ୍ୱ ଭାତୃତ୍ୱ ପାଇଁ ଆମ ରାଜ୍ୟ ସବୁବେଳେ ଏକ ଉଦାହରଣ ହୋଇଛି । ଉତ୍କଳର ନୌବାଣିଜ୍ୟ କଥା ହେଉ ବା ସୁକ୍ଷ୍ମ କାରିଗର ଏବଂ କାରିଗରୀ, ତାରକସି ଶିଳ୍ପ ହେଉ ବା ବାନ୍ଧକଳା ସମ୍ବଲପୁରୀ ବା ମାଣିଆବନ୍ଧ, ନୂଆପାଟଣା ପାଟ ଶାଢି ହେଉ । ସବୁ କ୍ଷେତ୍ରରେ ଓଡ଼ିଶାବାସୀ ନିଜର ନିଖୁଣତା ଓ ପାରଦର୍ଶିତା ଦେଖାଇ ଆସିଛନ୍ତି। ଏହି କଥା ସବୁ ମନେ ପଡ଼ିଗଲେ ଲାଗୁଛି ଏହି ଶାନ୍ତି ପ୍ରତିଷ୍ଠା ଦିଗରେ ଆମକୁ ହିଁ ଅଂଟା ଭିଡ଼ିବାକୁ ହେବ । ନିଜେ ଶାନ୍ତିର ମାର୍ଗ ବାହାର କରି ସାରା ବିଶ୍ୱକୁ ଏହି ଶାନ୍ତିର ଆଲୋକରେ ଆଲୋକିତ କରିବାକୁ ହେବ । ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଭୁବନେଶ୍ୱର ଶାଖା ଅହମଦୀୟା ମୁସଲିମ ସଂଗଠନର ଏହି ଶାନ୍ତି ସମ୍ମିଳନୀ ନିଶ୍ଚିତ ଏକ ମାଇଲ ଖୁଂଟ ହେବ । ଶାନ୍ତି ପ୍ରାପ୍ତ ସମ୍ବନ୍ଧରେ ଗୀତାରେ ଲେଖାଅଛି; ତମେବ ଶରଣଂ ଗଚ୍ଛ, ସର୍ବଭାବେନ ଭାରତ / ତତ୍ପ୍ରସାଦାତ୍ ପରାଂଶାନ୍ତି, ସ୍ଥାନଂ ପ୍ରାପ୍ସ୍ୟସି ଶାଶ୍ୱତଂ ॥ ଅର୍ଥାତ୍ ହେ ଭାରତ ! ତୁମ୍ଭେ ସର୍ବତୋ ଭାବରେ ସେହି ପରମେଶ୍ୱରଙ୍କ ଠାରେ ଶରଣ ପଶ । ତାହାଙ୍କ ଅନୁଗ୍ରହରୁ ତୁମ୍ଭେ ପରମ ଶାନ୍ତି ଓ ନିତ୍ୟଧାମ ପ୍ରାପ୍ତ ହେବ । (ଶ୍ରୀମଦ୍‌ଭଗବଦ୍‌ଗୀତା, ଅଧ୍ୟାୟ ୮, ଶ୍ଳୋକ୬୨) ସେହିଭଳି ପବିତ୍ର କୋରାନରେ ଲେଖାଅଛି; "ଅଲା ବିଜିକ୍‌ରିଲ୍ଲାହି ତତ୍‌ମଇନ୍ନଲ୍‌କୁଲୁବ୍" ଅର୍ଥାତ୍ ମନେରଖ ଯେ ଅଲ୍ଲାଃଙ୍କ ସ୍ମରଣରେ ହିଁ ହୃଦୟ ସନ୍ତୋଷ ଲାଭ କରେ । (ପବିତ୍ର କୋରାନ, ଅଧ୍ୟାୟ ୧୩, ଆୟତ ୨୯) ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂଗଠନର ପଂଚମ ଖଲିଫା ହଜରତ ମିର୍ଜା ମସରୁର ଅହମଦ ଏବେ ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ରକୁ ଭ୍ରମଣ କରି ସେଠାକାର ନେତା ଓ ରାଜନେତା ତଥା ପ୍ରଶାସକଙ୍କୁ ଭେଟି ବିଶ୍ୱରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବା ଏବଂ ତୃତୀୟ ବିଶ୍ୱଯୁଦ୍ଧକୁ କିପରି ମିଳିମିଶି ରୋକି ପାରିବା ସେ ବିଷୟରେ ପ୍ରୟାସ କରିଚାଲିଛନ୍ତି । ମିର୍ଜା ମସରୁର ଅହମଦ କୁହନ୍ତି; ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ୧୦ଗୋଟି ମୌଳିକ ନୀତି ରହିଛି । ତାହା ହେଲା ନିଜ ସୃଷ୍ଟିକର୍ତ୍ତାଙ୍କୁ ଚିହ୍ନିବା। ପୂର୍ଣ୍ଣ ନ୍ୟାୟ ପ୍ରତିଷ୍ଠା କରିବା । ବିଶ୍ୱବ୍ୟାପୀ ଏକତାକୁ ପ୍ରଶୟ ଦେବା । ପରମାଣୁ ଅସ୍ତ୍ର ବର୍ଜନ କରିବା। ଅସ୍ତ୍ରଶସ୍ତ୍ରର ବ୍ୟବସାୟରୁ ଲାଭ ଉପାର୍ଜନ ବନ୍ଦ କରିବା । ଅର୍ଥନୈତିକ ସମାନତା ସୃଷ୍ଟି କରିବା ଏବଂ ଦାରିଦ୍ର ଦୂର କରିବା । ଦେଶର ବିକାଶ ଓ ଉନ୍ନତି ସକାଶେ ଉଦ୍ୟମ କରିବା। ଚରମପନ୍ଥୀ ଦଳର ପ୍ରତିବାଦ କରିବା । ପାରସ୍ପାରିକ ଆସ୍ଥା ପ୍ରତି ସମ୍ମାନ ପ୍ରଦର୍ଶନ କରିବା । ଏବଂ ମାନବ ଜାତିର ସେବା କରିବା ।

ଆସନ୍ତୁ ଆମେ ସମସ୍ତେ ମିଳି ମିଶି ସ୍ଥାୟୀ ବିଶ୍ୱଶାନ୍ତି ପ୍ରତିଷ୍ଠା ଦିଗରେ ନିଜ ନିଜର କର୍ତବ୍ୟ ବହନ କରିବା ଏବଂ ମିର୍ଜା ମସରୁର ଅହମଦଙ୍କ ଏହି ଚିନ୍ତାଧାରାକୁ ସ୍ୱାଗତ କରିବା ସହ ଏହାର ସଦ୍‌ଉପଯୋଗ କରି ବିଶ୍ୱ କଲ୍ୟାଣ ଦିଗରେ ପ୍ରୟାସ ଜାରି ରଖିବା। ଏହା ହିଁ ଆମର କାମନା ।


ଭୁବନେଶ୍ୱର, ୟୁନିଟ-୪
ମୋ.୯୬୯୨୨୨୫୦୫୭

# ମାଁ ରୁଦ୍ରକାଳୀ କାମନା ମନ୍ଦିର ପ୍ରାଣ ପ୍ରତିଷ୍ଠା



କନ୍ଧମାଳ :(ମହାଭାରତ):କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ ପକାରୀ ପଞ୍ଚାୟତ ପକାରୀ ବୃଡିପଡା ସ୍ଥିତ ସର୍ବପୁରାତନ ସମୟର ମାଁ ରୁଦ୍ର କାଳୀ କାମନା ମନ୍ଦିର ପ୍ରତିଷ୍ଠା ଉତ୍ସବ ମହାଆଡମେ ସହକାରେ ପାଳନ କରାଯାଉଛି। ଏହି ଉତ୍ସବ ୩ ତାରିଖ ସୋମବାର ଠାରୁ ଆରମ୍ଭ ହୋଇ ୭ ତାରିଖ ଶୁକ୍ରବାର ପର୍ଯ୍ୟନ୍ତ କରାଯିବ। ତିନି ତାରିଖରେ କଳସ ଯାତ୍ରା, ଦୀକ୍ଷା ଗ୍ରହଣ, ମଣ୍ଡଳୀ କରଣ ୪ ତାରିଖରେ ଶାଳା ପ୍ରବେଶ ବୈଦିକ ପୂଜା, ସୂର୍ଯ୍ୟ ପୂଜା ଓ ପର୍ବତ ପୂଜା,ଧରଣୀ ପୂଜା,ବନ ଯୋଗ , ଅଗ୍ନି ସ୍ଥାପନା ବୈଦିକ ପୂଜାର୍ଚ୍ଚନା, ପାର୍ଶ୍ୱ ଦେବା ଦେବୀଙ୍କର ପ୍ରାଣ ପ୍ରତିଷ୍ଠା ଓ ଯଜ୍ଞ ପୂର୍ଣ୍ଣାହୁତି ହୋଇଥିଲା ପୂଜକ ଚନ୍ଦ୍ର ବାଘ ,କର୍ତ୍ତା ବଳୀନ୍ଦ୍ର କହଁର, କର୍ତ୍ତୀ ମନ୍ଦାରୀ କହଁର ,ସଭାପତି ଡୁଣ୍ଡେରା ମଲିକ, କୋଷାଧ୍ୟକ୍ଷ ବିଶ୍ୱନାଥ ସାହୁ, ଉପଦେଷ୍ଟା ଅଙ୍ଗଦ କହଁର, ସମାଜସେବୀ ବାବୁଲା କହଁର,ଶୁବିନାଥ କହଁର, ମୋହନ ବିନ୍ଧାଣି,ବିକ୍ରମ କହଁର, ହରେକୃଷ୍ଣ କହଁର,ବୃଷଭ ମଲିକ,ଜୟବଳ ରଣା, ରାଜିବ ଦିଗାଲ, ମକରନ୍ଦ ବିନ୍ଧାଣି, ଅରୁଣ ଦିଗାଲ ଦାୟିତ୍ୱ ତୁଲାଇଥିଲେ। ଆୟୋଜିତ କାର୍ଯ୍ୟ କ୍ରମରେ ଶହ ଶହ ଶ୍ରଦ୍ଧାଳୁ ଯୋଗଦେଇ ମାଁ ରୁଦ୍ର କାଳୀଙ୍କ ଆର୍ଶିବାଦ ଗ୍ରହଣ କରିଥିବା ବେଳେ ଚାରି ଦିନ ଧରି ଉତ୍ସବକୁ ଗ୍ରାମବାସୀ ମାନେ ପରିଚାଳନା କରିଥିଲେ। ଏବେ ପକାରୀ ଅଞ୍ଚଳବାସୀ ଙ୍କ ଦ୍ୱାରା ସ୍ଥାୟୀ ନୂତନ ମନ୍ଦିର ନିର୍ମାଣ ହେବାପରେ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିବାବେଳେ ସ୍ଥାନୀୟ ସଂକୀର୍ତ୍ତନ ମଣ୍ଡଳୀଦ୍ୱାରା ଷୋହଳ ପ୍ରହରୀ ନାମ ଯଜ୍ଞ ଜାରି ରହିଛି।

# ବଡ଼ଚଣା ବ୍ଲକ ସମ୍ମୁଖରେ ବଡଚଣା ବିଜେଡ଼ିର ଗଣଧାରଣା

ବଡ଼ଚଣା (ମହାଭାରତ): ମାର୍ଚ୍ଚ ୫ତାରିଖ ବିଜୁ ପଟ୍ଟନାୟକ ଜୟନ୍ତୀ ଅବସରରେ ଦୀର୍ଘ ବର୍ଷ ହେଲା ରାଜ୍ୟରେ ଏହି ଦିନକୁ ପଞ୍ଚାୟତରାଜ ଦିବସ ରୂପେ ପାଳନ କରାଯାଇ ଏହି ଦିନକୁ ଛୁଟିଦିନ ରୂପେ ମଧ୍ୟ ଘୋଷଣା କରାଯାଏ। ମାତ୍ର ରାଜ୍ୟରେ ୨୦୨୪ନିର୍ବାଚନରେ ସରକାର ପରିବର୍ତ୍ତନ ହେବା ପରେ କୌଣସି ନୀତି ନିୟମ ନଥାଇ ମାର୍ଚ୍ଚ ପାଞ୍ଚ ତାରିଖ କୁ ପଞ୍ଚାୟତ ରାଜ ଦିବସ ରୂପେ ପାଳନ କରା ନଯାଇ ଅନ୍ୟ ଦିନ ପାଳନ କରାଯିବ ବୋଲି ରାଜ୍ୟସରାକର ଘୋଷଣା କରିଛନ୍ତି। ଏହାର ପ୍ରତିବାଦ ରେ ଆଜି ମାର୍ଚ୍ଚ ୬ତାରିଖ ଦିନ ରାଜ୍ୟରେ ସମସ୍ତ ବ୍ଲକ କାଯ୍ୟାଳୟ ପରିସରରେ ରାଜ୍ୟ ବିଜେଡ଼ି ଦଳର ନିଷ୍ପତି କ୍ରମେ ଗଣ ଧାରଣା ଓ ପ୍ରତିବାଦ ଶୋଭା



କରାଯାଇ ଏହାର ପୁନଃର ବିଚାର କରିବା ପାଇଁ ରାଜ୍ୟପାଳ ଓ ରାଷ୍ଟ୍ରପତି ଙ୍କୁ ଲିଖିତ ଅଭିଯୋଗ କରାଯିବା ପାଇଁ ନିଷ୍ପତି ହୋଇଛି। ଏହି ପରିପେକ୍ଷୀ ରେ ଆଜି ବଡ଼ଚଣା ବିଜୁ ଜନତା ଦଳ ପକ୍ଷରୁ ବ୍ଲକ କାଯ୍ୟାଳୟ ସମୁଖ ରେ ଦଳ ପକ୍ଷରୁ ସଭାପତି ଅରବିନ୍ଦ ସାମଲ ଙ୍କ ସଭାପତିତ୍ୱ ରେ ଏକ ଗଣ ଧାରଣା ଓ ପ୍ରତିବାଦ ଶୋଭା ଅନୁଷ୍ଠିତ ହୋଇଯାଇଛି,ଏଥିରେ ବଡ଼ଚଣା ବିଜେଡ଼ି ର ଯୁବ ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର, ପଞ୍ଚାୟତ ସମିତି ଅଦକ୍ଷା ମିନତୀ ସେନାପତି, ଉପାଦକ୍ଷ ବିଭାସ ଚନ୍ଦ୍ର ନନ୍ଦ, ଜିଲ୍ଲା ପରିଷୋଧ ଉପାଦକ୍ଷ ଗଣେଶ୍ୱର ବରାଳ ପ୍ରମୁଖ ଯୋଗଦେଇ ସରକାର ଙ୍କ ଏହି ନିଷ୍ପତି କୁ ନିନ୍ଦା କରିବା ସହ ସାରା ବିଶ୍ୱରେ ନିଜର ପ୍ରତିଭା ପଦର୍ଶନ କରିଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଙ୍କ ପ୍ରତି ଏହା ଅତ୍ୟନ୍ତ ନିନ୍ଦନୀୟ ଓ ବିଶ୍ୱାସ ଘାତକତା କରାଯାଇଛି ଏହି ନୀତି କୁ ତୁରନ୍ତ ପ୍ରତ୍ୟାହାର କରା ନ ଗଲେ ଜୋର ଦାର ଆନ୍ଦାଳନ ହେବ ବୋଲି ବକ୍ତା ମାନେ କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସରପ□ ଜ୍ଞାନ ରଞ୍ଜନ ସାହୁ, ଜୟନ୍ତୀ ସ୍ୱାଇଁ, କୁଳମଣି ବାରିକ, ସମିତି ସଭ୍ୟ ଜଗନ୍ନାଥ ମୁଦୁଲି, ଧନେଶ୍ୱର ବେହେରା, ଜିଲ୍ଲା ପରିଷଦ ସଦସ୍ୟ ଜୟଶ୍ରୀ ସାମଲ, ନିରଞ୍ଜନ ସେନାପତି, ତାପସ ରାୟ, ଜୟନ୍ତୀ ସାମଲ, ମାନଗୋବିନ୍ଦ ସେଠି, ପ୍ରଭାକର ସାମଲ, ଆଶିଷ ରଞ୍ଜନ ଚୌଧୁରୀ, ନିରଞ୍ଜନ ମଲିକ, ଗଣେଶ୍ୱର ସାମଲ, ନିରଞ୍ଜନ ବିଶ୍ୱାଳ, ରବୀନ୍ଦ୍ର ବେହେରା, ସଂଜୀବ ସାମଲ, ଅଶ୍ୱିନ ବଳ ପ୍ରମୁଖ ବକ୍ତବ୍ୟ ଦେଇ ରାଜ୍ୟ ସରକାର ଙ୍କ ଏପରି କାଯ୍ୟକ୍ରମ କୁ ନିନ୍ଦା କରିଥିଲେ। ଶେଷରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଙ୍କ ମାଧ୍ୟମରେ ରାଜ୍ୟପାଳ ଓ ରାଷ୍ଟ୍ରପତି ଙ୍କ ଉଦେଶ୍ୟ ରେ ମାନପତ୍ର ପ୍ରଦାନ କରିଥିଲେ।

# ବାଣପୁର ରେ କମୁନି ଚୋରା ମଦ ବେପାର



ବାଣପୁର : ( ମହାଭାରତ )ନନ୍ଦପୁର ପଞ୍ଚାୟତ ପାରିନୁଆଗାଁ ଓ ଭେଷରୀ କେନାଲ ରାସ୍ତା ନରଣଡିହ ଛକରେ ଦୀର୍ଘଦିନ ଧରି ରାସ୍ତା କଡରେଏକ କ୍ୟାବିନରେ ମଦ ବିକ୍ରୀହେଉଥିବା ବାରମ୍ବାର ଅଭିଯୋଗ ହୋଇ ଆସୁଛି । ସକାଳୁ ରାତି ପର୍ଯ୍ୟନ୍ତ ବିଭିନ୍ନ ଅସାମାଜିକ ଲୋକ ଏଠାକୁ ଆସି ମଦ ପିଅନ୍ତି । ଆଖପାଖ ଗ୍ରାମର ଯୁବକ ମାନେ ସର୍ବଦା ମଦ ପିଇ ଗ୍ରାମରେ ଅଶାନ୍ତି ସୃଷ୍ଟି କରୁଥିବାରୁ ମଦ ବିକ୍ରି କରୁଥିବା ଯୁବକ ବସନ୍ତ ମହାରଣାଙ୍କୁ ବିକ୍ରି ବନ୍ଦ କରିବାକୁ ବାରମ୍ବାର ତାଗିଦ କରିବା ସତ୍ୱେ ସେ ନିର୍ଭୟରେ ମଦ ବିକ୍ରି କରି ଚାଲୁଥିଲେ । ବସନ୍ତ ଏବଂ ତାହାର ବାପା ସୁରେନ୍ଦ୍ର ମହାରଣାଙ୍କୁ ବାଣପୁର ପୋଲିସ ଏବଂ ଅବକାରୀ ବିଭାଗ ମଦ ଜବତ କରି ବିଭିନ୍ନ ସମୟରେ ଜେଲ ପଠାଇ ଥିବାବେଳେ ଜାମିନରେ ଆସି ମଦ ବିକ୍ରି କରିବା ଜାରି ରଖୁଛନ୍ତି । ପଞ୍ଚାୟତର ବିଭିନ୍ନ ଗ୍ରାମବାସୀ ଏହାକୁ ବିରୋଧ କରି ଆଜି ସକାଳୁ ଉକ୍ତ ଜାଗାରେ ଥିବା କ୍ୟାବିନ ଭିତରୁ ଚୋରା ମଦ ଜବତ କରି ଭାଙ୍ଗି ଦେଇଛନ୍ତି । ଘଟଣା ସ୍ଥଳକୁ ବସନ୍ତ ନ ଆସି ତାହାର ବାପା ସୁରେନ୍ଦ୍ର ଆସି ଆମେ ଗରିବ ଲୋକ ଏଥିରୁ ପରିବାର ଚାଲୁଛି ବୋଲି ଅଭିଯୋଗ କରିଥିଲେ । କିନ୍ତୁ ଯୁବକ ମାନେ ଏଠାରେ ମଦ ବିକ୍ରିକଲେ ପ୍ରତିଦିନ ଏହିପରି ଚଢ଼ାଉ କରି ମଦ ଭାଙ୍ଗିବାକୁ ବସନ୍ତକୁ ଚେତାବନୀ ଦେଇଥିଲେ ।ଉକ୍ତ ଘଟଣାକୁ ନେଇ ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ ମୁଦୁଲିଙ୍କୁ ପଚାରିବାରେ ମୁଁ ଚଢ଼ାଉ କରି ବସନ୍ତର ବାପାକୁ ଜେଲ ପଠାଇଥିଲି ।ପୁଣି ଯଦି ସେ ବିକ୍ରି କରେ ତାକୁ ଆଉଥରେ ନିଶ୍ଚିତ ଗିରଫ କରାଯିବ ବୋଲି କହିଥିଲେ । ତେବେ ପ୍ରତ୍ୟେକ ଦିନ ଚୋରା ମଦ ବିକ୍ରି କରୁଥିବା ସ୍ଥାନ ଉପରେ ପୋଲିସ ଏବଂ ଅବକାରୀ ବିଭାଗ ଚଢ଼ାଉ ଜାରି ରଖିବାକୁ ସାଧାରଣରେ ଦାବି ହେଉଛି।

# ଜଙ୍ଗଲିହାତୀ ଧର୍ମଶାଳାରୁ ଛତିଆରେ ପହଞ୍ଚିଥିଲା ଲୋକ ହେଲେ ଭୟଭୀତ



ବଡ଼ଚଣା (ମହାଭାରତ ): ଯାଜପୁରଜିଲ୍ଲା ବିଭଉ ଗ୍ରାମରେ ତିନି ଦିନ ହେଲା ଗୋଟେ ବଣୁଆ ଦନ୍ତା ହାତୀ ରାଜପଥ ରୁ ଏବେ ଗାଁ ମୁହାଁ ହୋଇଛି ।ଏବେ ବଣୁଆହାତୀ କାଲି ଜାରକାରେ ଉପଦ୍ରବ କରିବା ପରେ ଆଜି ଚଣ୍ଡିଖୋଲ ଦେଇ ବଡ଼ଚଣା ବ୍ଲକର ବିଭିନ୍ନ ଗ୍ରାମ ଅତିକ୍ରମ କରି ଛତିଆ ବଜାର ଦେଇ ରଙ୍ଗିଦାସପୁର ଗ୍ରାମରେ ପଶି ଏକ ଧାନ ଖଳାରେ ପଶି ଧାନଖାଇ ପୁନର୍ବାର ଜାତୀୟ ରାଜପଥ ଆଡକୁ ମୁହାଁ ହୋଇଥିଲା। ଉକ୍ତ ହାତୀକୁ ଦେଖବାକୁ ହଜାର ହଜାର ଲୋକେ ହାତୀର ପିଛା କରିଥିଲେ। ଫଳରେ ହାତୀ ଟି କଟକ ଜିଲ୍ଲା ଗୋବିନ୍ଦପୁର ଗ୍ରାମ ଆଡକୁ ଚାଲିଯାଇଥିଲା ହାତୀ ଭୟରେ ଗ୍ରାମ ମାନଙ୍କରେ ଲୋକ ମାନେ ହାତୀ ଭୟ ରେ ଆତଙ୍କିତ ହୋଇପଡ଼ିଛନ୍ତି। ବନ ବିଭାଗ କର୍ମଚାରୀ ମାନେ ହାତୀ ର ପିଛା କରି ନୟାନ୍ତ ହୋଇପଡିଛନ୍ତ।

# ମୟୂରଭଞ୍ଜରେ ସମସ୍ତ ସରକାରୀ କାର୍ଯ୍ୟାଳୟର ନାମଫଳକରେ ଅଲଚିକି ଲିପିରେ ଲେଖିବା ପାଇଁ ଓଡିଶା ର ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକ ପତ୍ର

ରାଇରଙ୍ଗପୁର,(ମହାଭାରତ): ମୟୁରଭଞ୍ଜ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟକ୍ଷଳୟର ନାମଫଳକ ସାନ୍ତାଳୀ'ଅଲଚିକି ଲିପିରେ ଲେଖିବା ପାଇଁ ଗୁରୁ ଗମକେ ପଣ୍ଡିତ ମୁର୍ମୁ ହେରିଟେଜ ଟ୍ରଷ୍ଟ, ଦାଣ୍ଡବୋଷ, ରାଇରଙ୍ଗପୁର, ମୟୁରଭଞ୍ଜ ପକ୍ଷରୁ ରାଜ୍ୟ ସରକାରଙ୍କ ପାଖରେ ଦାବୀ କରାଯାଇଛି.ଏ ସମ୍ପର୍କ ରେ ଏକ ସ୍ମାରକ ପତ୍ର ଓଡିଶା ର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ଯୁକ୍ତ ମୋହନ ଚରଣ ମାଝୀଙ୍କ ଉଦେଶ୍ୟ ରେ ଟ୍ରଷ୍ଟର ସଦସ୍ୟଙ୍କ ଦ୍ୱାରା ମୟୁରଭଞ୍ଜ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସଏଙ୍କ ଜରିଆରେ ତା ୪.୩.୨୦୨୫ରିଖରେ ପ୍ରଦାନ କରାଯାଇଛି। ଏଠାରେ ଉଲେଖ ଯୋଗ୍ୟ ଯେ ଅଲଚିକି ଲିପିର ଏକ ଶତ ବର୍ଷ ପୂର୍ତ୍ତୀ ତଥା ଅଲଚିକି ଲିପିର ସ୍ରଷ୍ଟା ଗୁରୁ ଗମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କର ୧୨୦ତମ ଜନ୍ମ ବାର୍ଷିକୀ ପାଳନ ଉପଲକ୍ଷେ ଟ୍ରଷ୍ଟ ପକ୍ଷରୁ ପଣ୍ଡିତ ରଘୁନାଥ ମୁର୍ମୁଙ୍କର ଜନ୍ମସ୍ଥାନ ଦାଣ୍ଡବୋଷ, ରାଇରଙ୍ଗପୁର, ମୟୁରଭଞ୍ଜ ଠାରେ ଆସନ୍ତା ବୈଶାଖ ପୂର୍ଣ୍ଣିମା ମେ ୧୨.୧୩ଓ ୧୪ତାରିଖ ରେ ଏକ ବିଶାଳ କାର୍ଯ୍ୟକ୍ରମ ର ଆୟୋଜନ କରାଯାଇଛି। ଆନ୍ତଜାତିକ ସ୍ତରର ଏହି କାର୍ଯ୍ୟକ୍ରମ ରେ ସାନ୍ତାଳୀ ଭାଷା ସହିତ ଓ ଲିପି ଉପରେ ଏକ ତିନି ଦିବସିୟ ଆନ୍ତଜାତିକ ସମ୍ମିଳନୀ ସହ ସାହିତ୍ୟ ମହାସ୍ତବ ଓ ବହୁବିଧି ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି । ଟ୍ରଷ୍ଟ ର ଅଧକ୍ଷ ତଥା ଗୁରୁ ଗମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କର ବଡ ନାତି ଚୁନିୟନ ରଘୁ ମୁର୍ମୁ, ସାଧାରଣ ସମ୍ପାଦକ ତଥା କେନ୍ଦ୍ର ସାହିତ୍ୟ ଏକାଡେମୀ, ନୂଆଦିଲ୍ଲୀର ପୂର୍ବତନ ସାନ୍ତାଳୀ ଆବାହକ ମଦନ ମୋହନ ସରେନ ଓ କଷାଧକ୍ଷ ଶ୍ରୀ ଆନ୍ତା ଆଲକ ବାସ୍କେଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଏହି ସ୍ମାରକ ପତ୍ର ରେ ମୟୁରଭଞ୍ଜରେ ସାନ୍ତାଳୀ ଜନଜାତି ସର୍ବବୃହତ ଜନଜାତି ଗଷ୍ଠୀ ହାଇଥିବାରୁ ଏବଂ ଏମାନଙ୍କର କଥିତ ଭାଷା ସାନ୍ତାଳୀ ହୋଇଥିବା ରୁ ମୟୁରଭଞ୍ଜ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟର ନାମଫଳକ ସାନ୍ତାଳୀ ଲିପି ଅଲଚିକି ରେ ଲେଖିବା ଦ୍ୱାରା ଅଲଚିକି ଲିପି ର ଶତବର୍ଷ ପାଳନ ଅବସରରେ ଲିପିର ସ୍ରଷ୍ଟା ଗୁରୁ ଗମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ଯଥାଚିତ ସମ୍ମାନ ଦିଆଯାଇପାରିବ ବୋଲି ଉଲେଖ କରିଛନ୍ତି।

# ବିଜୁ ପଟ୍ଟନାୟକଙ୍କୁ ଅସମାନ କରିଥିବାରୁ ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀ ବିଜେଡି ତରଫରୁ ପ୍ରତିବାଦ



ରାଇରଙ୍ଗପୁର(ମହାଭାରତ): ଆଜି ମୟୁରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀ ର ରାଇରଙ୍ଗପୁର ଦୁର୍ଗା ମଣ୍ଡପ ଛକ ଠାରୁ ରେଲି କରି ସହ ସହ ବିଜେଡି ନେତା ଓ କର୍ମୀ ମାନେ ଚାଲି ଚାଲି ଉପଜିଲ୍ଲାପାଳ କାର୍ଯାଳୟ ସମ୍ମୁଖ ରେ ଓଡିଶା ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କ କୁଶ ପୁ□ଳିକା ଦାହ କରିବା ସହିତ ବିଜେଡି ନେତା ମାନେ ବିଜେପି ସରକାର ଙ୍କ ଉପରେ ବର୍ଷି ଥିଲେ ଏବଂ ବିଜେପି ମୁର୍ଦା ବାଦ, ମୋହନ ମାଝୀ ଛିଛି ନାରା ଦେବା ସହିତ ଯଦି ଆଗାମୀ ଦିନରେ ମାର୍ଚ୍ଚ ୫ ତାରିଖ ପଞ୍ଚାୟତରାଜ ଦିବସ ପାଳନ କରିବା ସହିତ ସ୍କୁଲ, କଲେଜଓ ଅଫିସ ଛୁଟି ଘୋଷଣା କରା ନ ଯାଏ, ତାହାଲେ ଆଗାମୀ ଦିନରେ ରାଜ ରାସ୍ତାରେ ଲଢେଇ ହେବ ବୋଲି ନେତା ମାନେ କହିଥିଲେ ।ଏହି ପ୍ରତିବାଦ ରେଲି ରେ ବିଜେଡି ର ବରିଷ୍ଠ ନେତା ଈଶାନ ମିଶ୍ର, ମନୁ ଚୌଧୁରୀ, ସୁବାଷ ମଣ୍ଡଳ, ରାଇସେନ ମୁର୍ମୁ, ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀ ର ପୂର୍ବତନ ବିଧାୟକ ସାଇବା ସୁଶୀଲ କୁମାର ହାଁସଦା,ରାଇରଙ୍ଗପୁର ପୌରପରିଷଦ ର ଅଧକ୍ଷ୍ୟ ଅଭିଷେକ ପଟ୍ଟ ନାୟକ, ଉପାଧାକ୍ଷା ମମିତା ଚୌଧୁରୀ, ବିଜେଡି ନାରୀ ନେତ୍ରୀ ତନୁଜ ମହାନ୍ତ ଏବଂ ଶତାଧିକ ବିଜେଡି ମହିଳା ଓ ପୁରୁଷ କର୍ମୀ ଉପସ୍ଥିତ ଥିଲେ ।

# ବିଜୁ ଜନ୍ମ ଜୟନ୍ତୀ ୫ମାର୍ଚ୍ଚ ପରିବର୍ତ୍ତନ କୁ ନେଇ ବିଜେଡ଼ି ପକ୍ଷ ରୁ ବିକ୍ଷୋଭ

ପାଟଣା:-(ମହାଭାରତ) ଓଡ଼ିଶା ପ୍ରବାଦ ପୁରୁଷ ବିଜୁ ବାବୁ ଙ୍କ ଜନ୍ମ ଜୟନ୍ତୀ କୁ ବିଜେପି ସରକାର ୨୪ଏପ୍ରିଲ କୁ ପରିବର୍ତ୍ତନ କରିଥିବା ରୁ ଏହାର ପ୍ରତିବାଦ ରେ ବିଜେଡ଼ି ପକ୍ଷ ରୁ କେନ୍ଦୁଝର ଜିଲ୍ଲା ସହାରପଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ରେ ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାଏକ ନେତୃତ ରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ବିକ୍ଷୋଭ ପ୍ରଦର୍ଶନ ସଭା ରେ ବିଜେପି ବିରୋଧ ରେ ନାରାବାଜି କରାଯିବ ସହ ବିଜେଡ଼ି ପୂର୍ବତନ ରାଜ୍ୟ ସଂପାଦକ ସତ୍ୟବ୍ରତ ନାଏକ, ରାଜ୍ୟ କୃଷକ ମୋର୍ଚ୍ଚା ର ସଭାପତି ଦିପକ ରାଜ, ପୂର୍ବତନ ବ୍ଲକ ପାଟଣା ଅଧକ୍ଷା ସୁକାନ୍ତି ନାଏକ, ପାଟଣା ବ୍ଲକ ମହିଳା ସଭାନେତ୍ରୀ ସୁକାନ୍ତି ମହାନ୍ତ, ରାଇଡିହା ନାଏବ ନମିତା ମହାନ୍ତ, ପୂର୍ବତନ ସରପଞ୍ଚ ପାର୍ବତୀ ହୋ, ମଞ୍ଜୁଳା ଓରାମ, ବିଜେଡ଼ି ନେତା ହିମାଂଶୁ ଶେଖର ବେହେରା, କୃଷ୍ଣ ଚନ୍ଦ୍ର ମହାପାତ୍ର, ବିପ୍ଳବ ପୃଷ୍ଟି, ଶତାଧିକ ବିଜେଡ଼ି କର୍ମୀ ମିଳିତ ଭାବେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଙ୍କ କୁଶପୁ□ଳିକା ଦାହ କରାଯିବା ସହ ଆଗାମୀ ପଞ୍ଚାୟତ ନିର୍ବାଚନ ରେ ବିଜେପି କୁ ବିଜେଡ଼ି କଡ଼ା ଜବାବ ଦେବ ବୋଲି ପୂର୍ବତନ ପାଟଣା ବିଧାୟକ ଗଣମାଧ୍ୟମ କୁ ସୂଚନା ଦେଇ ଛନ୍ତି।

# ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନର ଜନଜାତି ଲଘୁଯୁବ ଉଦ୍ୟୋଗଙ୍କୁ ତାଲିମ

କନ୍ଧମାଳ:(ମହାଭାରତ): କନ୍ଧମାଳ ଜିଲ୍ଲାର ଜନଜାତି ଜୀବିକା ମିଶନର ଆନୁକୂଲ୍ୟରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଫୁଲବାଣୀ ପକ୍ଷରୁ ଦୁଇଦିନିଆ କର୍ମଶାଳା ଆଇଟିଡିଏ କନଫରେନ୍ସ ହଲରେ ଅନୁଷ୍ଠିତ ହୋଇଛି । ଉକ୍ତ କର୍ମଶାଳାଟି ଖଜୁରୀ ପଡା, ଫୁଲବାଣୀ ଫିରିଙ୍ଗିଆ ବ୍ଲକର ପାଖାପାଖି ୫୦ ଜଣରୁ ଉର୍ଦ୍ଧ୍ୱ ଉଦ୍ୟୋଗୀ ବିଭିନ୍ନ ଉଦ୍ୟୋଗ ମାଧ୍ୟମରେ ସ୍ୱାବଲମ୍ବୀ କରିବା ସହିତ ଅନ୍ୟ ମାନଙ୍କର ପ୍ରେରଣାର ଉତ୍ସ ହୋଇ ପାରିବ । ଉଦ୍ୟୋଗ କରିବା ଦ୍ୱାରା ଆର୍ଥିକ ସ୍ଥିତି ଉନ୍ନତି କରିବା ସହିତ ଅନ୍ୟ ରାଜ୍ୟ ତୁଳନାରେ ଦାଦନ ଶ୍ରମିକରୁ ମୁକ୍ତି କରିବ । ତାଲିମ ଶିବିରରେ ମୁଖ୍ୟ ଅତିଥି ଭାବେ ପ୍ରକଳ୍ପ ପ୍ରଶାସିକା ମିସ୍ ଦେବ ଯାନୀ ଭୂୟାଁ, ଯୁବ ଉଦ୍ୟୋଗୀ ଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ପ୍ରୋଜେକ୍ଟ ମ୍ୟାନେଜର ପି.ମୂରଳି ମୋହନ, ଏସ୍ ଏମ୍ ଏସ୍ ଶୁଭ ଶ୍ରୀ ମହାନ୍ତି, ଏସ୍ ଏମ୍ ଏସ୍ ଗୁପ୍ତ ଖିଲ ଉପସ୍ଥିତ ରହି ପୁଖାନୁପୁଙ୍ଖ ଭାବରେ ବୁଝାଇ ଥିଲେ ।

# ଦଶମ ଶ୍ରେଣୀ ଶିଶୁଙ୍କ ସମାବର୍ତ୍ତନ ଉତ୍ସବ ପାଳିତ



କୋରାପୁଟ ଜିଲ୍ଲା ଜୟପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶାରଦା ବିହାର, ଜୟପୁରରେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାର ଶେଷ ଦିନ ଶିଶୁଙ୍କ ନିମନ୍ତେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ସତ୍ୟନାରାୟଣ ସେଠୀଙ୍କ ଅଧକ୍ଷତାରେ ଏକ ସମାବର୍ତ୍ତନ ଉତ୍ସବର ଆୟୋଜନ କରାଯାଇଥିଲା ।ଏଥିରେ ବିଦ୍ୟାଳୟର ଦଶମ ଶ୍ରେଣୀର ସମସ୍ତ ଶିଶୁ, ବିଦ୍ୟାଳୟରେ ଶିକ୍ଷା ଦାନ ଦେଉଥିବା ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ। ଏହି ସମାବର୍ତ୍ତନ ଉତ୍ସବରେ ଆୟୋଜିତ ଏକ ସଭାରେ ମୁଖ୍ୟ ଅତିଥି ରୂପେ ଶ୍ରୀଯୁକ୍ତ ସୁରେନ୍ଦ୍ର ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଉଚ୍ଚ ବାଳକ ବିଦ୍ୟାଳୟ, ଜୟପୁର ଯୋଗ ଦେଇଥିଲେ । ସେହିପରି ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରାଧାପକ ଡ. ମନୋରଂଜନ ପ୍ରଧାନ, ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ଶ୍ରୀଯୁକ୍ତ ଦୁର୍ଗା ପ୍ରସାଦ ଦାଶ, ବିଦ୍ୟାଳୟର ସଭାପତି ଶ୍ରୀଯୁକ୍ତ କିଶୋର ଚନ୍ଦ୍ର ପଣ୍ଡା, ଉପ ସଭାପତି ଶ୍ରୀଯୁକ୍ତ ମହେନ୍ଦ୍ର କୁମାର ମିଶ୍ର, ଦକ୍ଷିଣ ସମ୍ଭାଗର ସଦସ୍ୟା ଶ୍ରୀମତୀ କବିତା ସାହୁ, ଏବଂ ମାତୃଭାରତୀର ସଦସ୍ୟା ପ୍ରମୁଖ ଉପସ୍ଥିତ ଥିଲେ। ସଭା ଆରମ୍ଭରେ କୁନି କୁନି ଶିଶୁଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା । ଏହା ପରେ ଅତିଥି ଶ୍ରୀଯୁକ୍ତ ସୁରେନ୍ଦ୍ର ପଟ୍ଟନାୟକ ଶିଶୁଙ୍କୁ ଆଗାମୀ ଭବିଷ୍ୟତ ପାଇଁ ନିଜକୁ କିପରି ପ୍ରସ୍ତୁତ କରିପାରିବେ ସୁନ୍ଦର ଭାବରେ ନିଜର ଅଭିଭାଷଣରେ ଉପସ୍ଥାପନ କରିଥିଲେ । ସେହିପରି ଡ. ମନୋରଂଜନ ପ୍ରଧାନ ଶିଶୁଙ୍କୁ କ୍ୟାରିୟର୍ କାଉନ୍ସେଲିଂ ଉପରେ ନିଜର ମତ ପ୍ରଦାନ କରିଥିଲେ ଏବଂ ଶିଶୁଙ୍କୁ ବିଦ୍ୟାଳୟକୁ ଭୁଲି ନ ଯିବା ପାଇଁ ତଥା ନିଜର ଆଦର୍ଶ ଓ ନୀତି କୁ ପାଳନ କରିବା ପାଇଁ ପ୍ରେରିତ କରିଥିଲେ । ଅନ୍ୟ ଅତିଥିମାନେ ମଧ ଶିଶୁଙ୍କୁ ସେମାନଙ୍କ ଶିକ୍ଷାକୁ ବଜାଇ ରଖିବା ତଥା ସଂସ୍କୃତିକୁ ନ ଭୁଲିବା ନିମନ୍ତେ ନିଜର ବକ୍ତବ୍ୟ ମାଧ୍ୟମରେ ପରିବେଷଣ କରିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ସତ୍ୟନାରାୟଣ ସେଠୀ ଏହି ଦିବସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଶିଶୁଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ । ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଶ୍ରୀଯୁକ୍ତ କୈଳାସ ଚନ୍ଦ୍ର ପଣ୍ଡା ଶିଶୁଙ୍କୁ କିପରି ଆଗାମୀ ଭବିଷ୍ୟତରେ ଆସୁଥିବା ଆହ୍ୱାନର ମୁକାବିଲା କରିପାରିବେ ସେ ବିଷୟରେ ମାର୍ଗଦର୍ଶନ କରିଥିଲେ । ଶିଶୁ ଭାଇ ଭଉଣୀମାନେ ବିଦ୍ୟାଳୟରୁ ପାଇଥିବା ଅନୁଭୂତି ବିଷୟରେ ଜଣାଇଥିଲେ। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଶ୍ରୀଯୁକ୍ତ ରାମଚନ୍ଦ୍ର ମହାନ୍ତି ସଭାକାର୍ଯ୍ୟର ପରିଚାଳନା କରିଥିଲେ ।ଏହି ଦିବସ ଅବସରରେ ଶିଶୁ ଓ ଗୁରୁଜୀ ଗୁରୁମାଙ୍କ ଏହ ମିଳିତ ସହଭୋଜ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ସମସ୍ତ ଗୁରୁଜୀ ଗୁରୁମା ତଥା ସେବାବ୍ରତୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳତା ପୂର୍ବକ ସମାପ୍ତିରେ ପହଞ୍ଚିଥିଲା ।

# ଅଲିମାଳାଡା ଠାରେ ଅନୁଷ୍ଠିତ ହେଲା ବିଏସଏଫ ର ଜନସମ୍ପର୍କ ଶିବିର

କନ୍ଧମାଳ:(ମହାଭାରତ)କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଛାପଡା ଥାନା ଅଧୀନରେ ଥିବା ପଳାବୃଡି ପଞ୍ଚାୟତ ର ଦୁର୍ଗମ ଅଞ୍ଚଳ କୁହାଯାଉଥିବା ଅଲିମଡ଼ା ଗାଁ ର ବିଦ୍ୟାଳୟ ପରିସରରେ ବିଏସଏଫ ଯବାନ ମାନଙ୍କ ତରଫରୁ ଏକ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଉଛି ।ଶିବିରଟି ଗୋଛାପଡା ଠାରେ ଥିବା ୯୯ ବାଟାଲିୟନ ବିଏସଏଫ କ୍ୟାମ୍ପ ତରଫରୁ ଆୟୋଜନ କରାଯାଇଥିବା ବେଳେ ପଳାବୃଡି ସରପଞ୍ଚ ଲୀଳାବତୀ କହଁର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଅନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ ଓ ତେବେ କ୍ୟାମ୍ପ ରେ କାର୍ଯ୍ୟରତ ଆସିଷ୍ଟାଣ୍ଟ କାମାଣ୍ଡେ□ ଯୋଗୀନ୍ଦ୍ର ସିଂ ଙ୍କ ଅଦକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ବିଏସଏଫ ତରଫରୁ ଅଂଚଳର ଗରିବ ଅସହାୟ ଲୋକଙ୍କୁ କମ୍ବଳ, ଛତା, ଜୋତା, ସୁଇଟର ସହ ବିଭିନ୍ନ ଘରକଣା ସାମଗ୍ରୀ, ଛାତ୍ର ଛାତ୍ର ଛାତ୍ରୀ ମାନଙ୍କୁ ଖାତା କଲମ ସହ ଅଂଚଳର ଯୁବକ ମାନଙ୍କୁ ଭଲିବଲ, କ୍ରିକେଟ




ବ୍ୟାଟବଲ, ଫୁଟବଲ ଭଳି ବିଭିନ୍ନ ସାମଗ୍ରୀ ବଣ୍ଟନ କରାଯାଇଥିଲା । ଏହା ସହ ଏହି କାର୍ଯ୍ୟକ୍ରମ ଅବସରରେ ଅଞ୍ଚଳ ର ଯୁବ ବର୍ଗ ଙ୍କୁ ନେଇ ବିଭିନ୍ନ ପ୍ରକାର ଖେଳ କୁଦ ପ୍ରତିଯୋଗିତା ମଧ ଅନୁଷ୍ଠିତ ହୋଇଥିଲା ଓ ତେବେ କନ୍ଧମାଳ ଜିଲ୍ଲାର ଏହି ଅଞ୍ଚଳଟି ମାଓ ଅଧିସୁତ ଅଂଚଳ ଭାବରେ ଚିହ୍ନଟ ହୋଇଥିବା ବେଳେ ଏହି ଅଂଚଳରେ ବିଏସଏଫ ପ୍ରତିଷ୍ଠା ହେବା ଦିନଠାରୁ ଅଂଚଳର ଜନସାଧାରଣ ନିର୍ଭୟ ରେ ଜୀବନ ଯାପନ କରିଆସୁଛନ୍ତି । ସେପଟେ ଅଂଚଳରେ ବିଏସଏଫ ଯବାନ ମନେ ନିରନ୍ତର ଭାବରେ ଶେବା ଯୋଗାଇ ଆସୁଛନ୍ତି ଓ ଅନ୍ୟପଟେ ଅଂଚଳର ଶେବା କରିବା ସହ ଯୁବପିଢ଼ି ମନେ କିଭଳି ଭାବରେ ସମାଜ ର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ ତାହା ଏହି କାର୍ଯ୍ୟକ୍ରମ ର ମୂଳଲକ୍ଷ୍ୟ ବୋଲି ସୂଚନା ଦେଇଛନ୍ତି ବିଏସଏଫ ର ବରିଷ୍ଠ ଅଧିକାରୀ । ଏହି ଶିବିର ରେ ଅଂଚଳର ଶତାଧିକ ସାଧାରଣ ଯୋଗଦେଇଥିବା ବେଳେ ସାଧାରଣତନ୍ତ୍ର ଦିବସରେ ବିଏସଏଫ ର ଏଭଳି ଜନହିତକର କାର୍ଯ୍ୟକ୍ରମ ପାଇଁ ବିଏସଏଫ ବାହିନୀ ଙ୍କୁ ସ୍ଥାନୀୟ ସରପ□ ଙ୍କ ସହ ସମସ୍ତ ଜନସାଧାରଣ ଧନ୍ୟବାଦ ଜ୍ଞାପନ କରିଛନ୍ତି ।

## ଛାତ୍ରୀଙ୍କ ସ୍ୱପ୍ନ ପୂରଣ କରିବ ଶାସ୍ତ୍ରୀଜୀ ମହିଳା ମହାବିଦ୍ୟାଳୟର 'ସମର୍ଥ' ଛାତ୍ରବୃତ୍ତି




କଳାହାଣ୍ଡି /ମହାଭାରତ :ଭବାନୀପାଟଣା ୦୬/୦୩:କଳାହାଣ୍ଡି ଜିଲ୍ଲାରେ ନାରୀ ଶିକ୍ଷାର ବିକାଶ ପାଇଁ କଲ୍ୟାଣୀ ଟ୍ରଷ୍ଟ, ଭବାନୀପାଟଣାସ୍ଥିତ ଶିକ୍ଷାନୁଷ୍ଠାନ ଶାସ୍ତ୍ରୀଜୀ ମହିଳା ମହାବିଦ୍ୟାଳୟ ମାଧ୍ୟମରେ କାର୍ଯ୍ୟ କରି ଆସୁଛି। କିଛିଲୋକଙ୍କ ନାରୀ ଶିକ୍ଷା ପ୍ରତି ପାତରଅନ୍ତର ନୀତି ତଥା ଅର୍ଥବାଧକ ଯୋଗୁଁ କିଛି ଛାତ୍ରୀ ପାଠପଢାରୁ ବଞ୍ଚିତ ହେଉଛନ୍ତି। ନାରୀ ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ଅନୁଷ୍ଠାନର ଜନସମ୍ପର୍କ ଅଧିକାରୀମାନେ ଘର ଘର ଯାଇ ବୁଝାଇଥାନ୍ତିୟ ଛାତ୍ରୀଙ୍କ ଶିକ୍ଷାରେ ଆର୍ଥିକ ସମସ୍ୟା ଦୂର କରିବା ପାଇଁ 'ସମର୍ଥ' ଛାତ୍ରୀବୃତ୍ତି, ମେଧାବୀ ଛାତ୍ରୀଙ୍କୁ ଦେଇ ଆସୁଛୁ ବୋଲି ଅନୁଷ୍ଠାନର ପରିଚାଳନା କମିଟି ଅଧକ୍ଷା ଶ୍ରୀମତୀ ନମିତା ସାହୁ ମହାବିଦ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। +୨ ଅଧକ୍ଷା ଶ୍ରୀମତୀ ଦୀପା ସାହୁଙ୍କ ଆହ୍ୱାନରେ ଆୟୋଜିତ ଏହି ସଭାରେ 'ସମର୍ଥ' ସଂଯୋଜିକା ଅଧାପିକା ଜ୍ୟୋର୍ତିମୟୀ ବେହେରା ଏହି ବିଷୟରେ ଅଧିକ ସୂଚନା ଦେଇ କହିଛନ୍ତି ଯେ:- ଏହି ମାସର ୯ ତାରିଖ ରବିବାର ସକାଳ ୯ଟାରେ ମହାବିଦ୍ୟାଳୟ ପରିସରରେ ଏକ ୫୦ମାର୍କର ଲିଖିତ ଓ ୩୦ମାର୍କର ମୌଖିକ ପରୀକ୍ଷା ଆୟୋଜିତ ହେବ। ଏଥିରେ ଯୋଗ୍ୟ ବିବେଚିତ ଛାତ୍ରୀମାନଙ୍କୁ ବର୍ଷକୁ ୯୯,୦୦୦ଟଙ୍କା, ଦୁଇବର୍ଷକୁ ମୋଟ ୧,୯୮,୦୦୦ଟଙ୍କାର ଛାତ୍ରୀବୃତ୍ତି ପ୍ରଦାନ କରାଯିବ ଯାହାଫଳରେ ଛାତ୍ରୀମାନେ ମାଗଣାରେ ରହିବା, ଖାଇବା ସହ ପାଠପଢି ପାରିବେୟ ସାମ୍ବାଦିକ ସମ୍ମିଳନୀକୁ ଅଧାପିକା ହିମାଦ୍ରୀ ମହାରଣା ସହଯୋଗ କରିଥିଲେ।

# ନାଳ ସାଜିଛି କାଳ ,ପୋଲ ନିର୍ମାଣ ଦାବି



କନ୍ଧମାଳ:(ମହାଭାରତ): ସ୍ୱାଧୀନତା ର ବହୁ ବର୍ଷ ପରେ ଅନେକ ଦୁର୍ଗମ ଅଞ୍ଚଳ କୁ ରାସ୍ତା ଓ ପୋଲ ନାହିଁ । ଏମିତି ଦୃଶ୍ୟ ଦେଖିବା ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କୁଏରିମାଣ୍ଡୁ ପଞ୍ଚାୟତ ର ୯ ନମ୍ବର ଉଆଡ୍ ବାସୀ । ଗାଁ କୁ ନିତିଦିନିଆ ରାସ୍ତା ନଥିବାରୁ ଲୋକମାନେ ବର୍ଷ ବର୍ଷ ସାରା ଏକ ନାଳ ଅତିକ୍ରମ କରୁଛନ୍ତି । କୁଏରିମାଣ୍ଡୁ ପଞ୍ଚାୟତ ଅଧୀନ ରେ ଥିବା,କୁଆଘରା କାଲାର୍ପିସାରି ,ତିତେରିପାଲା, ଗାଁ ୨୨ ଉର୍ଦ୍ଧ ପରିବାର ପାଇଁ ନାଳ ସାଜିଛି ବାଧକ । ଏହି ନାଳ ଦେଇ ପ୍ରତିଦିନ କୋମଳତି ଛାତ୍ର ଛାତ୍ରୀ ନାଳ ଦେଇ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର କୁ ଯାତାୟତ କରନ୍ତି । ଅଞ୍ଚଳ ବାସୀ ଜୀବନଜୀବିକା ଓ ପିଡିଏସ ସାମଗ୍ରୀ, ଭତ୍ତା ପାଇଁ ପଞ୍ଚାୟତ କାର୍ଯ୍ୟାଳୟ କୁ ଏହି ନାଳ ଅତିକ୍ରମ କରିବାକୁ ପଡୁଛି । ଆମ୍ବୁଲାନ୍ସ ପହଞ୍ଚି ପାରୁନଥିବା ରୁ ଗ୍ରାମରେ କୌଣସି ଅସୁସ୍ଥ ଏବଂ ଗର୍ଭବତୀ ଙ୍କୁ ଲୋକେ ଦୋଳା ବା ଖଟିଆ ରେ ବୋହି ନାଳ ଅତିକ୍ରମ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନେଇଥାନ୍ତି । ସବୁଦିନିଆ ରାସ୍ତା ଓ ନାଳ ଉପରେ ପୋଲ ନିର୍ମାଣ ପାଇଁ ବହୁ ବାହାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି ତଥାପି କୌଣସି ସୁଫଳ ମିଳୁନଥିବା ନାଦୁ କହଁର, ସର୍କିତନ ଦିଗାଲ, କୈଳାସ କହଁର, ପିତାମ୍ବର କହଁର, ରମେଶ କହଁର,ମୁନିରାଜ୍ କହଁର,ପୁରାଙ୍ଗା କହଁର,କେସବ କହଁର,ଅନନ୍ତ କହଁର, ସମେତ ଗ୍ରାମ ବାସୀ ଦାବି କରିଛନ୍ତି।

## ଏସଏଚଜି ଉତ୍ପାଦିତ ସାମଗ୍ରୀ ପାଇଁ ଓରମାସର ସମୟ ନାହିଁ



ପାଟଣା(ମହାଭାରତ) : ମହିଳା ମାନଙ୍କୁ ରୋଜଗାରକ୍ଷମ ଓ ସ୍ୱାବଲମ୍ବୀ କରିବା ପାଇଁ ଯେତେ ଯେତେ ବ୍ୟବସ୍ଥା ରହିଛି ସେଥିମଧ୍ୟରୁ ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ ଏକ ମୁଖ୍ୟ ମାଧ୍ୟମ ହୋଇଥିବାବେଳେ ଗ୍ରାମା□ଳର ମହିଳା ମାନଙ୍କ ପାଇଁ ଏହାର ଆବଶ୍ୟକତା ଏବେ ଯଥେଷ୍ଟ ବଢ଼ି ଯାଇଛି। ଏସଏଚଜି ମାନଙ୍କୁ ବ୍ୟାଙ୍କ ଜରିଆରେ କୋଟି କୋଟି ଟଙ୍କା ଋଣ ଓ ସବସିଡି ଦିଆଯାଉଥିଲେ ମଧ୍ୟ ସଂଖ୍ୟାଧିକ ଏସଏଚଜି ଅର୍ଥର ସଦୁପଯୋଗ ପାଇଁ ଆଗ୍ରହ ପ୍ରକାଶ ନକରି ଟଙ୍କା ସୁଧ ଲଗାଇବାକୁ ଏକ ବ୍ୟବସାୟରେ ପରିଣତ କରି ଦେଲେଣିୟ ଅପର ପକ୍ଷରେ ଯେଉଁ ନାମ ମାତ୍ର କେତେକ ଏସଏଚଜି ବିଭିନ୍ନ ଦ୍ରବ୍ୟ ଉତ୍ପାଦନ କରି ସ୍ୱାବଲମ୍ବୀ ହେବାପାଇଁ ଆଗ୍ରହୀ ସେମାନଙ୍କୁ ଉପଯୁକ୍ତ ବଜାର ବ୍ୟବସ୍ଥା ଯୋଗାଇବାରେ ମିଶନ ଶକ୍ତି ବିଫଳ ହେଉଛି। ଓରମାସ ଏହି ଦ୍ରବ୍ୟ ସଂଗ୍ରହ ପାଇଁ ମଧ୍ୟ ଆଗ୍ରହ ପ୍ରକାଶ କରୁନଥିବାରୁ ଏସଏଚଜି ମାନେ ଅଧିକ ଉତ୍ପାଦନ ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ଘଟଗାଁ ବ୍ଲକ ଅନ୍ତର୍ଗତ ମନୋହରପୁର ପଞ୍ଚାୟତ କଟରାବେଡା ଗ୍ରାମରେ। ଏହି ଗ୍ରାମର ଗୀତା ଗାୟତ୍ରୀ ଏସଏଚଜିର ସଭାନେତ୍ରୀ ଡଲି ନାୟକ ଓ ସମ୍ପାଦିକା ସୁଷମା ଦଣ୍ଡପାଟଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଗୋଷ୍ଠୀର ୧୦ ଜଣ ମହିଳା ଦୀର୍ଘ ୩ ବର୍ଷ ହେଲା ଧଳା ଫିନାଇଲ , ୱାସିଂ ପାଉଡର ଏବଂ ବାସନ ମଜା ଲିକୁଇଡ ତିଆରି କରୁଥିଲେ ମଧ୍ୟ ସେମାନେ କୌଣସି ମେଳା ମହୋତ୍ସବରେ ବିକ୍ରି କରିବାର ସୁଯୋଗ ପାଇ ନାହାଁନ୍ତି କିମ୍ବା ଓରମାସ ପକ୍ଷରୁ ଥିବା ବ୍ୟବସ୍ଥା ଅନୁଯାୟୀ ସେମାନେ ଓରମାସକୁ ମଧ୍ୟ ସାମଗ୍ରୀ ଦେଇ ପାରୁନାହାନ୍ତି। ନିଜ ଉଦ୍ୟମରେ ସେମାନେ ବେଶୀ ଉତ୍ପାଦିତ ସାମଗ୍ରୀ ବିକ୍ରି କରି ପାରୁନଥିବାରୁ ସେମାନଙ୍କର ରୋଜଗାର ମଧ୍ୟ ବଢିବାର ସୁଯୋଗ ନଥିବା ଏହାର କର୍ମକର୍ତ୍ତା କହିଛନ୍ତି। କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସେମାନେ ମତ ରଖିଛନ୍ତି ।

## ଟ୍ରକ ଦୁର୍ଘଟଣାରେ ଦୁଇ ଯୁବକ ଗୁରୁତର



ବାସୁଦେବପୁର : ଆଜି ମଧାହ୍ନ ସମୟରେ ଏକ ଆଇରନ ଟ୍ରକ ଦୁର୍ଘଟଣାରେ ଦୁଇ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ବାସୁଦେବପୁର ପୌରପାଳିକା ପାଢୀସାହିରେ ବିବାହ ଉତ୍ସବରେ ବରଧରା କାର୍ଯ୍ୟ ସଂପାଦନ ପାଇଁ ସିମୁଳିଆ ଥାନା ସୋମନାଥପୁର ଅଞ୍ଚଳର ଦୈତାରୀ ମହାପାତ୍ରଙ୍କ ପୁଅ ଜଗବନ୍ଧୁ, ବସନ୍ତକୁମାର ପାଣିଙ୍କ ପୁଅ ସୁଦାମ ଓ ତାର ସହଯୋଗୀମାନେ ଆସିଥିଲେ ୟ ବରଧରା କାମ ସାରି ନିଜ ଘରକୁ ଫେରୁଥିବା ସମୟରେ ଜାମୁଝାଡି-ବାସୁଦେବପୁର ରାସ୍ତାର ମାତାଜୀମଠ ଛକ ନିକଟରେ ଆଇରନ ଟ୍ରକର ଦୁର୍ଘଟଣା ଘଟିଥିଲା । ଏହି ଦୁର୍ଘଟଣାରେ ସୁଦାମ ଓ ଜଗବନ୍ଧୁଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାସୁଦେବପୁର ଡାକ୍ତରଖାନାକୁ ଚିକିତ୍ସା ପାଇଁ ଅଣାଯାଇଥିଲା । ଅବସ୍ଥା ସଙ୍କଟାପନ୍ନ ହେବାରୁ ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି ।

## ଜଙ୍ଗଲ ନିଆଁ ନିରାକରଣ ସଚେତନତା ଓ ପ୍ରଶିକ୍ଷଣ ଶିବିର



କଳାବାଡିଆ : ଜଙ୍ଗଲ ନିଆଁ ନିରାକରଣ ସଚେତନତା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିମିଳିପାଳ ଦକ୍ଷିଣ ବନ୍ୟପ୍ରାଣୀ ବନଖଣ୍ଡ ବାରିପଦା ଆନୁକୁଲ୍ୟରେ ପିଠାବଟା ବନାଞ୍ଚଳ ବାଲିଡିହା ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀର ବିଧାୟିକା ସୁଶ୍ରୀ ସଞ୍ଜାଳୀ ମୁର୍ମୁ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେୟ ଶିମିଳିପାଳ ହେଉଛି ବିଶ୍ୱର ଚତୁର୍ଥ ବୃହତ୍ତମ ଜୈବ ମଣ୍ଡଳୟ ଏହାର ସୁରକ୍ଷା ପାଇଁ ବନ ବିଭାଗ ସମ୍ପୁର୍ଣ୍ଣ ପ୍ରସ୍ତୁତ ରହିଥିବା ବେଳେ ସାଧାରଣରେ ସାମାଜିକ ଦାୟିତ୍ୱ ବୃଦ୍ଧି କରିବା ପାଇଁ ଜଙ୍ଗଲ ବିଭାଗ ପକ୍ଷରୁ ବିଭିତ୍ତ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ବିଧାୟିକା କହିଥିଲେ। ଶିମିଳିପାଳର ପାଦଦେଶ ଓ ଏହାର ଆଭ୍ୟନ୍ତରୀଣ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ନେଇ ବିଭିତ୍ତ ଜଙ୍ଗଲ ସୁରକ୍ଷା କମିଟି ଗଠନ କରାଯାଇଛି। ଫଳରେ ଆଗକୁ ଆସୁଥିବା ଗ୍ରୀଷ୍ମ ଋତୁରେ ଜଙ୍ଗଲ ନିଆଁକୁ ରୋକାଯାଇପାରିବ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବାଙ୍ଗିରିପୋଷି ବିଧାୟିକା ସଞ୍ଜାଳି ମୂର୍ମୁ, ବିଜେପିର ରାଷ୍ଟ୍ରୀୟ ସଦସ୍ୟ ସୁଗୁଦା ମୁର୍ମୁ, ସାମାଖୁ□। ବ୍ଲକର ବିଡ଼ିଓ ମୁନା ସେଠୀ, ଡେପୁଟି ଡାଇରେକ୍ଟର, , ଆଇଏଫେସ ଡ଼. ସମ୍ରାଟ ଗୌଡା, ଡ଼ିଏଫୋ ଉମା ମହେଶ, ସମରେଶ ବିଶ୍ୱାଳ, ଏସିଏଫ, ପ୍ରଦୀପ କୁମାର ଦେ, ଏସିଏଫଙ୍କ ସହ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବିରଳ ରୋଗରେ ପୀଡିତ ଶିଶୁଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୫ ଲକ୍ଷ ଟଙ୍କା ପ୍ରଦାନ



ବୌଦ୍ଧ(ମହାଭାରତ): ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଗୁଡ଼ିଆଲି ଗ୍ରାମର ବାପା ହେରମ୍ବ ଗିରି ଓ ମାତା ବିଳାସ ଗିରିଙ୍କ କୋଳରେ ୭ ବର୍ଷ ପୂର୍ବେ ଏକ କନ୍ୟା ସନ୍ତାନ ଜନ୍ମ ଗ୍ରହଣ କରିଥିଲେ। ଜନ୍ମର ଏକ ବର୍ଷ ପରେ ଦେହ ପୋଡି ଯିବା ଭଳି ଦେଖା ଦେଇଥିଲା। ସୂର୍ଯ୍ୟ କିରଣ ପଡିଲେ ଦେହ ଜଳାପୋଡ଼ା ହେଉଛି। ଦେହରେ କ୍ଷତ ହୋଇ ଯାଉଛି। ଏନେଇ ଝିଅର ଚିକିତ୍ସା ପାଇଁ ବୌଦ୍ଧ ମେଡିକାଲ ସହ ବୁର୍ଲା ମେଡିକାଲ, ଏମ୍ସ ମେଡିକାଲକୁ ନେଇ ଚିକିତ୍ସା କରିଥିଲେ ବାପା ହେରମ୍ବୟ ଚିକିତ୍ସାରେ କିଛି ପରିବର୍ତ୍ତନ ହେବା ପରେ ପୁଣି ସେଇ ଲକ୍ଷଣ ଦେଖାଦେଉଛି। ଏଥିରେ ବାପା ମାଆ ଚିନ୍ତିତ ହୋଇ ପଡ଼ିଥିବା ବେଳେ ଘରେ ରଖିଥିବା ସମସ୍ତ ସମ୍ପତି ବିକି ଭାଙ୍ଗି ଝିଅର ଚିକିତ୍ସା କରିସାରିଲେଣି। ହେଲେ ସୁଫଳ ମିଳୁ ନାହିଁ।ଝିଅର ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠକୁ ଯାଇ ନଭେମ୍ବର ୨୨ତାରିଖ ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପାଖରେ ଅଭିଯୋଗ କରିଥିଲେ। ଏକ ସ୍ୱତନ୍ତ୍ର ଟିମ କଟକ ମେଡିକାଲରେ ଏକ ମାସ ଚିକିତ୍ସା କରିଥିଲେ। ଝିଅର ଚିକିତ୍ସାରେ କିଛି ପରିବର୍ତ୍ତନ ନହେବାରୁ ଫେବ୍ରୁଆରି ୩ରେ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ।ମୁଖ୍ୟମନ୍ତ୍ରୀ ତାଙ୍କ ସହିତ ଆଲୋଚନା କରିବା ସହିତ ଝିଅର ଚିକିତ୍ସା ପାଇଁ ତୁରନ୍ତ ୫ ଲକ୍ଷ ଆର୍ଥିକ ସହାୟତା ଦେବାକୁ ଘୋଷଣା କରିଥିଲେ।ଏହା ସହ ଏକ ଘର ଯୋଗାଇ ଦେବାସହ ଘରେ ଏକ ଏସି ଦେବାକୁ ପ୍ରତିଶ୍ରୁତି ଦେଇଥିବା ହେରମ୍ବ ସୂଚନା ଦେଇଛନ୍ତି।ଗୁରୁବାର ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବୌଦ୍ଧ ଉପ ଜିଲ୍ଲାପାଳ ପ୍ରବୀଣ ବଣ୍ଡୁଆ , ବୌଦ୍ଧ ବ୍ଲକ ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ବିଡ଼ିଓ ଯୁଧିଷ୍ଠିର ମେହେର, ବୌଦ୍ଧ ତହସିଲଦାର ଅନିତା କୁମାରୀ ସାହୁ ପ୍ରମୁଖ ଗୁଡ଼ିଆଲି ଗ୍ରାମରେ ପହଞ୍ଚି ହେରମ୍ବଙ୍କ ପରିବାରକୁ ୫ ଲକ୍ଷ ଟଙ୍କାର ଚେକ ପ୍ରଦାନ କରିଛନ୍ତିୟ ଏଥିପାଇଁ ହେରମ୍ବଙ୍କ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବୌଦ୍ଧ ବିଧାୟକ, ଜିଲ୍ଲା ପ୍ରଶାସନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଆଥଗଡରେ ବିଜେଡିର ଧାରଣା, ବିକ୍ଷୋଭ ଓ ସ୍ମାରକପତ୍ର ପ୍ରଦାନ



ଆଠଗଡ : ପୂର୍ବତନ ମୁଖ୍ୟମନ୍ତ୍ରୀ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକ ଜୟନ୍ତୀ ମାର୍ଚ୍ଚ ୫ ତାରିଖକୁ ପୁନଶ୍ଚ ପଞ୍ଚାୟତରାଜ ଦିସ ରୂପେ ପାଳନ କରିବା, ମାହାଙ୍ଗାରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଭଙ୍ଗାରୁଜା କରିବା ଅଭିଯୋଗରେ ମାହାଙ୍ଗା ବିଧାୟକଙ୍କୁ ଗିରଫ କରିବା ଦାବିରେ ଆଠଗଡ ବିଜେଡି ପକ୍ଷରୁ ଆଠଗଡ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପତ୍ର ପ୍ରଦାନ କରାଯାଇଛି। ଗୁରୁବାର ସକାଳେ ଆଠଗଡ ବ୍ଲକ ବିଜେଡି ସଭାପତି ରବିନ୍ଦ୍ରନାଥ ରାଉତଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟକୁ ଆସିଥିଲା । ଏହି ଶୋଭାଯାତ୍ରାରେ ଶତାଧିକ ବିଜୁ ପ୍ରେମୀ ଜନସାଧାରଣ, ବିଜେଡି କର୍ମୀ, ନେତା, ନିର୍ବାଚିତ ଜନ ପ୍ରତିନିଧି, ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଏନ୍ଏସି ଅଧକ୍ଷା ସସ୍ମିତା ରାଉତ ଉପାଧକ୍ଷ ବି ଶୁଭ୍ରଶଙ୍କର ଜ୍ୟୋତି, ଜିଲ୍ଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ସଭ୍ୟା ଶାନ୍ତିଲତା ବେହେରା ଓ ମିନତୀ ଗାଗରାଇ ପ୍ରମୁଖ ସାମିଲ ହୋଇଥିଲେ ।ଶୋଭାଯାତ୍ରା ଆସି ପହ□ିବା ପରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସମସ୍ତ ନେତା ଓ କର୍ମୀ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସେଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବିଧାୟକ ସ୍ୱାଇଁଙ୍କ ସମେତ ସାହିତ୍ୟିକ ଡଃ ନାରାୟଣ ପଣ୍ଡା, ବରିଷ୍ଠ ନେତା ଲଳିତେନ୍ଦୁ ସେନାପତି, ପ୍ରଦୀପ୍ତ ଦାସ, ପ୍ରକାଶ ରାଉତ, ମହିଳା ବିଜେଡି ନେତ୍ରୀ ମିତା ରାଉତ ପ୍ରମୁଖ ତିନି ଦଶନ୍ଧି ଧରି ବିଜୁ ବାବୁଙ୍କ ଜୟନ୍ତୀ ମାର୍ଚ୍ଚ ୫ ତାରିଖରେ ପଞ୍ଚାୟତିରାଜ ଦିବସ ପାଳନକୁ ରାଜ୍ୟ ସରକାର ବନ୍ଦ କରିବା ଘଟଣାକୁ ତୀବ୍ର ନିନ୍ଦା କରିଥିଲେ। ସହିତ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତି ଏହି ଅପମାନ ସମଗ୍ର ଓଡିଆ ଜାତି ପାଇଁ ଅସହ୍ୟ ଯନ୍ତ୍ରଣାଦାୟକ ବୋଲି ସେମାନେ କହିଥିଲେ । ବିଜୁ ପଟ୍ଟନାୟକ ପଞ୍ଚାୟତିରାଜ ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲେ ଏବଂ ଦେଶରେ ପ୍ରଥମେ ଓଡିଶାରେ ପଞ୍ଚାୟତରାଜ ବ୍ୟବସ୍ଥାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ କରି ଦେଶ ପାଇଁ ଉଦାହରଣ ସୃଷ୍ଟି କରିଥିଲେ । ତେବେ ରାଜ୍ୟର ବିଜେପି ସରକାର ବିଜୁ ବାବୁଙ୍କ ଭଳି ଜଣେ ସର୍ବମାନ୍ୟ ଜନନାୟକଙ୍କୁ ଅସମ୍ମାନ କରିବା ପ୍ରତ୍ୟେକ ଓଡିଆଙ୍କୁ ବ୍ୟଥିତ କରିଛି ବୋଲି ବିଧାୟକ ସ୍ୱାଇଁ ମତପ୍ରକାଶ କରିଥିଲେ । ରାଜ୍ୟ ସରକାର ତାଙ୍କ ନିଷ୍ପତ୍ତିର ପୁନର୍ବିଚାର କରିବା ସହ ପୂର୍ବ ପରି ମାର୍ଚ୍ଚ ୫ ତାରିଖକୁ ପଞ୍ଚାୟତିରାଜ ଦିବସ ଭାବେ ଘୋଷଣା କରନ୍ତୁ ବୋଲି ବିଜେଡି ନେତାମାନେ ଦାବି କରିଥିଲେ । ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏ ସମ୍ପର୍କିତ ଏକ ସ୍ମାରକପତ୍ର ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମାଙ୍କୁ ପ୍ରଦାନ କରାଯାଇଥିଲା ।

## ଆଇଟିଡିଏ ତରଫରୁ ପାଣି ପମ୍ପସେଟ୍ ବଣ୍ଟନ

ମାଲକାନଗିରି: ମାଲକାନଗିରି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ତରଫରୁ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିସନ କାର୍ଯକ୍ରମ ମାଧ୍ୟମରେ ଜନଜାତି ଜୀବିକା ପରିଷଦର ହିତାଧିକାରୀମାନଙ୍କୁ ୬୪ଟି ପେଟ୍ରୋଲ ପମ୍ପସେଟ୍ ବଣ୍ଟନ କରାଯାଇଛି ।ଏହି କାର୍ଯ୍ୟକ୍ରମରେ ପଡିଆ, ଚିତ୍ରକୋଣ୍ଡା, ମାଥିଲି ଓ ଖଇରପୁଟ ବ୍ଲକର ଅଗ୍ରଣୀ ଆଦିବାସୀ ଚାଷୀମାନେ ଯୋଗ ଦେଇଥିଲେ ।ପ୍ରକଳ୍ପ ପ୍ରଶାସକ ହଳଧର ଶବର ଏହି ବଣ୍ଟନ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ମାଲକାନଗିରି ବିଧାୟକ ନରସିଂହ ମାଡ଼କାମି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ହିତାଧିକାରୀମାନଙ୍କୁ ପମ୍ପସେଟ୍ ବଣ୍ଟନ କରିଥିଲେ। ଆଇଟିଡିଏର ପ୍ରକଳ୍ପ ପରିଚାଳକ ବିଶ୍ୱନାଥ ମିଶ୍ର ଅତିଥିଙ୍କୁ ସ୍ୱାଗତ କରିବାସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ବିଷୟବସ୍ତୁ ବିଶେଷଜ୍ଞ ପ୍ରଗତି ପାଣିଗ୍ରାହୀ,ଜଗନ୍ନାଥ ଖିଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକ ଜୀବିକା ବିଶେଷଜ୍ଞ ଦେବବ୍ରତ ସରକାର, ଅଭିମନ୍ୟୁ ନାୟକ, ଭାବଗ୍ରାହୀ ବଳ ପ୍ରମୁଖ ସହଯୋଗ କରିଥିଲେ ।ଓଡ଼ିଶା କୃଷି ଶିଳ୍ପ ନିଗମ ମାଲକାନଗିରିର କର୍ମଚାରୀ ପାଣି ପମ୍ପସେଟ୍ର ବ୍ୟବହାର ବିଷୟରେ ବୈଷୟିକ ଜ୍ଞାନ ପ୍ରଦାନ କରିଥିଲେ।

# ମାର୍ଚ୍ଚ ୫ରେ ପଞ୍ଚାୟତରାଜ ଦିବସ ପାଳନ ବାତିଲ ନେଇ ବିଜେଡିର ପ୍ରତିବାଦ ସଭା



ଦଶରଥପୁର, (ମହାଭାରତ ): ମାର୍ଚ୍ଚ ୫ ତାରିଖ ଦିନକୁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତି ତଥା ପଞ୍ଚାୟତ ରାଜ ଦିବସ ରୂପେ ସରକାରୀ ଭାବେ ପାଳନ କରାଯାଇ ଆସୁଥିଲା ସରକାର ବଦଳିବା ପରେ ମଧ୍ୟ ଏଥର ନୂତନ ସରକାର ସରକାରୀ କ୍ୟାଲେଣ୍ଡରରେ ମାର୍ଚ୍ଚ ୫ ତାରିଖକୁ ଛୁଟିଦିନ ରୂପେ ସୂଚିତ କରିଥିଲେ । କିନ୍ତୁ ହଟାତ ମାର୍ଚ୍ଚ ୩ ତାରିଖ ଦିନ ରାଜ୍ୟ ସରକାର ମାର୍ଚ୍ଚ ୫ ତାରିଖରେ ପଞ୍ଚାୟତ ରାଜ ଦିବସ ପାଳନ ହେବନାହିଁ ବୋଲି ବିଜ୍ଞପ୍ତି ପ୍ରକାଶ କରିବା ସହ ଉକ୍ତ ଦିବସଟିକୁ ଛୁଟି ବାତିଲ କରିଥିଲେ ଯାହାକୁ ନେଇ ଏହାର ପ୍ରତିବାଦରେ ଓଡିଶା ସାରା ବିଜୁଜନତା ଦଳ ପକ୍ଷରୁ ସମସ୍ତ ବ୍ଲକ ସମ୍ମୁଖରେ ପ୍ରତିବାଦ ସଭା ପାଳନ କରାଯାଉଥିବା ବେଳେ ଆଜି ଏହି ପରିପ୍ରେକ୍ଷୀରେ ଦଶରଥପୁର ବ୍ଲକ ତହସିଲ ପଡିଆ ଠାରେ ବ୍ଲକ ବିଯୁଜନତା ଦଳ ପକ୍ଷରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ଯାଜପୁର ଜିଲ୍ଲା ବିଯୁଜନତା ଦଳର ସଭାପତି ସରୋଜ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଯାଜପୁର ବିଧାୟିକା ସୁଜାତା ସାହୁ, ଯାଜପୁରର ବରିଷ୍ଠ ବିଜେଡି ନେତା କର୍ଣ୍ଣାଟ କେଶରି ଦାସ, ଦଶରଥପୁର ବ୍ଲକ ଅଧକ୍ଷ ଦିଗାମ୍ବର ମଲ୍ଲିକ, ବ୍ଲକ ବିଜେଡି ସଭାପତି ଅଜୟ କୁମାର ମହାନ୍ତି, ବ୍ଲକ ଉପାଧକ୍ଷ ଝିଲ୍ଲୀ ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟା ମନସ୍ୱିନୀ ଦାସ, ମାମିନା ମଲ୍ଲିକ, ବିଂଝାରପୁର ବିଧାୟିକାଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର ମହାନ୍ତି, କମାରଡ଼ିହି ପାକ୍ସ ସଭାପତି ଭାଗିରଥି ସାହୁ, ବରିଷ୍ଠ ବିଜେଡି ନେତା ପ୍ରଦୀପ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ରାଜ୍ୟରେ ଶାସନ କରୁଥିବା ବିଜେପି ତଥା ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ ସରକାର ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରତି କରିଥିବା ହିନ ମନ୍ୟତା ତଥା ଅପମାନକୁ ଦୃଢ଼ ନିନ୍ଦା କରିବା ସହ ବିଜେପି ସରକାର ଉପରେ ଗର୍ଜି ଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ଜିଲ୍ଲା ବିଯୁଜନତା ଦଳର ଉପସଭାପତି ବିରଜା ମଲ୍ଲିକ, ପାଲଟପୁର ସମିତିସଭ୍ୟ ଧୀରେନ୍ଦ୍ର ମଲ୍ଲିକ, ବିରୁହାଁ ସରପଞ୍ଚ ସୁବାସ ଦେବତା, ବିରଜାପୁର ସରପ□ ନିରାକାର ସାହୁ, ଚମ୍ପେଇପାଳ ସରପଞ୍ଚ ହିମାଂଶୁ ନାୟକ, କନିକାପଡା ସରପଞ୍ଚ ପ୍ରଦୀପ କୁମାର ଯେନାଙ୍କ ସମେତ ବ୍ଲକର ବହୁ ସରପ୍□ ସମିତିଙ୍କ ସମେତ ପ୍ରାୟ ୫ ସହରୁ ଉର୍ଦ୍ଧ ବିଜେଡି କର୍ମୀ ଯୋଗଦେଇ ବିଜେପିର ଏଭଳି ହିନ ରାଜନୀତିକୁ ତିବ୍ର ସମାଲୋଚନା କରିବା ସହ ବିଜେପି ଉପରେ ବର୍ଷି ଥିଲେ ତେବେ ସରକାର ପଞ୍ଚାୟତ ରାଜ ଦିବସ ପୂର୍ବପରି ମାର୍ଚ୍ଚ ୫ ତାରିଖରେ ପାଳନ କରିବା ସହ ସରକାରୀ ନିୟମକୁ ପ୍ରତ୍ୟାହାର ନକରନ୍ତି ତାହେଲେ ଆଗାମୀ ଦିନରେ ରାଜ୍ୟ ସହ ତୃଣ ମୂଳ ସ୍ତରରେ ଏହି ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି ।

## ଟୟୋଟା ଲିଜେଣ୍ଡର ୪୪ର ବଜାର ପ୍ରବେଶ

**ନୂଆଦିଲ୍ଲୀ,୬।୩(ଏଜେନ୍ସି):** ଉଚ୍ଚ-ପ୍ରଦର୍ଶକ, ଦୁଃସାହସିକ ଏବଂ ଷ୍ଟାଇଲିସ ଏସୟୁଭିର ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି ଟୟୋଟା କିର୍ଲୋସ୍କର ମୋଟର(ଟିକେଏମ) ପକ୍ଷରୁ ଅଲ୍ ନ୍ୟୁ ମାନୁଆଲ ଟ୍ରାନ୍ସମିସନ(ଏମ୍‌ଟି) ଗ୍ରେଡ୍‌ର ଲିଜେଣ୍ଡର ୪୪ ବଜାର ପ୍ରବେଶ କରାଯାଇଛି । ରୋମାଂଚକର ଡ୍ରାଇଭିଂ ଉତ୍ସାହୀମାନଙ୍କ ପାଇଁ ଏହା ଡିଜାଇନ କରାଯାଇଛି। ଏଥିରେ ନୂତନ ପ୍ରକାର ଶକ୍ତି, ବିଳାସପୂର୍ଣ୍ଣ ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିର ଏକ ଉତମ ମିଶ୍ରଣ ପ୍ରଦାନ କରିବା ସହିତ ନିୟନ୍ତ୍ରଣକୁ ବୃଦ୍ଧି କରିବାକୁ ସକ୍ଷମ। ଯେକୌଣସି ଭୂଖଣ୍ଡ ଉପରେ ପ୍ରଭାବ ପକାଇବା ପାଇଁ ନିର୍ମିତ, ଲିଜେଣ୍ଡର ୨୦୨୧ରେ ଉନ୍ନତ ୪୪ କ୍ଷମତା ସହିତ ଭାରତରେ ବଜାର ପ୍ରବେଶ କରିଥିଲା। ଏହା ଅଫ-ରୋଡ ଆଡଭେଂଚର ପାଇଁ ସକ୍ଷମ। ଲିଜେଣ୍ଡର ୪୪ ଏମ୍‌ଟିରେ ୨.୮ଲିଟର ଡିଜେଲ ଇଞ୍ଜିନ ଅଛି। ଯାହା ଅତୁଳନୀୟ ପାୱାର ବିତରଣ ପାଇଁ ବିକଶିତ କରାଯାଇଛି। ୨୦୪ ପିଏସ ପାୱାର ଏବଂ ୪୨୦ ଏନଏମ ଟର୍କ ଉତ୍ପାଦନ କରୁଥିବା, ଏହି ପାୱାରଟ୍ରେନ ଗ୍ରାହକଙ୍କ ପାଇଁ ବେଶ୍ ଉପଯୋଗୀ ହୋଇ ପାରିବ।

## ଭାଙ୍ଗିଥିବା ଘର ସରକାରୀ ଖର୍ଚ୍ଚରେ ତିଆରି କରିବାକୁ ନିର୍ଦ୍ଦେଶ ଦେବୁ

**ନୂଆଦିଲ୍ଲୀ,୬।୩(ଏଜେନ୍ସି):** ପ୍ରୟାଗରାଜରେ ୨୦୨୧ରେ ହୋଇଥିବା ଏକ ବୁଲଡୋଜର କାର୍ଯ୍ୟାନୁଷ୍ଠାନକୁ ନେଇ ସୁପ୍ରିମକୋର୍ଟ ୟୁପି ସରକାରଙ୍କୁ କଡ଼ା ପ୍ରଶ୍ନ କରିଛନ୍ତି । ଅଦାଲତ କହିଛନ୍ତି ଯେ ଭଙ୍ଗା ଯାଇଥିବା ଘରଗୁଡ଼ିକର ପୁନଃନିର୍ମାଣ ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେଇପାରନ୍ତି । ପ୍ରୟାଗରାଜରେ ଜଣେ ଓକିଲ, ଜଣେ ପ୍ରଫେସର ଏବଂ ଅନ୍ୟ ୩ ଜଣଙ୍କ ଘର ଭାଙ୍ଗିଦେଇଥିବାରୁ ବୁଧବାର ସୁପ୍ରିମକୋର୍ଟ ଉତ୍ତରପ୍ରଦେଶ ସରକାରଙ୍କୁ ସମାଲୋଚନା କରିଛନ୍ତି । ଜଷ୍ଟିସ୍ ଅଭୟ ଏସ୍ ଓକା ଓ ଜଷ୍ଟିସ୍ ଏନ୍ କୋଟିଶ୍ୱର ସିଂହ ତୀବ୍ର ଅସନ୍ତୋଷ ବ୍ୟକ୍ତ କରି କହିଛନ୍ତି ଯେ ଏଭଳି କାର୍ଯ୍ୟ ଏକ ଆଶ୍ଚର୍ଯ୍ୟଜନକ ଓ ଭୁଲ୍ ସଙ୍କେତ ଦେଇଥାଏ । ବିଚାରପତି ଓକା କହିଛନ୍ତି, ଧାରା ୨୧ ନାମକ କିଛି ଅଛି । ଜଷ୍ଟିସ୍ ଓକା ନିକଟରେ ସୁପ୍ରିମକୋର୍ଟଙ୍କ ଏକ ରାୟକୁ ମଧ୍ୟ ସୂଚାଇଥିଲେ ଯେଉଁଥିରେ ଉଚ୍ଛେଦ ପୂର୍ବରୁ



ଅନୁସରଣ କରାଯାଉଥିବା ପ୍ରକ୍ରିୟା ବିଷୟରେ ଉଲ୍ଲେଖ କରାଯାଇଥିଲା । ଜଷ୍ଟିସ୍ ଓକା ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରି କହିଛନ୍ତି ଯେ ଅଦାଲତ ଏବେ ଭାଙ୍ଗି ଯାଇଥିବା ନିର୍ମାଣଗୁଡ଼ିକର ପୁନଃନିର୍ମାଣ ପାଇଁ ରାଜ୍ୟସରକାରଙ୍କୁ ନିର୍ଦ୍ଦେଶ ଦେବେ ।ଜଷ୍ଟିସ ଓକା କହିଛନ୍ତି, ଆମେ ଏବେ ଆପଣଙ୍କ ଖର୍ଚ୍ଚରେ ପୁନଃନିର୍ମାଣ ଆଦେଶ ଦେବୁ, ଏହା ହିଁ ଏକମାତ୍ର ଉପାୟ । ଆହ୍ଲାବାଦ ହାଇକୋର୍ଟ ଉଚ୍ଛେଦ ବିରୋଧରେ କରିଥିବା ଆବେଦନ ଖାରଜ ହେବା ପରେ ଆବେଦନକାରୀ, ଆଇନଜୀବୀ ଜୁଲ୍ଫିକାର ହାଇଦର, ପ୍ରଫେସର ଅଲ୍ଲୀ ଅହମ୍ମଦ, ଦୁଇ ଜଣ ବିଧବା ଏବଂ ଅନ୍ୟ ଜଣେ ବ୍ୟକ୍ତି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

## ସକାଳ ୬ଟାରେ ଖୋଲିବ ରାମ ମନ୍ଦିର

**ନୂଆଦିଲ୍ଲୀ,୬।୩(ଏଜେନ୍ସି):** ରାମ ଭକ୍ତଙ୍କ ପାଇଁ ଖୁସି ଖବର । ଅଯୋଧ୍ୟା ରାମ ମନ୍ଦିରରେ ଦର୍ଶନ ସମୟ ବୃଦ୍ଧି କରାଯାଇଛି । ଏଣିକି ଅଯୋଧ୍ୟାର ରାମ ମନ୍ଦିର ସକାଳ ୭ଟା ପରିବର୍ତ୍ତେ ସକାଳ ୬ଟାରେ ଅର୍ଥାତ ଗୋଟିଏ ଘଣ୍ଟା ପୂର୍ବରୁ ଖୋଲିବ । ମନ୍ଦିର ଟ୍ରଷ୍ଟର ମିଡିଆ ସେଣ୍ଟର ପକ୍ଷରୁ ଦିଆଯାଇଥିବା ସୂଚନାରେ ରାମ ମନ୍ଦିରର ନୂତନ କାର୍ଯ୍ୟସୂଚୀ ବିଷୟରେ ସୂଚନା ଦିଆଯାଇଛି । ଯେଉଁଥିରେ ସଂଶୋଧିତ ଆରତୀ ସମୟ ଏବଂ ରାମ ମନ୍ଦିର ଦର୍ଶନର ସମୟ ଅନ୍ତର୍ଭୁକ୍ତ । ଯାହା ଗତକାଲି ଅର୍ଥାତ ସୋମବାର ଠାରୁ କାର୍ଯ୍ୟକାରୀ ହୋଇଛି । ରାମ ମନ୍ଦିରର ସଂଶୋଧିତ କାର୍ଯ୍ୟସୂଚୀ ଅନୁସାରେ , ଶୃଙ୍ଗାର ଆରତୀ ପରେ ଭକ୍ତମାନେ ସକାଳ ୬ ଟା ୩୦ ରୁ ୧୧ ଟା ୫୦ ମିନିଟ ପର୍ଯ୍ୟନ୍ତ ମନ୍ଦିରରେ ପ୍ରବେଶ କରିପାରିବେ । ଏହା ପରେ ରାଜଭୋଗ ଆରତୀ ପାଇଁ ମନ୍ଦିର ମଧ୍ୟାହ୍ନ ୧୨ଟାରେ ବନ୍ଦ ହେବ । ଦର୍ଶନ ସମୟ ଅପରାହ୍ନ ୧ଟାରୁ ସନ୍ଧ୍ୟା ୬ ଟା ୫୦ ମିନିଟ ପର୍ଯ୍ୟନ୍ତ ପୁନର୍ବାର ଆରମ୍ଭ ହେବ । ତା'ପରେ ସନ୍ଧ୍ୟା ୭ଟାରେ ସନ୍ଧ୍ୟା ଆରତୀ ହେବ । ପ୍ରକାଶ ଥାଉକି, ରାମ ମନ୍ଦିରରେ ରାମଲାଲାଙ୍କ ଅଭିଷେକ ହେବା ପରଠାରୁ ଅଯୋଧ୍ୟାରେ ଭକ୍ତମାନଙ୍କର ଭିଡ଼ ଦେଖିବାକୁ ମିଳୁଛି । ପର୍ବପର୍ବାଣୀରେ ଭକ୍ତଙ୍କ ଭିଡ଼ ଆଗରେ ସହରର ଟ୍ରାଫିକ୍ ବ୍ୟବସ୍ଥା ମଧ୍ୟ ବିଫଳ ହେଉଛି । ଯଦିଓ ରାମ ମନ୍ଦିର ନିର୍ମାଣ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇନାହିଁ, ତଥାପି ଭକ୍ତଙ୍କ ସଂଖ୍ୟାରେ କୌଣସି ହ୍ରାସ ହୋଇନାହିଁ। ରାମ ମନ୍ଦିର ନିର୍ମାଣ ସମ୍ପର୍କରେ ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଅଯୋଧ୍ୟା ଧାମ ଟ୍ରଷ୍ଟର ସାଧାରଣ ସମ୍ପାଦକ ଏବଂ ବିଶ୍ୱ ହିନ୍ଦୁ ପରିଷଦର କେନ୍ଦ୍ରୀୟ ଉପାଧ୍ୟକ୍ଷ ଚମ୍ପତ ରାୟ କହିଛନ୍ତି ଯେ, ଅକ୍ଟୋବର ସୁଦ୍ଧା ମନ୍ଦିରର ବହୁତ କାମ ସମାପ୍ତ ହେବ । ପୂର୍ବରୁ ରାମ ମନ୍ଦିର ନିର୍ମାଣ କମିଟିର ଅଧ୍ୟକ୍ଷ ନୃପେନ୍ଦ୍ର ମିଶ୍ର କହିଥିଲେ ଯେ, ରାମ ମନ୍ଦିର ପରିସରରେ ୨୦ ଏକର ଜମିରେ ଏକ ଉଦ୍ୟାନ ବିକଶିତ କରାଯିବ। ମନ୍ଦିରର ଭୂତଳ, ପ୍ରଥମ ମହଲା ଏବଂ ଦ୍ୱିତୀୟ ମହଲା ଭିତରେ ମୂର୍ତ୍ତି ଖୋଦନ କାର୍ଯ୍ୟ ଚାଲିଛି ଯାହା ମାର୍ଚ୍ଚ ସୁଦ୍ଧା ଶେଷ ହେବ ।

## ନୂଆଦିଲ୍ଲୀରେ ନେସ୍ପ୍ରେସୋର ପ୍ରଥମ ବୁଟିକ୍ ଖୋଲିଲା

**ନୂଆଦିଲ୍ଲୀ,୬।୩(ଏଜେନ୍ସି):** ପ୍ରିମିୟମ୍ କଫିର ଅଗ୍ରଣୀ ନେସ୍ପ୍ରେସୋ, ନୂଆଦିଲ୍ଲୀର ସାକେତସ୍ଥିତ ଗ୍ରାଉଣ୍ଡ ଫ୍ଲୋର ସିଲେକ୍ଟ ସିଟି ?ାକ୍ ମଲ୍‌ରେ ଏହାର ପ୍ରଥମ ବୁଟିକ୍‌ର ଶୁଭାରମ୍ଭ କରିଛି। ୨୦୨୪ଶେଷ ଭାଗରେ ଭାରତରେ ପ୍ରାରମ୍ଭିକ ପ୍ରବେଶ ପରେ ଏହି ଶୁଭାରମ୍ଭ ନେସ୍ପ୍ରେସୋର ବିଶ୍ୱବ୍ୟାପୀ ପ୍ରସାରଣରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ। ନୂତନ ବୁଟିକ୍ କଫି ଉତ୍ସାହୀମାନଙ୍କୁ ଏକ ଅନନ୍ୟ ଅଭିଜ୍ଞତା ପ୍ରଦାନ କରିବ। ନେସ୍ପ୍ରେସୋର ଉଚ୍ଚ-ଗୁଣବତ୍ତା କଫି ଏବଂ ଅତ୍ୟାଧୁନିକ ମେସିନ୍‌ର ପ୍ରତୀକାତ୍ମକ ପରିସର ପ୍ରଦର୍ଶନ କରିଥାଏ। ଏଠାରେ ଗ୍ରାହକମାନେ ବିଭିନ୍ନ ପ୍ରକାରର କଫି ମିଶ୍ରଣ ଅନୁସନ୍ଧାନ ଏବଂ ସ୍ୱାଦ ନେଇପାରିବେ। ତାଲିମପ୍ରାପ୍ତ କଫି ବିଶେଷଜ୍ଞଙ୍କଠାରୁ ବ୍ୟକ୍ତିଗତ ସୁପାରିଶ ପାଇପାରିବେ ଏବଂ ସ୍ଥାୟୀତ୍ୱ ପ୍ରତି ନେସ୍ପ୍ରେସୋର ପ୍ରତିବଦ୍ଧତା ବିଷୟରେ ଜାଣିପାରିବେ। ଏହି ଅବସରରେ ନେସ୍ପ୍ରେସୋର ସିଇଓ ଫିଲିପ୍ ନାଭରାଟିଲ୍ କହିଲେ, ଦିଲ୍ଲୀରେ ନେସ୍ପ୍ରେସୋ ବୁଟିକ୍ ଆରମ୍ଭ ହେବା ଭାରତରେ ବଢ଼ୁଥିବା କଫି ସଂସ୍କୃତି ପ୍ରତି ଆମର ପ୍ରତିବଦ୍ଧତାର ପ୍ରମାଣ।

## ପ୍ରତିଶ୍ରୁତି ଦେଇ ଭୁଲିଯିବା ବିଜେପିର ଅଭ୍ୟାସ

**ନୂଆଦିଲ୍ଲୀ,୬।୩(ଏଜେନ୍ସି):** ଦିଲ୍ଲୀରେ ଶାସନ ଗାଦିରେ ବସିଛି ବିଜେପି ସରକାର । ନିର୍ବାଚନ ପୂର୍ବରୁ ଜନତାଙ୍କୁ ଅନେକ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଛି ବିଜେପି । କ୍ଷମତାକୁ ଆସିଲେ ମହିଳାଙ୍କୁ ୨୫୦୦ ଟଙ୍କା ଦେବା ନେଇ ବି ପ୍ରତିଶ୍ରୁତି ଦେଇଥିଲା ବିଜେପି । କିନ୍ତୁ କ୍ଷମତାକୁ ଆସିବାର ପାଖାପାଖି ୧ମାସ ବିତିଯାଇଥିଲେ ବି ଏବେ ଯାଏଁ ପ୍ରତିଶ୍ରୁତିକୁ ପୂରା କରିନି ବିଜେପି। ଯାହାକୁ ନେଇ ଆମ ଆଦମୀ ପାର୍ଟି ପରେ କଂଗ୍ରେସ ରେଖା ସରକାରଙ୍କୁ ଟାର୍ଗେଟ୍ କରିଛି । ମହିଳା ଦିବସ ପୂର୍ବରୁ ମହିଳାଙ୍କୁ ୨୫୦୦ଟଙ୍କା ଦେବା ପାଇଁ କଂଗ୍ରେସ ଦାବି ଉଠାଇଛି । ଦିଲ୍ଲୀ କଂଗ୍ରେସ ଅଧ୍ୟକ୍ଷ ଦେବେନ୍ଦ୍ର ଯାଦବ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କୁ ସିଧାସଳଖ ଟାର୍ଗେଟ୍ କରିଛନ୍ତି । ନିର୍ବାଚନ ପୂର୍ବରୁ ଦିଆଯାଇଥିବା ପ୍ରତିଶ୍ରୁତି ଏବେଯାଏଁ କାହିଁକି ବିଜେପି ନିର୍ବାଚନ ପୂର୍ବରୁ ବହୁତ ବଡ ବଡ ପ୍ରତିଶ୍ରୁତି ଦେଇଥିଲା । ମହିଳାଙ୍କୁ ୨୫୦୦ଟଙ୍କା ଲେଖାଏଁ ଦେବା କଥା କହିଥିଲା । କିନ୍ତୁ ଏବେ ଯାଏଁ ମହିଳାଙ୍କୁ ଟଙ୍କା ମିଳିଲା ନାହିଁ ।



ତେଣୁ ମହିଳା ଦିବସ ପୂର୍ବରୁ ୨୫୦୦ଟଙ୍କା ଦିଆଯାଉ ବୋଲି କହିଛନ୍ତି ଦେବେନ୍ଦ୍ର ଯାଦବ । ଦେବେନ୍ଦ୍ର ଯାଦବ କହିଛନ୍ତି, ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ନିଜେ ଜଣେ ମହିଳା ତେଣୁ ସେ ମହିଳାଙ୍କ ସମସ୍ୟା ବୁଝିବା ଦରକାର । ଦିଲ୍ଲୀ ଏବଂ କେନ୍ଦ୍ରରେ ଡବଲ ଇଞ୍ଜିନ୍ ସରକାର ରହିଛି । କିନ୍ତୁ ଏବେ ସୁଦ୍ଧା ମହିଳାଙ୍କୁ ୨୫୦୦ ଟଙ୍କା ମିଳିପାରିଲା ନାହିଁ । ଯାହା ବିଜେପିର ପାରିବା ପଣିଆ ଉପରେ ପ୍ରଶ୍ନ ଉଠାଇଛି । ଦିଲ୍ଲୀ ଜନତାଙ୍କୁ ଏବେ ଯାଏଁ ଖାଲି ପ୍ରତିଶ୍ରୁତି ମିଳିଛି । କିନ୍ତୁ ତୃଣମୂଳ ସ୍ତରରୁ କୌଣସି କାମ ହୋଇନି । ଆମ ଆଦମୀ ପାର୍ଟି ଥିବା ବେଳେ ଆମ ଆଦମୀ ପାର୍ଟିର ବିଫଳତାକୁ ମୁଦ୍ଦା କରି ବିଜେପି ନିର୍ବାଚନ ଲଢିଥିଲା । କିନ୍ତୁ ସରକାରକୁ ଆସିବା ପରେ ବି ବିଜେପି ନିଜେ କୌଣସି କାମ କରୁନାହିଁ । ଯେତେବେଳେ କଂଗ୍ରେସ ସରକାର ଥିଲା ସେତେବେଳେ ଦିଲ୍ଲୀକୁ ଏକ ୱାର୍ଲ୍ଡ କ୍ଲାସ୍ ସହର ଦେଇଥିଲା । କିନ୍ତୁ ବିଗତ ୧୧ବର୍ଷରେ ଏହା ସମ୍ପୂର୍ଣ୍ଣ ଖରାପ ହୋଇସାରିଛି । ତେଣୁ ଯଦି ବିଜେପି ଚାହୁଁଛି ଜନତା ତାଙ୍କ ଉପରେ ଭରସା ବଜାୟ ରଖନ୍ତୁ, ତେବେ ବିଜେପିକୁ ତାର ପ୍ରତିଶ୍ରୁତି ପୂରା କରିବାକୁ ପଡିବ ଏବଂ ମହିଳାଙ୍କୁ ୨୫୦୦ ଟଙ୍କା ତୁରନ୍ତ ପଠାଇବା ନେଇ ନିଷ୍ପତ୍ତି ନେବାକୁ ପଡିବ ।

### ଅମରନାଥ ଯାତ୍ରାର ସିଡ୍ୟୁଲ ଜାରି

## ୩ ଜୁଲାଇରୁ ୯ ଅଗଷ୍ଟ ପର୍ଯ୍ୟନ୍ତ କରିପାରିବେ ଦର୍ଶନ

**ନୂଆଦିଲ୍ଲୀ,୬।୩(ଏଜେନ୍ସି):** ଅମରନାଥ ଯାତ୍ରାରେ ଯାଉଥିବା ଶ୍ରଦ୍ଧାଳୁଙ୍କ ପାଇଁ ଆସିଛି ଏକ ବଡ଼ ଖୁସି ଖବର । ପ୍ରକାଶ ପାଇଛି ଯାତ୍ରା ସିଡ୍ୟୁଲ । ଚଳିତ ବର୍ଷ ଶ୍ରଦ୍ଧାଳୁମାନେ ଜୁଲାଇ ୩ ରୁ ଅଗଷ୍ଟ ୯ ପର୍ଯ୍ୟନ୍ତ ବାବା ବର୍ଫାନୀଙ୍କ ଦର୍ଶନ କରିପାରିବେ । ଏହି ପବିତ୍ର ତୀର୍ଥଯାତ୍ରା ପାଇଁ ମୋଟ ନିର୍ଦ୍ଧାରିତ ଅବଧି ହେଉଛି ୩୮ ଦିନ । ଶ୍ରୀ ଅମରନାଥ ଶ୍ରାଇନ୍ ବୋର୍ଡର ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଯାତ୍ରା ପାଇଁ ପଞ୍ଜୀକରଣ ପ୍ରକ୍ରିୟା ଖୁବ୍ ଶୀଘ୍ର ଆରମ୍ଭ ହେବ, ଯାହା ଦ୍ୱାରା ଭକ୍ତମାନେ ଠିକ୍ ସମୟ ମଧ୍ୟରେ ସେମାନଙ୍କର ଯାତ୍ରା ଯୋଜନା କରିପାରିବେ। ଏହି ବୈଠକ ଅମରନାଥ ଶ୍ରାଇନ୍ ବୋର୍ଡର ଅଧ୍ୟକ୍ଷ ଏବଂ ଜମ୍ମୁ-କଶ୍ମୀରର ଉପରାଜ୍ୟପାଳ ମନୋଜ ସିହ୍ନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଜମ୍ମୁ-କଶ୍ମୀରର ଡିଜିପି ନଳିନ ପ୍ରଭାତ, ମୁଖ୍ୟ ସଚିବ ଅଟଳ ଡୁଲୁଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଅଂଶଗ୍ରହଣ କରିଥିଲେ । ଏହି ବୈଠକରେ ଅମରନାଥ ଯାତ୍ରାର



ପ୍ରସ୍ତୁତି ଏବଂ ଏହାର କାର୍ଯ୍ୟସୂଚୀ ଉପରେ ଆଲୋଚନା କରାଯାଇଥିଲା, ଯାହା ପରେ ଯାତ୍ରାର ତାରିଖ ଚୂଡ଼ାନ୍ତ କରାଯାଇଥିଲା । ଏପରି ସ୍ଥିତିରେ, ଏବେ ଶ୍ରଦ୍ଧାଳୁମାନେ ଜୁଲାଇ ୩ ରୁ ଅଗଷ୍ଟ ୯ ପର୍ଯ୍ୟନ୍ତ ବାବା ବର୍ଫାନୀଙ୍କ ଦର୍ଶନ କରିପାରିବେ । ପ୍ରତିବର୍ଷ ଅମରନାଥ ଯାତ୍ରା ୪୫ ରୁ ୬୦ ଦିନ ପର୍ଯ୍ୟନ୍ତ ଚାଲିଥିଲା । ଯଦିଓ ଏଥର ଅବଧି ଟିକିଏ କମ୍ । ଗତ ବର୍ଷ ୨୦୨୪ରେ, ଭକ୍ତମାନେ ୨୯ ଜୁନ୍ ରୁ ୧୯ ଅଗଷ୍ଟ ପର୍ଯ୍ୟନ୍ତ ବାବା ବର୍ଫାନୀଙ୍କ ଦର୍ଶନ କରିଥିଲେ, କିନ୍ତୁ ଏଥର ଅମରନାଥ ଯାତ୍ରା କେବଳ ୩୮ ଦିନ ପାଇଁ ଚାଲିବ । ଏହି ଯାତ୍ରା ରକ୍ଷାବନ୍ଧନ ଦିନ ଶେଷ ହେବ । ଅମରନାଥ ଯାତ୍ରା ସମ୍ପର୍କରେ ଟ୍ରଷ୍ଟ ଏବଂ ସରକାରଙ୍କ ପକ୍ଷରୁ ଭକ୍ତମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ । ସୁରକ୍ଷା ପ୍ରତି ବିଶେଷ ଯତ୍ନ ନିଆଯିବ । ସେମାନଙ୍କ ରହିବାର ବ୍ୟବସ୍ଥା କରାଯିବ । ସେଠାରେ ଲଙ୍ଗର ସୁବିଧା ମଧ୍ୟ ରହିବ । ଆଷାଢ଼ ପୂର୍ଣ୍ଣିମାରୁ ଆରମ୍ଭ ହେଉଥିବା ବାବା ଅମରନାଥଙ୍କ ଯାତ୍ରା ଶ୍ରାବଣ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲିଥାଏ । ପ୍ରତିବର୍ଷ ଦେଶର କୋଣ-ଅନୁକୋଣରୁ ଶ୍ରଦ୍ଧାଳୁମାନେ ଆଗମନ କରିଥାନ୍ତି ।

### ପୁଣି ଉତ୍ତରାଖଣ୍ଡରେ ଅଘଟଣ

## ଚମୋଲିରେ ଭୂସ୍ଖଳନ, ଭୁଶୁଡ଼ିଲା ବ୍ରିଜ୍

**ଡେରାଡୁନ,୬।୩(ଏଜେନ୍ସି):** ପୁଣି ଉତ୍ତରାଖଣ୍ଡରେ ଅଘଟଣ । ହିମସ୍ଖଳନ ପରେ ଏବେ ଭୂସ୍ଖଳନର ଭୟ । ଚମୋଲିରେ ପୁଣି ପ୍ରକୃତି ରଚିଲା ତାଣ୍ଡବ । ଚମୋଲି ଗୋବିନ୍ଦଘାଟରେ ଆଜି ସକାଳେ ସକାଳେ ପାହାଡ ଧସିଛି । ଏବଂ ଭୂସ୍ଖଳନ କାରଣରୁ ହେମକୁଣ୍ଡ ସାହିବକୁ ଯୋଡୁଥିବା ପୋଲ ଭୁଶୁଡି ପଡିଛି । ଚମୋଲି ଜିଲ୍ଲାରେ ହିମସ୍ଖଳନର ଭୟ ଏବେବି ଥିବା ବେଳେ ଭୂସ୍ଖଳନ ପୁଣି ଲୋକଙ୍କୁ ଡରାଇଛି । ତେବେ ଚମୋଲିରେ ପାଣିପାଗ ଠିକ୍ ରହୁ ନଥିବା କାରଣରୁ ପ୍ରାକୃତିକ ଅଘଟଣ ଘଟୁଥିବା ପାଣିପାଗ ବିଜ୍ଞାନୀ କହିଛନ୍ତି । ମାର୍ଚ୍ଚ ୮ ପରେ ପାଣିପାଗରେ ସାମାନ୍ୟ ପରିବର୍ତ୍ତନ ଆସିବ । ବଦ୍ରିନାଥ, ହେମକୁଣ୍ଡ ସାହିବ ଆଦି ଅଞ୍ଚଳରେ ପ୍ରବଳ ତୁଷାରପାତ ହେଉଥିବା ବେଳେ ଅନେକ ସ୍ଥାନରେ ବର୍ଷା ହେଉଛି ।



## ସହଜ ହେବ କେଦାରନାଥ ଯାତ୍ରା

**ନୂଆଦିଲ୍ଲୀ,୬।୩(ଏଜେନ୍ସି):** ବୁଧବାର କେନ୍ଦ୍ର କ୍ୟାବିନେଟ ବୈଠକରେ ଉତ୍ତରାଖଣ୍ଡକୁ ଏକ ବଡ଼ ଉପହାର ମିଳିଛି । କେନ୍ଦ୍ରର ମୋଦି ସରକାର ଉତ୍ତରାଖଣ୍ଡର କେଦାରନାଥ ଧାମ ପାଇଁ ରୋପୱେ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ସୋନପ୍ରୟାଗରୁ କେଦାରନାଥ ପର୍ଯ୍ୟନ୍ତ ୧୨.୯ କିଲୋମିଟର ରୋପୱେ ନିର୍ମାଣ କରାଯିବ, ଯେଉଁଥିପାଇଁ ୪୦୮୧ କୋଟି ଟଙ୍କା ଖର୍ଚ୍ଚ ହେବ । ନ୍ୟାସନାଲ ହାଇୱେ ଲଜିଷ୍ଟିକ୍ସ ମ୍ୟାନେଜମେଣ୍ଟ ଏହାକୁ ନିର୍ମାଣ କରିବ । କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହାର ସବୁଠାରୁ ବଡ଼ ଲାଭ ଏହା ହେବ ଯେ, ବର୍ତ୍ତମାନ ଯେଉଁ ରାସ୍ତାକୁ ୮ ରୁ ୯ ଘଣ୍ଟା ଲାଗୁଥିଲା, ତାହା ଏବେ ୩୬ ମିନିଟକୁ ହ୍ରାସ ପାଇବ ।ଏଥିରେ ୩୬ ଜଣଙ୍କ ବସିବା କ୍ଷମତା ରହିବ । କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପ ଚାରିଧାମ ଯାତ୍ରାକୁ ପ୍ରୋତ୍ସାହିତ କରିବ, ଯାହା ସ୍ଥାନୀୟ ବ୍ୟବସାୟ ଗୁଡ଼ିକୁ ଲାଭ ଦେବ ଏବଂ ଅଞ୍ଚଳର ଆର୍ଥିକ ଅଭିବୃଦ୍ଧିକୁ ବୃଦ୍ଧି କରିବ । ଏହା ସମ୍ପୂର୍ଣ୍ଣ ଛଅ ମାସ ପାଇଁ ତୀର୍ଥଯାତ୍ରୀଙ୍କ ନିରନ୍ତର ପରିବହନ ସୁନିଶ୍ଚିତ କରିବ, ଯାହା ଦ୍ୱାରା ପ୍ରଥମ ଦୁଇ ମାସରେ ସମ୍ବଳ ଉପରେ ଅତ୍ୟଧିକ ଚାପ ହ୍ରାସ ପାଇବ । କେବଳ ଏତିକି ନୁହେଁ, ଯାତ୍ରା ଋତୁରେ ନିଯୁକ୍ତି ସୁଯୋଗ ମଧ୍ୟ ବୃଦ୍ଧି ପାଇବ । କେଦାରନାଥ ରୋପୱେ ପ୍ରକଳ୍ପ ଉତ୍ତରାଖଣ୍ଡ ରୋପୱେ ଆଇନ, ୨୦୧୪ ଅନୁଯାୟୀ କାର୍ଯ୍ୟ କରିବ, ଯାହା ଲାଇସେନ୍ସିଂ, କାର୍ଯ୍ୟର ତଦାରଖ, ସୁରକ୍ଷା ଏବଂ ଭଡ଼ା ନିର୍ଦ୍ଧାରଣ ପାଇଁ ଆଇନଗତ ଢାଞ୍ଚା ପ୍ରଦାନ କରେ । ଦ୍ୱିତୀୟ ପ୍ରକଳ୍ପ ହେଉଛି ହେମକୁଣ୍ଡ ସାହିବରେ ଏକ ରୋପୱେ ପ୍ରକଳ୍ପ ନିର୍ମାଣ କରିବା, ଯାହା ପାଇଁ ୨୭୩୦ କୋଟି ଟଙ୍କା ଖର୍ଚ୍ଚ ହେବ । ଏହି ପ୍ରକଳ୍ପ ମାଧ୍ୟମରେ, ହେମକୁଣ୍ଡ ସାହିବ ଏବଂ ଭ୍ୟାଲି ଅଫ୍ ଫ୍ଲାୱାର ଯାତ୍ରା କରିପାରିବେ ।



## 'ମୋ ଜୀବନ ପ୍ରତି ବିପଦ ଅଛି, ସେଥିପାଇଁ ସରକାର ଦାୟୀ ରହିବେ'

**ନୂଆଦିଲ୍ଲୀ,୬।୩(ଏଜେନ୍ସି):** ମହାରାଷ୍ଟ୍ର ବିଧାନସଭାରୁ ନିଲମ୍ବିତ ସମାଜବାଦୀ ପାର୍ଟି ବିଧାୟକ ଆବୁ ଆଜମୀ ଦାବି କରିଛନ୍ତି ଯେ, ତାଙ୍କ ଜୀବନ ପ୍ରତି ବିପଦ ଅଛି । ସେ କହିଛନ୍ତି ଯେ ମୋତେ ଧମକପୂର୍ଣ୍ଣ ଫୋନ୍ ଆସୁଛି ଏବଂ ମୁଁ ପୋଲିସ ସୁରକ୍ଷା ପାଇଁ ଆବେଦନ କରିବ । ଯଦି ମୋ ଜୀବନକୁ କିଛି ହୁଏ, ତେବେ ସେଥିପାଇଁ ସରକାର ଦାୟୀ ରହିବା ଉଚିତ । ମହାରାଷ୍ଟ୍ର ସମାଜବାଦୀ ପାର୍ଟିର ଅଧ୍ୟକ୍ଷ ଆବୁ ଆଜମୀ ପୁଣି ଥରେ ଔରଙ୍ଗଜେବଙ୍କ ଉପରେ ତାଙ୍କ ବୟାନ ସ୍ପଷ୍ଟ କରି କହିଛନ୍ତି, ମୁଁ କୌଣସି ବିବାଦୀୟ କଥା କହିନାହିଁ । ମୁଁ କେବଳ ଇତିହାସରେ ଯାହା ଅଛି ତାହା କହିଛି । କିନ୍ତୁ ଯଦି ଆପଣ ମୋ ଭାଷଣ ଯୋଗୁଁ ସମ୍ମିଳନୀକୁ ବନ୍ଦ କରିବାକୁ ଯାଉଛନ୍ତି, ତେବେ ମୁଁ ମୋର କଥା ଫେରାଇ ନେଉଛି । ସେ ଆହୁରି କହିଛନ୍ତି, ଇତିହାସରେ ଯାହା ଲେଖାଯାଇଛି, ମୁଁ ତାହାର ପ୍ରମାଣ ଦେଇଛି । ମୁଁ ବି ଟିମ୍ ନୁହେଁ, କାଲି ଠାକରେ ଗ୍ରୁପ ଏ ଦଳ ସହିତ ଯିବେ । ତା'ପରେ ଏକନାଥ ସିନ୍ଦେଙ୍କ ପୁସ୍ତକ ଆସିବ ଯାହାକୁ ସେ ଅନୁମୋଦନ କରିବେ । ମୁଁ ବିଧାନସଭାର ବାଚସ୍ପତିଙ୍କୁ ଭେଟିବି ଏବଂ ତାଙ୍କୁ ପଚାରିବି ଯେ କେଉଁ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ସୂଚନାଥାଉକି, ସମାଜବାଦୀ ପାର୍ଟି ବିଧାୟକ ଆବୁ ଆଜମୀଙ୍କୁ ମୋଗଲ ସମ୍ରାଟ ଔରଙ୍ଗଜେବଙ୍କ ପ୍ରଶଂସା କରିବା ପାଇଁ ଆଜି (ବୁଧବାର) ଚଳିତ ବଜେଟ ଅଧିବେଶନ ଶେଷ ପର୍ଯ୍ୟନ୍ତ ମହାରାଷ୍ଟ୍ର ବିଧାନସଭାର ସଦସ୍ୟତାରୁ ନିଲମ୍ବିତ କରାଯାଇଥିଲା । ରାଜ୍ୟ ବିଧାନସଭାର ବଜେଟ ଅଧିବେଶନ ମାର୍ଚ୍ଚ ୨୬ ତାରିଖରେ ଶେଷ ହେବ । ମହାରାଷ୍ଟ୍ର ମନ୍ତ୍ରୀ ଚନ୍ଦ୍ରକାନ୍ତ ପାଟିଲ ଗୃହରେ ନିଲମ୍ବନ ପ୍ରସ୍ତାବ ଆଗତ କରିଥିଲେ । ତା'ପରେ ସ୍ଥଗିତ ପ୍ରସ୍ତାବକୁ ଭଏସ୍ ଭୋଟ ଦ୍ୱାରା ଗୃହୀତ କରାଯାଇଥିଲା । ମହାରାଷ୍ଟ୍ରର ମହାୟୁତି ସରକାରରେ ଥିବା ଶାସକ ଦଳର ସଦସ୍ୟମାନେ କହିଛନ୍ତି ଯେ ଆବୁ ଆଜମୀଙ୍କ ଔରଙ୍ଗଜେବଙ୍କ ପ୍ରଶଂସା କରିବା ବୟାନ ମରାଠା ରାଜା ଛତ୍ରପତି ଶିବାଜୀ ମହାରାଜ ଏବଂ ତାଙ୍କ ପୁଅ ଛତ୍ରପତି ସମ୍ଭାଜୀ ମହାରାଜଙ୍କ ପ୍ରତି ଅପମାନ ।



## ରାହୁଲ୍ ଉପରେ କୋର୍ଟ ଲଗାଇଲେ ୨ଶହ ଟଙ୍କାର ଜରିମାନା

**ନୂଆଦିଲ୍ଲୀ,୬।୩(ଏଜେନ୍ସି):** କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଉପରେ ଲକ୍ଷ୍ନୌର ଏକ କୋର୍ଟ ୨ଶହ ଟଙ୍କା ଜରିମାନା ଲଗାଇଛନ୍ତି । ବୀର ସାବରକରଙ୍କ ଉପରେ ଦେଇଥିବା ବୟାନର ଶୁଣାଣି ସମୟରେ ସେ କୋର୍ଟରେ ହାଜର ହୋଇନଥିଲେ, ଯେଉଁ କାରଣରୁ ଅତିରିକ୍ତ ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟଙ୍କ କୋର୍ଟ ତାଙ୍କ ବିରୁଦ୍ଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଅତିରିକ୍ତ ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟ ଏହା ମଧ୍ୟ ଚେତାବନୀ ଦେଇଛନ୍ତି ଯେ ରାହୁଲ ଗାନ୍ଧୀ ଯେକୌଣସି ମୂଲ୍ୟରେ ୧୪ ଏପ୍ରିଲ୍ ୨୦୨୫ରେ କୋର୍ଟରେ ହାଜର ହେବା ଉଚିତ । ଆଉ ଏହା ମଧ୍ୟ କହିଛନ୍ତି ଯେ, ଯଦି କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ୧୪ ଏପ୍ରିଲ୍ ୨୦୨୫ରେ କୋର୍ଟରେ ହାଜର ନ ହୁଅନ୍ତି, ତେବେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ରାହୁଲ ଗାନ୍ଧୀ ଅକୋଲାରେ ଏକ ସାମ୍ବାଦିକ ସମ୍ମିଳନୀରେ ବୀର ସାବରକରଙ୍କ ଉପରେ ଏକ ବିବାଦୀୟ ବୟାନ ଦେଇଥିଲେ । ସେ ସାବରକରଙ୍କୁ ବ୍ରିଟିଶ ମାନଙ୍କର ଜଣେ ସେବକ ଏବଂ ପେନସନଭୋଗୀ ବୋଲି କହିଥିଲେ । ରାହୁଲ ଗାନ୍ଧୀଙ୍କ ଏହି ବୟାନ ବିରୋଧରେ ନୃପେନ୍ଦ୍ର ପାଣ୍ଡେ ଆହ୍ଲାବାଦ ହାଇକୋର୍ଟର ଲକ୍ଷ୍ନୌ ବେଞ୍ଚରେ ପହଞ୍ଚିଥିଲେ । କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ପକ୍ଷରୁ ଓକିଲ ପ୍ରାଂଶୁ ଅଗ୍ରୱାଲ କୋର୍ଟରେ ହାଜର ହୋଇଥିଲେ । ସେ କୋର୍ଟରେ ହାଜର ହେବାରୁ ରହିତାଦେଶ ପାଇଁ ଆବେଦନ କରିଥିଲେ । ଏହାର ଶୁଣାଣି ଲକ୍ଷ୍ନୌର ACJM କୋର୍ଟରେ ଚାଲିଛି । ଅଭିଯୋଗକାରୀ ଓକିଲ ନୃପେନ୍ଦ୍ର ପାଣ୍ଡେ କୋର୍ଟକୁ କହିଥିଲେ ଯେ ବାରମ୍ବାର ସମନ ଜାରି ସତ୍ତ୍ୱେ ରାହୁଲ ଗାନ୍ଧୀ ହାଜର ହେଉନାହାଁନ୍ତି । କୋର୍ଟ ତାଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ଉଚିତ । ରାହୁଲ ଗାନ୍ଧୀଙ୍କ ଓକିଲ ପ୍ରାଂଶୁ ଅଗ୍ରୱାଲ କୋର୍ଟକୁ କହିଥିଲେ ଯେ ସେ ବର୍ତ୍ତମାନ ଲୋକସଭାରେ ବିରୋଧୀ ଦଳ ନେତା । ସେ କୋର୍ଟକୁ କହିଥିଲେ,ରାହୁଲ ଗାନ୍ଧୀଙ୍କର ଦିଲ୍ଲୀରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଥିଲା । ଏହା ବ୍ୟତୀତ ତାଙ୍କୁ ଅନେକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ପଡିଥିଲା, ଯାହା ଯୋଗୁଁ ସେ କୋର୍ଟରେ ହାଜର ହୋଇପାରିଲେ ନାହିଁ ।

## ଆମେରିକାରେ ସୁରକ୍ଷିତ ନୁହଁନ୍ତି ଭାରତୀୟ

**ଆମେରିକା,୬।୩(ଏଜେନ୍ସି):** ବିଦେଶରେ ଅସୁରକ୍ଷିତ ଭାରତୀୟ । ପୁଣି ଜଣେ ଭାରତୀୟ ନର୍ସଙ୍କୁ ମରଣାନ୍ତକ ଆକ୍ରମଣ କଲେ ବିଦେଶୀ ଦୁର୍ବୃତ୍ତ । ପୂର୍ବରୁ ଅନେକ ଥର ଭାରତୀୟଙ୍କ ଉପରେ ଆକ୍ରମଣ ଖବର ଆପଣମାନେ ଶୁଣିଥିବେ । ଠିକ୍ ସେହିପରି ପୁଣିଥରେ ଆଉ ଏକ ଘଟଣା ସାମ୍ନାକୁ ଆସିଛି । ଯେଉଁ ଚିତ୍ରରୁ ସ୍ପଷ୍ଟ ଜଣା ପଡୁଛି ଯେ ମହିଳାଙ୍କ ଉପରେ କି ପ୍ରକାର ଅତ୍ୟାଚାର ହୋଇଥିବ । କାରଣ ତାଙ୍କ ଦେହରେ ରହିଛି ଅନେକ ଦାଗ । ଏବେ ସେ ହସ୍ପିଟାଲ ବେଡରେ ଜୀବନ ଜମରଣ ସହ ସଂଘର୍ଷ କରୁଛନ୍ତି । ଆମେରିକାରେ ଏବେ ବି ଅସୁରକ୍ଷିତ ଭାରତୀୟ ନାଗରିକ । ପ୍ରାୟ ସମୟରେ ତାଙ୍କୁ ଦିଆଯାଉଛି ଅକଥନୀୟ ନିର୍ଯାତନା । ଠିକ୍ ସେହିପରି ଫ୍ଲୋରିଡାରେ ଜଣେ ଭାରତୀୟଙ୍କୁ ମରଣାନ୍ତକ ଆକ୍ରଜମଣ କରାଯାଇଛି । ୱାଲିଂଟନରେ ରହୁଥିବା ପ୍ରବାସୀ ଭାରତୀୟ ନର୍ସ ଯାହାଙ୍କ ନାମ ଷ୍ଟିପେନ । ତାଙ୍କୁ ଆକ୍ରମଣ କରିବା ସହ ଲହୁଲୁହାଣ କରିଛନ୍ତି ଜଣେ ଦୁର୍ବୃତ୍ତ । ସୂଚନାନୁସାରେ, ମହିଳା ଜଣଙ୍କ କାମ ସାରି ନିଜ ଘରକୁ ଫେରୁଥିବା ବେଳେ, ହଠାତ ଜଣେ ଯୁବକ ତାଙ୍କ ପାଖକୁ ଆସିଥିଲେ । ଆଉ କେହି କିଛି ବୁଝିବା ଆଗରୁ ତାଙ୍କୁ ଗାଳି ଗୁଲଜ କରିବା ଆରମ୍ଭ କରିଥିଲେ । କେବଳ ଗାଳି ଗୁଲଜ କରିଥିଲେ ତା ନୁହେଁ । ବର୍ଣ୍ଣବୈଷମ୍ୟତାକୁ ନେଇ ଟିପ୍ପଣୀ ଦେଇଥିଲେ । ଷ୍ଟିପେନ ଏହାକୁ ବିରୋଧ କରିବାରୁ ଲୁହାରଡରେ ପିଟିବା ସହ ତାଙ୍କ ମୁହଁ ହାଡକୁ ଭାଙ୍ଗିଦେଇଥିଲେ ଦୁର୍ବୃତ୍ତ । ପରେ ମହିଳା ଜଣଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲାୟ ଯଦିଓ ଆକ୍ରମଣ କରିଥିବା ଯୁବକକୁ ପୋଲିସ ଗିରଫ କରିଛି । କିନ୍ତୁ ବାରମ୍ବାର ଆମେରିକାରେ ଭାରତୀୟଙ୍କ ଉପରେ ଆକ୍ରମଣ ଚିନ୍ତାର ବିଷୟ ପାଲଟିଛି ।

## ବଦଳିଲା ପାସପୋର୍ଟ ତିଆରି କରିବାର ନିୟମ

**ନୂଆଦିଲ୍ଲୀ,୬।୩(ଏଜେନ୍ସି):** ପାସ୍ପୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ । ଯାହାକି ବିଦେଶ ମନ୍ତ୍ରଣାଳୟର ପାସପୋର୍ଟ ବିଭାଗ ଦ୍ୱାରା ଜାରି କରାଯାଇଥାଏ । ଏହା ସହ ନାଗରିକାତା ପ୍ରମାଣ କରୁଥିବା ଗରୁତ୍ୱପୂର୍ଣ୍ଣ ଦସ୍ତାବିଜ । ବିନା ପାସପୋର୍ଟରେ ବିଦେଶ(କିଛି ଦେଶକୁ ଛାଡିକି) ଯିବା ସମ୍ଭବ ହୋଇପାରିବନି । ବିଦେଶରେ ପାସପୋର୍ଟ ଜରିଆରେ ହିଁ ଆପଣଙ୍କ ନାଗରିକତା ପ୍ରମାଣିତ ହୋଇଥାଏୟ ଭାରତ ସରକାର ପାସପୋର୍ଟ ତିଆରି କରିବାର ନିୟମରେ ପରିବର୍ତ୍ତନ କରିଛନ୍ତି । ଏବେ କେଣସି ଆବେଦକଙ୍କ ପାଇଁ ଜନ୍ମ ପ୍ରମାଣ ପତ୍ର ଦେବା ବାଧ୍ୟତାମୂଳକ କରି ଦିଆଯାଇଛି। ଅର୍ଥାତ ଯାହାଙ୍କ ଜନ୍ମ ୧ ଅକ୍ଟୋବର, ୨୦୨୩ ପରେ ହୋଇଛି ଓ ସେମାନେ ପାସପୋର୍ଟ ତିଆରି କରନ୍ତି ତେବେ ନିଜର ଜନ୍ମ ତିଥି ପାଇଁ ବାର୍ଥ ସାର୍ଟିଫିକେଟନ ଦେବା ବାଧ୍ୟତାମୂଳକ କରି ଦିଆଯାଇଛି । ୧ ଅକ୍ଟୋବର ୨୦୨୩ ପରେ ଜନ୍ମ ପରେ ଯଦି ପାସପୋର୍ଟ ତିଆରି କରିବାକୁ ଚାହାନ୍ତି ତେବେ ତାଙ୍କ ଜନ୍ମ ତିଥି ପାଇଁ କେବଳ ଜନ୍ମ ପ୍ରମାଣ ପତ୍ର ମାନ୍ୟତାପ୍ରାପ୍ତ ହେବ । ତେବେ ଏହା ପୂର୍ବରୁ ଜନ୍ମ ନେଇଥିବା ଲୋକ ୧୦ ଦଶମ ବୋର୍ଡର ମାର୍କସିଟ୍ କିମ୍ବା ସାର୍ଟିଫିକେଟ୍, ସ୍କୁଲ ଲିଭିଂ ସାର୍ଟିଫିକେଟ୍, ପ୍ୟାନ୍ କାର୍ଡ, ଡ୍ରାଇଭିଂ ଲାଇସେନ୍ସ କିମ୍ବା ଅନ୍ୟ ସରକାରୀ ଆଇଡି ଭଳି ଅତିରିକ୍ତ ଦସ୍ତାବିଜ ଆଧାରରେ ନିଜର ଜନ୍ମ ତିଥି ପ୍ରମାଣ କରିପାରନ୍ତି । ବଦଳି ଥିବା ପାସପୋର୍ଟର ଶେଷ ପୃଷ୍ଠାରେ ଏବେ ଆବାସିକ ଠିକଣା ପ୍ରିଣ୍ଟ କରାଯିବ ନାହିଁ । ଏହା ବଦଳରେ ଇମିଗ୍ରେସନ୍ ଅଧିକାରୀ ବାରକୋଡକୁ ସ୍କାନ୍ କରି ସୂଚନା ହାସଲ କରିପାରିବେ। ପାସପୋର୍ଟ ପାଇଁ ଏକ ଏକ କଲର କୋଡି ସିଷ୍ଟମ ଆରମ୍ଭ କରାଯାଇଛି। ଅଧିକାରୀଙ୍କ ପାଇଁ ଧଳା, କୁଟନୀତିଜ୍ଞଙ୍କ ପାଇଁ ଲାଲ ଓ ସାଧାରଣ ନାଗରିକଙ୍କୁ ନୀଳ ରଙ୍ଗର ପାସପୋର୍ଟ ଜାରି କରାଯିବ । ଯାହାକି ଅଧିକାରୀଙ୍କ ପାଇଁ ପାସ୍ପୋର୍ଟ ଚିହ୍ନଟ କରିବାରେ ସୁଗମତା ଓ ସହଜତା ପ୍ରଦାନ କରିବ । ପାସପୋର୍ଟଧାରୀଙ୍କ ବାପା-ମା'ଙ୍କ ନାଁ ଏବେ ପାସପୋର୍ଟର ଶେଷ ପୃଷ୍ଠାରେ ଛପାଯିବ ନାହିଁ । ଏହି ନିୟମରେ ଏକକ ଅଭିଭାବକ କିମ୍ବା ଅଲଗା ଅଲଗା ପରିବାରର ପିଲାଙ୍କୁ ଆଶ୍ୱସ୍ତି ମିଳିବ ଓ ତାଙ୍କର ଗୋପନୀୟତା ବଜାୟ ରହିବ । ସରକାର ନିଷ୍ପତ୍ତି ନେଇଛନ୍ତି ଯେ, ଆଗାମୀ ୫ ବର୍ଷରେ ପାସପୋର୍ଟ ସେବା କେନ୍ଦ୍ରର ସଂଖ୍ୟା ୪୪୨ରୁ ବଢି ୬୦୦ ହୋଇଯିବ । ଏହାଦ୍ୱାରା ଆବେଦନକଙ୍କ ପାଇଁ ସୁରକ୍ଷା ଦକ୍ଷତା ଓ ସୁବିଧା ବଢିପାରିବ ।

## ୪୦ ବର୍ଷ ପରେ ବୋଫର୍ସ ଦୁର୍ନୀତିର ହେବ ଯାଞ୍ଚ

**ନୂଆଦିଲ୍ଲୀ,୬।୩(ଏଜେନ୍ସି):** ଭାରତରେ ସବୁଠାରୁ ଚର୍ଚ୍ଚିତ ଦୁର୍ନୀତି ମଧ୍ୟରୁ ଗୋଟିଏ, ବୋଫର୍ସ ତୋପ ଦୁର୍ନୀତି ପୁଣି ଥରେ ଚର୍ଚ୍ଚାର ଶିରୋନାମାରେ । ଏହି ମାମଲାର ତଦନ୍ତକୁ ଆଗକୁ ବଢ଼ାଇବା ପାଇଁ ସିବିଆଇ ଆମେରିକାକୁ ଏକ ଲେଟର ରୋଗାଟୋରୀ ପଠାଇଛି । ଏହାର ଅର୍ଥ ହେଉଛି ଏହି ଠକେଇ ସହିତ ଜଡିତ ଜଣେ ପ୍ରମୁଖ ସାକ୍ଷୀ ମାଇକେଲ ହର୍ସମ୍ୟାନଙ୍କୁ ପଚରାଉଚରା କରିବା ପାଇଁ ଭାରତ ଆମେରିକାଠାରୁ ସାହାଯ୍ୟ ଲୋଡ଼ିଛି । ମାଇକେଲ ହର୍ସମ୍ୟାନ୍ ହେଉଛନ୍ତି ଏକ ଆମେରିକୀୟ ଘରୋଇ ତଦନ୍ତ ସଂସ୍ଥା ଫେୟାରଫାକ୍ସର ମୁଖ୍ୟ । ୨୦୧୭ ମସିହାରେ ଏକ ସାକ୍ଷାତକାର ସମୟରେ ସେ ଦାବି କରିଥିଲେ ଯେ ୧୯୮୬ ମସିହାରେ ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ତାଙ୍କୁ ବିଦେଶୀ ବ୍ୟାଙ୍କରେ ଜମା ହୋଇଥିବା କଳାଧନ ଏବଂ ମନି ଲଣ୍ଡରିଂର ତଦନ୍ତ ପାଇଁ ନିଯୁକ୍ତ କରିଥିଲେ । ଏହି ତଦନ୍ତ ସମୟରେ ସେ ବୋଫର୍ସ ଦୁର୍ନୀତି ସହ ଜଡିତ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ପାଇଥିଲେ । ହର୍ସମ୍ୟାନ୍ କହିଛନ୍ତି ଯଦି ତାଙ୍କୁ ସୁଯୋଗ ମିଳେ, ତେବେ ସେ ଭାରତୀୟ ତଦନ୍ତକାରୀ ସଂସ୍ଥାଗୁଡ଼ିକୁ ସାହାଯ୍ୟ କରିପାରିବେ ଏବଂ ଏହି ମାମଲାରେ ଅନେକ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିପାରିବେ । ବୋଫର୍ସ ଦୁର୍ନୀତିର ତଦନ୍ତକୁ ଆଗକୁ ବଢ଼ାଇବା ପାଇଁ ସିବିଆଇକୁ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଏବଂ ସାକ୍ଷୀଙ୍କ ବୟାନ ଆବଶ୍ୟକ। କାରଣ ମାଇକେଲ ହର୍ସମ୍ୟାନ୍ ଆମେରିକାରେ ଅଛନ୍ତି । ତେଣୁ ଭାରତ ଆମେରିକୀୟ ଏଜେନ୍ସିଗୁଡ଼ିକଠାରୁ ସାହାଯ୍ୟ ଲୋଡ଼ିଛି । ପୂର୍ବରୁ ସିବିଆଇ ଅର୍ଥ ମନ୍ତ୍ରଣାଳୟଠାରୁ ଏହି ମାମଲା ସହିତ ଜଡିତ କାଗଜପତ୍ର ମାଗିଥିଲା । କିନ୍ତୁ ମାମଲାଟି ଏତେ ପୁରୁଣା ହୋଇଥିବାରୁ, ମନ୍ତ୍ରଣାଳୟ ପାଖରେ ଏହି ରେକର୍ଡ ନଥିଲା । ଇଣ୍ଟରପୋଲ୍ ଠାରୁ ମଧ୍ୟ ସାହାଯ୍ୟ ଲୋଡାଯାଇଥିଲା । କିନ୍ତୁ ସେଠାରୁ କୌଣସି ଉତ୍ତର ଆସିଲା ନାହିଁ । ଏବେ ଚିଠି ରୋଗେଟୋରୀ ମାଧ୍ୟମରେ ଆମେରିକୀୟ କର୍ତ୍ତୃପକ୍ଷଙ୍କଠାରୁ ସିଧାସଳଖ ସାହାଯ୍ୟ ଲୋଡାଯାଇଛି । ଭାରତୀୟ ସେନାକୁ ସୁଦୃଢ଼ କରିବା ପାଇଁ, ୧୯୮୬-୮୭ ମସିହାରେ, ସରକାର ସ୍ୱିଡିସ୍ କମ୍ପାନୀ ଏବି ବୋଫୋର୍ସ ଠାରୁ ୬୪ଟି ବନ୍ଧୁକ କିଣିବା ପାଇଁ ଏକ ଚୁକ୍ତି କରିଥିଲେ । ଏହି ଚୁକ୍ତିର ମୋଟ ମୂଲ୍ୟ ପ୍ରାୟ ୧୪୩୭ କୋଟି ଟଙ୍କା ଥିଲା । କିନ୍ତୁ ପରେ ଅଭିଯୋଗ ଆସିଥିଲା ଯେ ଏହି ଚୁକ୍ତିରେ ବିପୁଳ କମିଶନ ଦିଆଯାଇଥିଲା ଏବଂ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଥିଲା । ସେତେବେଳେ ଭାରତର ପ୍ରଧାନମନ୍ତ୍ରୀ ଥିଲେ ରାଜୀବ ଗାନ୍ଧୀ ।



# ଫାଇନାଲ ପାଇଁ ଚାପରେ ନ୍ୟୁଜିଲାଣ୍ଡ !



ନୂଆଦିଲ୍ଲୀ,୬।୩: ଚାମ୍ପିୟନ୍ସ ଟ୍ରଫି ୨୦୨୫ର ଫାଇନାଲ ମ୍ୟାଚ ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯିବ। ଏହି ମ୍ୟାଚ ରବିବାର ଦୁବାଇରେ ଅନୁଷ୍ଠିତ ହେବ। ବରୁଣ ଚକ୍ରବର୍ତ୍ତୀ, ମହମ୍ମଦ ଶାମି, ବିରାଟ କୋହଲି ଏବଂ ଶ୍ରେୟସ ଆୟର ଏପର୍ଯ୍ୟନ୍ତ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଯଦି ଏହି ଚାରି ଜଣ ଖେଳାଳି ଫାଇନାଲରେ ପହଞ୍ଚିଯାଆନ୍ତି। ତେବେ ନ୍ୟୁଜିଲାଣ୍ଡର ପରାଜୟ ପ୍ରାୟ ନିଶ୍ଚିତ ହୋଇଯିବ। ଯଦି ଆମେ ପୂର୍ବ ମ୍ୟାଚରେ ନ୍ୟୁଜିଲାଣ୍ଡର ପ୍ରଦର୍ଶନ ଉପରେ ନଜର ପକାଇବା, ତେବେ ଏହା ଫାଇନାଲରେ ଭାରତକୁ କଡ଼ା ମୁକାବିଲା ଦେଇପାରେ।

ଭାରତ ଗ୍ରୁପ ମ୍ୟାଚରେ ନ୍ୟୁଜିଲ୍ୟାଣ୍ଡକୁ ପରାସ୍ତ କରିଥିଲା ଏହି ମ୍ୟାଚରେ ବରୁଣ ଚମତ୍କାର ବୋଲିଂ କରିଥିଲେ। ସେ ୧୦ ଓଭରରେ ୪୨ ରନ ଦେଇ ୫ଟି ଉଇକେଟ୍ ନେଇଥିଲେ।ବରୁଣଙ୍କ ସ୍ପିନ ନ୍ୟୁଜିଲ୍ୟାଣ୍ଡକୁ ଅସୁବିଧାରେ ପକାଇପାରେ। ସେ ବର୍ତ୍ତମାନ ଟୁର୍ନାମେଣ୍ଟରେ ସର୍ବାଧିକ ଉଇକେଟ୍ ନେବା ମାମଲାରେ ତୃତୀୟ ସ୍ଥାନରେ ଅଛନ୍ତି।ବରୁଣ ୭ଟି ଉଇକେଟ୍ ନେଇଛନ୍ତି।ତାଙ୍କ ସହିତ, ମହମ୍ମଦ ଶାମି ମଧ୍ୟ ଭାରତର ବିଜୟରେ ଗୁରୁତ୍ୱପୂର୍ଣ୍ଣ ପ୍ରମାଣିତ ହୋଇପାରନ୍ତି।ଶାମି ୪ଟି ମ୍ୟାଚରେ ୮ଟି ଉଇକେଟ୍ ନେଇଛନ୍ତି ଫାଇନାଲରେ ଶାମିଙ୍କ ପ୍ରଦର୍ଶନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରମାଣିତ ହୋଇପାରେ।

ବିରାଟ କୋହଲି ଏବଂ ଶ୍ରେୟସ ଆୟର ଏପର୍ଯ୍ୟନ୍ତ ବହୁତ ଭଲ ଫର୍ମରେ ଅଛନ୍ତି। ତୃତୀୟ ନମ୍ବରରେ ବ୍ୟାଟିଂ କରି, କୋହଲି ଏହି ଟୁର୍ନାମେଣ୍ଟରେ ଭାରତ ପାଇଁ ୨୧୭ ରନ କରିଛନ୍ତି। ସେ ଏକ ଶତକ ମଧ୍ୟ ମାରିଛନ୍ତି। ସେମିଫାଇନାଲରେ ଅଷ୍ଟ୍ରେଲିଆ ବିପକ୍ଷରେ ମଧ୍ୟ କୋହଲି ଚମତ୍କାର ପ୍ରଦର୍ଶନ କରିଥିଲେ ।ସେ ଜଣେ ବଡ଼ ମ୍ୟାଚ ଖେଳାଳି ଯଦି ଆମେ ରେକର୍ଡଗୁଡ଼ିକ ଉପରେ ନଜର ପକାଇବା, ତେବେ ସେ ନିଶ୍ଚିତ ଭାବରେ ଏପରି ମ୍ୟାଚଗୁଡ଼ିକରେ ଭଲ ପ୍ରଦର୍ଶନ କରନ୍ତି।ଆୟରଙ୍କ ବିଷୟରେ କହିବାକୁ ଗଲେ, ସେ ମଧ୍ୟକ୍ରମକୁ ମଜବୁତ କରନ୍ତି ଆୟର ୧୯୫ ରନ କରିଛନ୍ତି ଏବଂ ଫାଇନାଲରେ ମଧ୍ୟ ଚମତ୍କାର କରିପାରିବେ।

ଗତ ମ୍ୟାଚରେ ଭାରତ ନ୍ୟୁଜିଲ୍ୟାଣ୍ଡକୁ ଖରାପ ଭାବରେ ପରାସ୍ତ କରିଥିଲା। ଏହା ପାକିସ୍ତାନ ଏବଂ ବାଂଲାଦେଶକୁ ମଧ୍ୟ ଧୋଇ ନେଇଥିଲା ସେମିଫାଇନାଲରେ ମଧ୍ୟ ଟିମ ଇଣ୍ଡିଆ। ଫର୍ମରେ ଥିଲା। ସେ ଅଷ୍ଟ୍ରେଲିଆକୁ ପରାସ୍ତ କରିଥିଲେ। ସେ ଏପର୍ଯ୍ୟନ୍ତ ଦୁବାଇରେ ଚମତ୍କାର ପ୍ରଦର୍ଶନ କରିଛନ୍ତି ଏବେ ଭାରତୀୟ ଦଳ ଫାଇନାଲରେ ମଧ୍ୟ ଚମତ୍କାର କରିପାରିବ।

# ୨୫ ବର୍ଷ ପୂର୍ବେ ଆଘାତର ପ୍ରତିଶୋଧ ନେବ ଭାରତ !

ନୂଆଦିଲ୍ଲୀ,୬।୩: ରବିବାର ଚାମ୍ପିୟନ୍ସ ଟ୍ରଫିର ଫାଇନାଲ ଖେଳାଯିବ ଫାଇନାଲରେ ଭାରତ ଏବଂ ନ୍ୟୁଜିଲାଣ୍ଡ ଦଳ ପରସ୍ପରକୁ ମୁହାଁମୁହିଁ ହେବେ ୨୫ ବର୍ଷ ପୂର୍ବେ ପାଇଥିବା ଆଘାତର ପ୍ରତିଶୋଧରେ ଟିମ ଇଣ୍ଡିଆ। ନ୍ୟୁଜିଲାଣ୍ଡ ବିପକ୍ଷରେ ମଇଦାନକୁ ଓହ୍ଲାଇବ ପ୍ରକୃତରେ, ଭାରତ ଏବଂ ନ୍ୟୁଜିଲାଣ୍ଡ ଦଳ ୨୦୦୦ ଚାମ୍ପିୟନ୍ସ ଟ୍ରଫିର ଫାଇନାଲରେ ପରସ୍ପରକୁ ମୁହାଁମୁହିଁ ହୋଇଥିଲେ ସେହି ମ୍ୟାଚରେ ନ୍ୟୁଜିଲ୍ୟାଣ୍ଡ ଭାରତକୁ ପରାସ୍ତ କରିଥିଲା ହେଲେ ଏଥର କଣ ଟିମ ଇଣ୍ଡିଆ। ୨୫ ବର୍ଷ ପରେ ପ୍ରତିଶୋଧ ନେଇପାରିବ ? ପୂର୍ବରୁ, ରୋହିତ ଶର୍ମାଙ୍କ ନେତୃତ୍ୱରେ ଟିମ ଇଣ୍ଡିଆ। ଗ୍ରୁପ ପର୍ଯ୍ୟାୟ ମ୍ୟାଚ ନ୍ୟୁଜିଲ୍ୟାଣ୍ଡକୁ ପରାସ୍ତ କରିଥିଲା, କିନ୍ତୁ ଭାରତୀୟ ଦଳ ଫାଇନାଲରେ ତାର ଉତ୍କୃଷ୍ଟ ପ୍ରଦର୍ଶନ ଦୋହରାଇ ପାରିବ କି ?

୨୦୦୦ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଚାମ୍ପିୟନ୍ସ ଟ୍ରଫିର ଫାଇନାଲରେ, ଭାରତୀୟ ଦଳ ୫୦ ଓଭରରେ ୬ ଉଇକେଟ୍ ହରାଇ ୨୬୪ ରନ କରିଥିଲା। ସେହି ମ୍ୟାଚରେ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲି ୧୩୦ ବଲ୍‌ରେ ୧୧୭ ରନର ଇନିଂସ ଖେଳିଥିଲେ ସେ ତାଙ୍କ ଇନିଂସରେ ୯ଟି ଚୌକା ଏବଂ ୪ଟି ଛକା ମାରିଥିଲେ ଏହା ବ୍ୟତୀତ ସଚିନ ତେନ୍ଦୁଲକର ୮୩ ବଲରେ ୬୯ ରନ କରି ପାଭିଲିୟନ ଫେରିଥିଲେ। ମାଷ୍ଟର ବ୍ଲାଷ୍ଟର ତାଙ୍କ ଇନିଂସରେ ୧୦ଟି ଚୌକା ଏବଂ ୧ଟି ଛକା ମାରିଥିଲେ। ରାହୁଲ ଦ୍ରାବିଡ ୩୫ ବଲ ରୁ ୨୨ ରନ କରିଥିଲେ। ଏହା ସହିତ, ଯୁବରାଜ ସିଂ ୧୯ ବଲରେ ୧୮ ରନ କରିଥିଲେ। ଏହିପରି ଭାରତୀୟ ଦଳ ୫୦ ଓଭରରେ ୨୬୪ ରନ କରିଥିଲା।



# ମହାନ ଟେନିସ ଖେଳାଳି ଫ୍ରେଡ ଷ୍ଟୋଲଙ୍କ ପରଲୋକ

ମେଲବୋର୍ନ,୬।୩: ଦୁଇ ଥରର ଗ୍ରାଣ୍ଡସ୍ଲାମ ଖେଳାଳି ଓ ୩ ଥରର ଡେଭିସ କପ ବିଜୟୀ ଦଳର ସଦସ୍ୟ ଫ୍ରେଡ ଷ୍ଟୋଲଙ୍କ ପରଲୋକ ଘଟିଛି।ଏ ନେଇ ଟେନିସ ଅଷ୍ଟ୍ରେଲିଆ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି।ମୃତ୍ୟୁବେଳକୁ ତାଙ୍କୁ ୮୬ ବର୍ଷ ହୋଇଥିଲା। ଖେଳାଳି ଭାବେ



ସଫଳ କ୍ୟାରିୟର ଶେଷ କରିବା ପରେ ସେ କୋଚ ଓ ଅଷ୍ଟ୍ରେଲିଆର ନାଇନ ଚ୍ୟାନେଲ ଲାଗି କମେଣ୍ଟେଟର ଦାୟିତ୍ୱ ତୁଲାଇଥିଲେ।ଟେନିସ ଅଷ୍ଟ୍ରେଲିଆର ସିଇଓ କ୍ରେଗ ଟିଲେ ତାଙ୍କ ସମ୍ପର୍କରେ କହିଛନ୍ତି ଯେ, ଟେନିସ ଉପରେ ତାଙ୍କର ପ୍ରଭାବ ସର୍ବଦା ମନେ ରହିବ ତାଙ୍କ ଅବଦାନ ଦେଖିବାକୁ ସୌଭାଗ୍ୟ ପାଇଥିବା ଲୋକେ ତାଙ୍କୁ ସର୍ବଦା ମନେ ରଖିବେ ଅଷ୍ଟ୍ରେଲିଆ। ଡେଭିସ କପ ଦଳର ଜଣେ ଷ୍ଟାର ସଦସ୍ୟ ଭାବେ ଫ୍ରେଡ ପେସାଦାର ଟେନିସରୁ ଅବସର ନେବା ପରେ ଜଣେ କୋଚ ଓ କମେଣ୍ଟେଟର ଭାବେ ଟେନିସ ସହ ଯୋଡ଼ିହୋଇ ରହିଥିଲେ।ଷ୍ଟୋଲ ତାଙ୍କ କ୍ୟାରିୟରରେ ପ୍ରଥମ ୫ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫାଇନାଲରେ ପରାସ୍ତ ହୋଇଥିଲେ ଏଥିରୁ ୪ ଥର ତାଙ୍କୁ ନିଜ ଦେଶର ରୟ ଏମରସନଙ୍କ ପରାସ୍ତ କରିଥିଲେ ସେ ଟୋନି ରୋଚେଙ୍କୁ ପରାସ୍ତ କରି ୧୯୬୫ ଫ୍ରେଞ୍ଚ ଓପନ ଜିତିଥିଲେ ଏପରିକି ସେ ୟୁଏସ ଓପନ ଟାଇଟଲ ଜିତିବା ସହ ୱାଲର୍ଡ ର୍‌ୟାଙ୍କିଙ୍ଗ୍‌ସରେ ଶୀର୍ଷ ସ୍ଥାନ ଅଧିକାର କରିଥିଲେ।

# ମା ହେବେ ଭିନେଶ ଫୋଗଟ

ନୂଆଦିଲ୍ଲୀ,୬।୩: ଭାରତୀୟ କୁସ୍ତି ଯୋଦ୍ଧା ଭିନେଶ ଫୋଗଟ ଗୁରୁବାର ସ୍ୱାମୀ ସୋମବୀର ରାଠିଙ୍କ ସହ ପ୍ରେଗ୍ନେନ୍ସି ଘୋଷଣା କରିଛନ୍ତି। ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ ପରେ କୁସ୍ତିରୁ ଅବସର ନେଇଥିବା ଭିନେଶ ତାଙ୍କ ଅଫିସିଆଲ୍ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏହି ଘୋଷଣା କରିଛନ୍ତି, ଭିନେଶ ଏବଂ ରାଠି ୨୦୧୮ରେ ବିବାହ କରିଥିଲେ।



ଗୁରୁବାର ଏକ ପୋଷ୍ଟରେ, ଭିନେଶ ଏବଂ ତାଙ୍କ ସ୍ୱାମୀଙ୍କ ଏକ ଫଟୋ ପୋଷ୍ଟ କରିଛନ୍ତି। ଯେଉଁଥିରେ ଏକ କ୍ୟାପସନ ରହିଛି। ଏଥିରେ ସେ କହିଛନ୍ତି ଯେ ସେମାନଙ୍କ ପ୍ରେମ କାହାଣୀ ଏଥିରେ ଏକ ନୂତନ ଅଧ୍ୟାୟ ଯୋଡି ହେବା ସହିତ ଜାରି ରହିଛି। କ୍ୟାପସନରେ ଏକ ପାଦ ଏବଂ ହୃଦୟ ଇମୋଜି ମଧ୍ୟ ରହିଛି ପ୍ରଶଂସକ ଏବଂ କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆ। ଏବଂ ସାକ୍ଷୀ ମଲିକ ଆଦି ଇନଷ୍ଟାଗ୍ରାମରେ ଦମ୍ପତିଙ୍କୁ ସେମାନଙ୍କର ଶୁଭେଚ୍ଛା ପୋଷ୍ଟ କରିଥିଲେ।

ଭିନେଶ ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ ରେ ଇତିହାସ ରଚିଥିଲେ ଯେତେବେଳେ ସେ ଅଲିମ୍ପିକ୍ସ ଫାଇନାଲରେ ପହଞ୍ଚିଥିବା ପ୍ରଥମ ଭାରତୀୟ ମହିଳା ହୋଇଥିଲେ ତଥାପି, ବିବାଦ ଉପୁଜିବ କାରଣ ଫାଇନାଲ ଦିନ ୩୦ ବର୍ଷୀୟ ଖେଳାଳିଙ୍କ ଓଜନ ୧୦୦ ଗ୍ରାମ ଅଧିକ ବୋଲି ଜଣାପଡିଥିଲା ଏବଂ ତାଙ୍କୁ ସମଗ୍ର ଇଭେଣ୍ଟରୁ ଅଯୋଗ୍ୟ ଘୋଷଣା କରାଯାଇଥିଲା।ଏହା ପରେ ଭିନେଶ ତାଙ୍କର ଅଫିସିଆଲ୍ ଏକ୍ସ ଆକାଉଣ୍ଟରେ ହିନ୍ଦୀରେ ଏକ ବିବୃତ୍ତି ରଖିବେ, ଯେଉଁଥିରେ ସେ ତାଙ୍କ କ୍ୟାରିୟରରୁ ଅବସର ନେଉଛନ୍ତି ବୋଲି କହିଥିଲେ।

# ଲାହୋରରେ ଲବଙ୍କ ସମାଧିରେ ପ୍ରାର୍ଥନା କଲେ ରାଜୀବ ଶୁକ୍ଳା

ନୂଆଦିଲ୍ଲୀ,୬।୩: ବିସିସିଆଇ ଉପାଧ୍ୟକ୍ଷ ରାଜୀବ ଶୁକ୍ଳା, ଯିଏ ବର୍ତ୍ତମାନ ଚାମ୍ପିଅନ୍ସ ଟ୍ରଫି ୨୦୨୫ ପାଇଁ ପାକିସ୍ତାନ ଗସ୍ତରେ ଅଛନ୍ତି। ଏହି ସମୟରେ ସେ ଲାହୋରର ଏକ ପ୍ରାଚୀନ ଦୁର୍ଗ ପରିଦର୍ଶନ କରିଥିଲେ, ଯେଉଁଠାରେ ଭଗବାନ ରାମଙ୍କ ପୁତ୍ର ଲବଙ୍କ ଏକ ପ୍ରାଚୀନ ସମାଧି ଅଛି।



ସୋସିଆଲ ମିଡିଆରେ ତାଙ୍କ ଗସ୍ତର ଫଟୋ ସେୟାର କରି ରାଜୀବ ଶୁକ୍ଳା କହିଛନ୍ତି, ଲାହୋର ନାମ ମଧ୍ୟ ତାଙ୍କ (ଲବ) ରୁ ଆସିଛି ମୋତେ ସେଠାରେ ପ୍ରାର୍ଥନା କରିବାର ସୁଯୋଗ ମିଳିଥିଲା। ମୋ ସହିତ ପାକିସ୍ତାନର ଗୃହମନ୍ତ୍ରୀ ମୋହସିନ ନକଭି ଥିଲେ, ଯିଏ ଏହି ସମାଧିର ପୁନରୁଦ୍ଧାର କାର୍ଯ୍ୟ ତଦାରଖ କରୁଛନ୍ତି। ମୋହସିନ ତାଙ୍କ ମୁଖ୍ୟମନ୍ତ୍ରୀ କାର୍ଯ୍ୟକାଳ ସମୟରେ ଏହି କାର୍ଯ୍ୟ ଆରମ୍ଭ କରିଥିଲେ।

ଅନ୍ୟ ଏକ ପୋଷ୍ଟରେ ସେ କହିଛନ୍ତି, ଲାହୋରର ପୌର ରେକର୍ଡ ଅନୁଯାୟୀ ଏହି ସହର ପ୍ରଭୁ ରାମଙ୍କ ପୁଅ ଲଭଙ୍କ ନାମରେ ପ୍ରତିଷ୍ଠିତ ହୋଇଥିଲା, ଯେତେବେଳେ କସୁର ସହର ତାଙ୍କ ଅନ୍ୟ ପୁଅ କୁଶଙ୍କ ନାମରେ ନାମିତ ହୋଇଥିଲା। ପାକିସ୍ତାନ ସରକାର ମଧ୍ୟ ଏହି ସତ୍ୟକୁ ସ୍ୱୀକାର କରନ୍ତି, ବିସିସିଆଇ ଉପାଧ୍ୟକ୍ଷ କହିଛନ୍ତି।

ବୁଧବାର, ଶୁକ୍ଳା କହିଥିଲେ ଯେ ଏହା ଅତ୍ୟନ୍ତ ସ୍ପଷ୍ଟ ଏବଂ ସ୍ପଷ୍ଟ ଯେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ କ୍ରିକେଟ୍ ପୁନଃଆରମ୍ଭ ଭାରତ ସରକାରଙ୍କ ଅନୁମତି ଉପରେ ନିର୍ଭର କରେ। ପାକିସ୍ତାନରେ ଗଣମାଧ୍ୟମ ସହିତ କଥାବାର୍ତ୍ତା କରି ଶୁକ୍ଳା ସ୍ୱୀକାର କରିଛନ୍ତି ଯେ ଉଭୟ ଦେଶର (ଭାରତ ଏବଂ ପାକିସ୍ତାନ) ପ୍ରଶଂସକମାନେ ପରସ୍ପରର ମାଟିରେ ଦ୍ୱିପାକ୍ଷିକ ମ୍ୟାଚ୍ ଖେଳିବାକୁ ଚାହାଁନ୍ତି, ଏକ ନିରପେକ୍ଷ ସ୍ଥାନରେ ନୁହେଁ।

ଆମେ (ବିସିସିଆଇ) ସରକାରଙ୍କ ସମ୍ମୁଖରେ ଆମର ମତ ରଖୁ କିନ୍ତୁ ସେମାନେ ବିଚାର ବିମର୍ଶ ପରେ ନିଷ୍ପତ୍ତି ନିଅନ୍ତି ଯେତେବେଳେ ସରକାର ନିଷ୍ପତ୍ତି ନିଅନ୍ତି, ଏହା ଅନେକ ଦିଗ ଉପରେ ବିଚାର କରିବା ପରେ ହୋଇଥାଏ ଏହା ସେମାନଙ୍କର ଆଭ୍ୟନ୍ତରୀଣ ବ୍ୟାପାର, ସେ କହିଛନ୍ତି।

# ଭୁବନେଶ୍ୱର କଳିଙ୍ଗ ସ୍ପୋର୍ଟିଂ ଚମ୍ପିୟାନ୍

ଖଣ୍ଡପଡା,୬।୩(ମହାଭାରତ) ଖଣ୍ଡପଡା ମଧୁବନ ମିନିଷ୍ଟାଡିୟମ ପରିସରରେ ସ୍ପୋର୍ଟସ ଆସୋସିଏସନ୍ ଆନୁକୁଲ୍ୟରେ ଚାଲିଥିବା ୬ଷ୍ଠ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍ ବୁଧବାର ଶେଷ ହୋଇଛି। ଫାଇନାଲ୍ ମ୍ୟାଚ୍‌ରେ ପରସ୍ପରକୁ ଭେଟିଥିଲେ କଟକର ଯୁବଜ୍ୟୋତି କ୍ଲବ୍ ଓ ଭୁବନେଶ୍ୱର କଳିଙ୍ଗ ସ୍ପୋର୍ଟିଂ। ଉଭୟ ଟିମ୍ ମଧ୍ୟରେ ମ୍ୟାଚ୍ ବରାବର ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଭୁବନେଶ୍ୱର କଳିଙ୍ଗ ସ୍ପୋର୍ଟିଂ ୧-୦ ଟ୍ରାଇବ୍ରେକର ଗୋଲ୍‌ରେ କଟକ ଯୁବଜ୍ୟୋତି କ୍ଲବ୍‌କୁ ପରାସ୍ତ କରି ଚଳିତ ବର୍ଷ ଚମ୍ପିୟାନ ହୋଇଥିବା ଜଣାପଡ଼ିଛି। ମୁଖ୍ୟ ରେଫରୀ ଭାବେ ରାଜୁ ମହାନ୍ତି ମ୍ୟାଚ୍‌କୁ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନ୍‌ରେ ସହାୟତା କରିଥିଲେ ପ୍ରସନ୍ନ କୁମାର ନାୟକ, ପ୍ରଫୁଲ୍ଲ ବେହେରା ଓ ବାପି ମହାନ୍ତି। ୪ର୍ଥ ରେଫରୀ ଭାବେ କ୍ରୀଡ଼ାଶିକ୍ଷକ ସମୀର ଖୁଂଟିଆ ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟ ଅତିଥି ରୁପେ ପିପିଲି ବିଧାୟକ ଆଶ୍ରୀତ ପଟ୍ଟନାୟକ ଓ ସମ୍ମାନୀତ ଅତିଥି ଭାବେ କ୍ରୀଡ଼ା ପ୍ରଶାସକ ଭାରତୀ ଭୁଷଣ ମିଶ୍ର, ଖଣ୍ଡପଡ଼ା ବ୍ଲକ୍ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ, ତହସିଲଦାର ବିଶ୍ୱ ବିଶ୍ରୁତ ତ୍ରିପାଠୀ, ପୂର୍ବତନ ଖଣ୍ଡପଡ଼ା ବ୍ଲକ୍ ଅଧ୍ୟକ୍ଷା ସୀତା ସ୍ୱାଇଁ, ଯୁବ ସମାଜସେବୀ ଭୋଳାନାଥ ମହାନ୍ତି, ସିନେ ଅଭିନେତା ପୁପିନ୍ଦର, ସଂଗଠକ ଚିତରଞ୍ଜନ ମିଶ୍ର, ବରିଷ୍ଠ କ୍ରୀଡ଼ାବିତ୍ ଭିକାରୀ ଖଣ୍ଡାୟତ ପ୍ରମୁଖ ଉପସ୍ଥିତ ରହି ଉଭୟ ଦଳର ଖେଳାଳୀ ଓ ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗ ଦେଇଥିଲେ।

# ଦିନିକିଆରୁ ମୁସଫିକରଙ୍କ ଅବସର

ଢାକା,୬।୩: ଚାମ୍ପିଅନ୍ସ ଟ୍ରଫି ୨୦୨୫ର ଫାଇନାଲ ମ୍ୟାଚ୍ ମାର୍ଚ୍ଚ ୯ରେ ଦୁବାଇରେ ଖେଳାଯିବ କିନ୍ତୁ ଏହାର ୪ ଦିନ ପୂର୍ବରୁ, ବାଂଲାଦେଶୀ ଉଇକେଟକିପର-ବ୍ୟାଟ୍ସମ୍ୟାନ ମୁସଫିକର ରହିମ ଏକଦିବସୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି।୧୯ ବର୍ଷର କ୍ୟାରିୟର ପରେ ସେ ଏହି ଫର୍ମାଟକୁ ଅଲ୍‌ବିଦା କହିଛନ୍ତି। ସେ ୨୦୦୬ରେ ହରାରେରେ ଜିମ୍ବାୱେ ବିପକ୍ଷରେ ତାଙ୍କର ଏକଦିବସୀୟ ଡେବ୍ୟୁ କରିଥିଲେ। ୩୭ ବର୍ଷୀୟ ମୁସଫିକର ଫେବୃଆରୀ ୨୪ ତାରିଖରେ ଚାମ୍ପିଅନ୍ସ ଟ୍ରଫିରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଏହି ଫର୍ମାଟରେ ତାଙ୍କର ଶେଷ ମ୍ୟାଚ୍ ଖେଳିଥିଲେ। ତେବେ ସେମାନେ ଫେବୃଆରୀ ୨୭ ତାରିଖରେ ପାକିସ୍ତାନ ବିପକ୍ଷରେ ଖେଳିବାର କାର୍ଯ୍ୟକ୍ରମ ଥିଲା କିନ୍ତୁ ବର୍ଷା ଯୋଗୁ ମ୍ୟାଚ୍ ବାତିଲ ହୋଇଯାଇଥିଲା।



ମୁସଫିକର ରହିମ ଏକ ଇନଷ୍ଟାଗ୍ରାମ ପୋଷ୍ଟ ମାଧ୍ୟମରେ ଏକଦିବସୀୟରୁ ଅବସର ନେବା ବିଷୟରେ ସୂଚନା ଦେଇଛନ୍ତି। ସେ ଲେଖିଛନ୍ତି, ମୁଁ ଆଜିଠାରୁ ଫର୍ମାଟରୁ ଅବସର ଘୋଷଣା କରୁଛି। ସବୁକିଛି ପାଇଁ ଆଲ୍ଲାହୁ ଆକବର। ଯଦିଓ ବିଶ୍ୱ ସ୍ତରରେ ଆମର ସଫଳତା ସୀମିତ ହୋଇଛି, କିନ୍ତୁ ଗୋଟିଏ କଥା ନିଶ୍ଚିତ ଯେ ଯେତେବେଳେ ମୁଁ ମୋ ଦେଶ ପାଇଁ ମଇଦାନରେ ପାଦ ଦେଇଥିଲି, ମୁଁ ସମର୍ପଣ ଏବଂ ସଚ୍ଚୋଟତାର ସହିତ ଖେଳିଥିଲି ଏବଂ ମୋର ୧୦୦%ରୁ ଅଧିକ ଦେଇଛି।ସେ ଆହୁରି କହିଛନ୍ତି, ଗତ କିଛି ସପ୍ତାହ ମୋ ପାଇଁ ବହୁତ ଚ୍ୟାଲେଞ୍ଜିଂ ଥିଲା ଏବଂ ମୁଁ ଅନୁଭବ କରିଛି ଯେ ଏହା ମୋର ଭାଗ୍ୟ। ଶେଷରେ ମୁଁ ମୋ ପରିବାର, ବନ୍ଧୁ ଏବଂ ପ୍ରଶଂସକମାନଙ୍କୁ ହୃଦୟର ଗଭୀରତାରୁ ଧନ୍ୟବାଦ ଦେବାକୁ ଚାହୁଁଛି, ଯେଉଁମାନଙ୍କ ପାଇଁ ମୁଁ ୧୯ ବର୍ଷ ଧରି କ୍ରିକେଟ ଖେଳିଥିଲି।

୨୦୨୫ ଚାମ୍ପିଅନ୍ସ ଟ୍ରଫିରେ ବାଂଲାଦେଶର ପ୍ରଦର୍ଶନ ପ୍ରଭାବଶାଳୀ ନ ଥିଲା। ସେ ଗୋଟିଏ ବି ମ୍ୟାଚ୍ ଜିତି ନପାରି ଗ୍ରୁପ ପର୍ଯ୍ୟାୟରୁ ବାଦ ପଡ଼ିଥିଲେ। ବାଂଲାଦେଶ ଭାରତ ବିପକ୍ଷରେ ଟୁର୍ନାମେଣ୍ଟରେ ପ୍ରଥମ ଥର ପାଇଁ ଖେଳିଥିଲା, ଯେଉଁଥିରେ ସେମାନେ ୬ ଉଇକେଟରେ ପରାଜୟର ସମ୍ମୁଖୀନ ହୋଇଥିଲେ। ଏହି ମ୍ୟାଚ୍‌ରେ ମୁସଫିକର ରହିମ ଗୋଲ୍ଡେନ ଡକ୍‌ରେ ଆଉଟ ହୋଇଥିଲେ। ଯେତେବେଳେ ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌ରେ ମୁସଫିକର ମାତ୍ର ୨ ରନ କରିପାରିଥିଲେ ଗ୍ରୁପ ପର୍ଯ୍ୟାୟର ଶେଷ ମ୍ୟାଚ୍‌ରେ ବାଂଲାଦେଶ ପାକିସ୍ତାନ ସହିତ ମୁକାବିଲା କରିବାର ଥିଲା, କିନ୍ତୁ ବର୍ଷା ଯୋଗୁ ମ୍ୟାଚ୍‌ଟି ଧୋଇ ଯାଇଥିଲା।ମୁସଫିକର ରହିମ ହେଉଛନ୍ତି ବାଂଲାଦେଶୀ ଖେଳାଳି ଯିଏ ରେ ସର୍ବାଧିକ ମ୍ୟାଚ୍ ଖେଳିଛନ୍ତି ସେ ୨୭୪ଟି ମ୍ୟାଚ୍ ଖେଳିଛନ୍ତି, ଯେଉଁଥିରେ ସେ ୨୫୬ଟି ଇନିଂସରେ ୩୬.୪୨ ହାରରେ ୭୭୯୫ ରନ କରିଛନ୍ତି।ଏହି ସମୟ ମଧ୍ୟରେ ସେ ୯ଟି ଶତକ ଏବଂ ୪୯ଟି ଅର୍ଦ୍ଧଶତକ ହାସଲ କରିଥିଲେ କେବଳ ଏତିକି ନୁହେଁ, ଜଣେ ଉଇକେଟକିପର ଭାବରେ ସେ ୨୪୩ଟି କ୍ୟାଚ ନେଇଥିଲେ ଏବଂ ୫୬ଟି ଷ୍ଟମ୍ପିଂ ମଧ୍ୟ କରିଥିଲେ।

# ଆଇସିସିକୁ ଦାୟୀ କଲେ ମିଲର

ନୂଆଦିଲ୍ଲୀ,୬।୩: ନ୍ୟୁଜିଲାଣ୍ଡ ବିପକ୍ଷରେ ଚାମ୍ପିଅନ୍ସ ଟ୍ରଫିର ସେମିଫାଇନାଲ ମୁକାବିଲାରେ ପରାଜିତ ହୋଇଛି।ଦକ୍ଷିଣ ଆଫ୍ରିକା ଏହାପରେ ଦଳର ଭେଟେରାନ ଖେଳାଳି ଡେଭିଡ୍ ମିଲର ବଡ଼ ବୟାନ ଦେଇ ଭାରତ ଯୋଗୁ ଦଳ ପରାଜିତ ହୋଇଛି ବୋଲି କହିଛନ୍ତି।

ଟୁର୍ନାମେଣ୍ଟରୁ ବାଦ୍ ପଡ଼ିବା ପରେ ମିଲର୍ ଆଇସିସିର ଯାତ୍ରା ବ୍ୟବସ୍ଥାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କାରଣ ଏହା ହାଇବ୍ରିଡ ମଡେଲରେ ଖେଳାଯାଉଛି। ଗ୍ରୁପ୍ ମୁକାବିଲାରୁ କିଏ ଫାଇନାଲ ଖେଳିବ ତାହା ସ୍ପଷ୍ଟ ନ ହେବା ଯୋଗୁ ଗ୍ରୁପ୍ ବିର ଦୁଇ ସେମିଫାଇନାଲିଷ୍ଟ ଦକ୍ଷିଣ ଆଫ୍ରିକା ଏବଂ ଅଷ୍ଟ୍ରେଲିଆ। ପାକିସ୍ତାନରୁ ଦୁବାଇ ଆସିଥିଲେ। ଭାରତ ନ୍ୟୁଜିଲାଣ୍ଡ ବିପକ୍ଷରେ ବିଜେତା ହେବା ପରେ ଦକ୍ଷିଣ ଆଫ୍ରିକା ପୁଣିଥରେ ପାକିସ୍ତାନ ଫେରିଥିଲା।କାରଣ ସେମିଫାଇନାଲ ଲାହୋରରେ ଖେଳାଯିବାର ଥିଲା। ଏହି ଅତିରିକ୍ତ ଯାତ୍ରାକୁ ଭୁଲ ଦର୍ଶାଇଛନ୍ତି ମିଲର।



ଡେଭିଡ ମିଲର କହିଛନ୍ତି,ଉଡ଼ାଣ କେବଳ ଗୋଟିଏ ଘଣ୍ଟା ୪୦ ମିନିଟ ପାଇଁ ଥିଲା, କିନ୍ତୁ ଆମକୁ ଏହି ଯାତ୍ରା କରିବାକୁ ପଡିଲା, ଯାହା ଠିକ ନଥିଲା। ଏହା ସକାଳର ବିମାନ ଥିଲା, ଆମକୁ ମ୍ୟାଚ ପରେ ଯାତ୍ରା କରିବାକୁ ପଡିଲା। ତାପରେ ଆମେ ଅପରାହ୍ନ ୪ଟାରେ ଦୁବାଇରେ ପହଞ୍ଚିଲୁ ଏବଂ ସକାଳ ୭:୩୦ରେ ଫେରିବାକୁ ପଡିଲା। ଆମେ ୫ ଘଣ୍ଟାର ବିମାନ ଯାତ୍ରା କରି ଫେରିଥିଲୁ ଏବଂ ଆମ ପାଖରେ ବିଶ୍ରାମ ନେବା ଏବଂ ସମ୍ପୂର୍ଣ୍ଣ ସୁସ୍ଥ ଅନୁଭବ କରିବା ପାଇଁ ଯଥେଷ୍ଟ ସମୟ ଥିଲା। କିନ୍ତୁ ଏହି ପରିସ୍ଥିତି ଆଦୌ ଠିକ୍ ନ ଥିଲା ବୋଲି ସେ କହିଛନ୍ତି।

କହିରଖୁଛୁ, ଦକ୍ଷିଣ ଆଫ୍ରିକା ସେମିଫାଇନାଲ ମ୍ୟାଚ ହାରିଯାଇଥିଲେ ମଧ୍ୟ ଡେଭିଡ ମିଲରଙ୍କ ବ୍ୟାଟରୁ ଏକ ଲଢୁଆ। ଇନିଂସ ଦେଖିବାକୁ ମିଳିଥିଲା। ଡେଭିଡ ମିଲର୍ ୬୭ ବଲ୍‌ରେ ୧୦୦ ରନ୍‌ର ଅପରାଜିତ ଇନିଂସ ଖେଳିଥିଲେ, ଯେଉଁଥିରେ ୧୦ ଚୌକା ଏବଂ ୪ ଛକା ଅନ୍ତର୍ଭୁକ୍ତ ଥିଲା। ଏହା ଚାମ୍ପିଅନ୍ସ ଟ୍ରଫି ଇତିହାସରେ ସବୁଠାରୁ ଦ୍ରୁତତମ ଶତକ ମଧ୍ୟ ଥିଲା। କିନ୍ତୁ ସେ ତାଙ୍କ ଦଳକୁ ବିଜୟ ଆଡ଼କୁ ନେଇପାରି ନ ଥିଲେ।

# ବାଦ୍ ପଡ଼ିପାରନ୍ତି ପେସର ହେନରୀ

ନୂଆଦିଲ୍ଲୀ,୬।୩: ୨୦୨୫ ଚାମ୍ପିଅନ୍ସ ଟ୍ରଫିର ଫାଇନାଲ ପୂର୍ବରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଏହି ଖବରଟି ନ୍ୟୁଜିଲ୍ୟାଣ୍ଡର ଜଣେ ଷ୍ଟାର ଖେଳାଳିଙ୍କ ସହ ଜଡିତ କି ଦଳର ଦ୍ରୁତ ବୋଲର ମ୍ୟାଟ ହେନରୀ ଆଘାତ ଯୋଗୁ ଫାଇନାଲ ମ୍ୟାଚ୍‌ରୁ ବାଦ ପଡ଼ିପାରନ୍ତି ବୋଲି କୁହାଯାଉଛି। ଯଦି ଏହା ହୁଏ ତେବେ ଏହା ନ୍ୟୁଜିଲ୍ୟାଣ୍ଡ ପାଇଁ ଏକ ବଡ଼ ଝଟ୍‌କା ହେବ। ସେହିଭଳି ଟିମ୍ ଇଣ୍ଡିଆ। ଲାଗି ଆଶ୍ୱସ୍ତିର ବିଷୟ ହେବ କାରଣ ହେନରୀ କେବଳ ଚାମ୍ପିଅନ୍ସ ଟ୍ରଫି ୨୦୨୫ର ସବୁଠାରୁ ସଫଳ ବୋଲର ନୁହନ୍ତି ଟିମ ଇଣ୍ଡିଆ। ବିପକ୍ଷରେ ତାଙ୍କର ରେକର୍ଡ ମଧ୍ୟ ସମାନ। ସେ ଗ୍ରୁପ ପର୍ଯ୍ୟାୟରେ ଭାରତ ବିପକ୍ଷ ମ୍ୟାଚ୍‌ରେ ଏହାର ଟ୍ରେଲର ମଧ୍ୟ ଦେଖାଇଛନ୍ତି।



ମ୍ୟାଟ ହେନରୀଙ୍କ କାନ୍ଧରେ ଆଘାତ ଲାଗିଛି। ଲାହୋରରେ ଦକ୍ଷିଣ ଆଫ୍ରିକା ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିବା। ଦ୍ୱିତୀୟ ସେମିଫାଇନାଲରେ ସେ ଏହି ଆଘାତର ଶିକାର ହୋଇଥିଲେ। ହେନରୀ ଏକ କ୍ୟାଚ୍ ନେବା ସମୟରେ ଆହତ ହୋଇଥିଲେ, ଯାହା ପରେ ତାଙ୍କୁ ମଇଦାନ ଛାଡିବାକୁ ପଡିଥିଲା। ଏଯାବତ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପେଇ ଅପ୍‌ଡେଟ୍ ଆସିନାହିଁ।ମ୍ୟାଚ ଶେଷ ହେବା ପରେ ଅଧିନାୟକ ମିଚେଲ ସାଣ୍ଟନର ମଧ୍ୟ ଅପଡେଟ ଦେଇଥିଲେ ଯେ ସେ ଗମ୍ଭୀର ହୋଇପାରନ୍ତି। କାରଣ ତାଙ୍କ କାନ୍ଧରେ ଫୁଲା ରହିଛି।ହେଲେ ଆମେ ଆଗାମୀ ଦୁଇ ଦିନ ଅପେକ୍ଷା କରିବା ପରେ ହିଁ ଏକ ନିଷ୍ପତ୍ତିରେ ପହଞ୍ଚିବୁ।ଯଦି ମ୍ୟାଟ ହେନରୀ ବାଦ୍ ପଡ଼ନ୍ତି, ତେବେ ଏହା ଫାଇନାଲରେ ଟିମ ଇଣ୍ଡିଆକୁ ଆଶ୍ୱସ୍ତି ଦେଇପାରେ। ସେ ଚାମ୍ପିଅନ୍ସ ଟ୍ରଫି ୨୦୨୫ର ସବୁଠାରୁ ସଫଳ ବୋଲର। ସେ ଏପର୍ଯ୍ୟନ୍ତ ଖେଳାଯାଇଥିବା ୪ଟି ମ୍ୟାଚ୍‌ରେ ୧୦ ଉଇକେଟ ନେଇଛନ୍ତି। ଏହି ୧୦ ଉଇକେଟ ମଧ୍ୟରୁ ସେ ଗ୍ରୁପ ପର୍ଯ୍ୟାୟରେ ଭାରତ ବିପକ୍ଷରେ ୫ଟି ଉଇକେଟ ନେଇଥିଲେ, ୮ ଓଭରରେ ୪୨ ରନ ଦେଇଥିଲେ। ଆମେ ଭାରତ ବିପକ୍ଷରେ ଏକଦିବସୀୟ ମ୍ୟାଚ୍‌ରେ ହେନରୀଙ୍କ ପ୍ରଦର୍ଶନ ଦେଖିଲେ, ସେ ଏପର୍ଯ୍ୟନ୍ତ ଖେଳାଯାଇଥିବା ୧୧ଟି ମ୍ୟାଚ୍‌ରେ ୨୧ ଉଇକେଟ ନେଇଛନ୍ତି ମ୍ୟାଟ ହେନରୀ ୪.୪୮ ଇକୋନୋମି ଏବଂ ୨୧ ଆଭରେଜରେ ଏହି ଉଇକେଟ ନେଇଥିଲେ ।ଏହି ସମୟ ମଧ୍ୟରେ ତାଙ୍କର ବୋଲିଂ ଷ୍ଟ୍ରାଇକ ରେଟ ୨୮ ରୁ କମ ରହିଛି।

୨୦୨୫ ଚାମ୍ପିଅନ୍ସ ଟ୍ରଫିର ଫାଇନାଲ ଭାରତ ଏବଂ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଅନୁଷ୍ଠିତ ହେବାକୁ ଯାଉଛି। ଏହା ତୃତୀୟ ଥର ହେବ। ଯେତେବେଳେ ଉଭୟ ଦଳ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପରସ୍ପର ସହ ମୁହାଁମୁହିଁ ହେବେ। ଏହା ପୂର୍ବରୁ ନ୍ୟୁଜିଲାଣ୍ଡ ଉଭୟ ଥର ଫାଇନାଲରେ ବିଜୟୀ ହୋଇଥିଲା। ଯଦିଓ ପରିସଂଖ୍ୟାନ କିଙ୍କ ପାଖରେ ଅଛି, ଭାରତୀୟ ଦଳ ଏହାକୁ ବଦଳାଇବା ବିଷୟରେ ଚିନ୍ତା କରିବ। ଯଦି ମ୍ୟାଟ ହେନରୀ ଫାଇନାଲରୁ ବାହାର ହୋଇଯାଆନ୍ତି ତେବେ ଟିମ ଇଣ୍ଡିଆ। ବିଜେତା ହେବା ସହଜ ହୋଇଯିବ।।

# ଷ୍ଟିଭ ସ୍ମିଥଙ୍କ ପରେ ୱିଲିୟମସନ ନେବେ ଅବସର !

ନୂଆଦିଲ୍ଲୀ,୬।୩: ୨୦୨୫ ଚାମ୍ପିୟନ୍ସ ଟ୍ରଫିର ସେମିଫାଇନାଲରେ ଅଷ୍ଟ୍ରେଲିଆ। ଭାରତଠାରୁ ୪ ଉଇକେଟ୍‌ରେ ପରାସ୍ତ ହୋଇଛି ଏହା ପରେ, ଷ୍ଟିଭ ସ୍ମିଥ ଦିନିକିଆ। କ୍ରିକେଟରୁ ଅବସର ନେଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛନ୍ତି ତଥାପି, ସ୍ମିଥ ଟି-୨୦ ଏବଂ ଟେଷ୍ଟ ମ୍ୟାଚ ପାଇଁ ଉପଲବ୍ଧ ରହିବେ ଏବେ ଏପରି କଳ୍ପନାଜଳ୍ପନା ଚାଲିଛି ଯେ ଚାମ୍ପିୟନ୍ସ ଟ୍ରଫି ୨୦୨୫ ଟୁର୍ନାମେଣ୍ଟ ଶେଷ ହେବା ପରେ କେନ୍ ୱିଲିୟମସନ ମଧ୍ୟ ଅବସର ଘୋଷଣା କରିପାରନ୍ତି କହି ରଖୁଛୁ ଯେ ଚାମ୍ପିୟନ୍ସ ଟ୍ରଫିର ଫାଇନାଲ ଭାରତ ଏବଂ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ୯ ମାର୍ଚ୍ଚରେ ଖେଳାଯିବ ଫାଇନାଲ ମ୍ୟାଚ ପୂର୍ବରୁ ୱିଲିୟମସନ ଅବସର ନେବେ ବୋଲି କୁହାଯାଉଛି।ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଫାଇନାଲ ମ୍ୟାଚ ନିର୍ଣ୍ଣୟ ହେବା ପରଠାରୁ, ସୋସିଆଲ ମିଡିଆରେ ଦାବି କରାଯାଉଛି ୱିଲିୟମସନ ଫାଇନାଲ ମ୍ୟାଚ ପରେ ଅବସର ନେବେ ଜଣେ ପ୍ରଶଂସକ ଦାବି କରିଛନ୍ତି ଯେ ଭାରତ ଚାମ୍ପିୟନ୍ସ ଟ୍ରଫି ଜିତିବ, ଯାହା ପରେ କେନ ୱିଲିୟମସନ ଦିନିକିଆ। କ୍ରିକେଟରୁ ଅବସର ଘୋଷଣା କରିବେ ଏବଂ ଏହି ଦୁଇଟି ଜିନିଷ ମାର୍ଚ୍ଚ ୯ ରେ ହେବାକୁ ଯାଉଛି। ସୋସିଆଲ ମିଡିଆରେ ବିଭିନ୍ନ ପ୍ରକାରର ଦାବି କରାଯାଉଛି, କିନ୍ତୁ କେନ ୱିଲିୟମସନ ତାଙ୍କ ଅବସର ସମ୍ପର୍କରେ କୌଣସି ଘୋଷଣା କରିନାହାଁନ୍ତି। ଏହି ବିଷୟରେ ନ୍ୟୁଜିଲାଣ୍ଡ ମଧ୍ୟ କୌଣସି ବିବୃତ୍ତି ଜାରି କରିନାହିଁ। ସରଳ ଭାଷାରେ କହିବାକୁ ଗଲେ, ୱିଲିୟମସନଙ୍କ ଅବସର ଖବର କେବଳ ଏକ ଗୁଜବ। ଏହା ୱିଲିୟମସନଙ୍କ ଉପରେ ନିର୍ଭର କରେ ଯେ ସେ ଅବସର ନେବାକୁ ଚାହାଁନ୍ତି କି ନାହିଁ। ୱିଲିୟମସନ ୧୭୨ଟି ମ୍ୟାଚ ଖେଳି ୭,୨୨୪ ରନ କରିଛନ୍ତି ସେ ତାଙ୍କ ଦିନିକିଆ। କ୍ୟାରିୟରରେ ଏପର୍ଯ୍ୟନ୍ତ ୧୫ ଶତକ ଏବଂ ୪୭ ଅର୍ଦ୍ଧଶତକ ରହିଛି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ